# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଜୁନ୍ ୨୧/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 21/2025 Page 16 ₹ 7.00 BALASORE

୫୧ଶ ଭାଗ ୨୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 206 ମୂଲ୍ୟ ₹୭/-




## ଝାଳ ବୁହାଉଛନ୍ତି ସଲମାନ

ବଲିଉଡର ଭାଇଜାନ୍ ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ ଗଲୱାନ ଘାଟି ଉପରେ ଶୁଟିଂ ହେଉଥିବାରୁ ତାଙ୍କୁ ଝାଳବୁହା ପରିଶ୍ରମ କରିବାକୁ ପଡୁଛି।

୧୧

୧୬

## ଯଶସ୍ୱୀ ଜୟସ୍ୱାଲଙ୍କ ଶତକ

ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଖେଳରେ ଶତକ ହାସଲ କରିଛନ୍ତି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ।



## ଟ୍ରମ୍ପ୍ ଡାକିଥିଲେ, ଜଗନ୍ନାଥ ଟାଣି ଆଣିଲେ: ମୋଦି

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନ ପୂର୍ବରୁ କାନାଡାରେ ଜି-୭ ସମ୍ମିଳନୀ ପାଇଁ ସେଠାରେ ଥିଲେ। ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କୁ ଟେଲିଫୋନ୍ କରିଥିଲେ। ଟ୍ରମ୍ପ୍ କହିଥିଲେ, କାନାଡା ଆସିଛନ୍ତି ଯେତେବେଳେ ୱାଶିଂଟନ୍ ହେଇକି ଯାଆନ୍ତୁ। ଏକାଠି ଖାଇବା ଏବଂ କିଛି କଥା ହୋଇଯିବା ବୋଲି ଆଦରର ସହ ନିମନ୍ତ୍ରଣ ଦେଇଥିଲେ। ହେଲେ ଆମେରିକା ରାଷ୍ଟ୍ରପତିଙ୍କୁ ମୋଦି କହିଥିଲେ, ଆପଣଙ୍କ ନିମନ୍ତ୍ରଣ ପାଇଁ ଧନ୍ୟବାଦ, ହେଲେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ୱାଶିଂଟନ୍ ଯାଇ ହେବନାହିଁ। ତାଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଯିବା ବହୁତ ଜରୁରୀ। ସେଥିଲାଗି ତାଙ୍କ ନିମନ୍ତ୍ରଣକୁ ନମ୍ରତାର ସହ ମନା କଲେ। ଓଡ଼ିଶା ଲୋକଙ୍କ ଭଲପାଇବା ଓ ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତି ତାଙ୍କୁ ଏଠାକୁ ଟାଣିଆଣିଲା ବୋଲି ମୋଦି କହିଛନ୍ତି।








ଓଡ଼ିଶାରେ ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱରର ଜନତାମଇଦାନଠାରେ ଶୁକ୍ରବାର ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟକୁ ଉନ୍ମୋଚନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଡବଲ ଇଞ୍ଜିନ ଦେଇଛି ଡବଲ ଲାଭ: ପ୍ରଧାନମନ୍ତ୍ରୀ

**ଓଡ଼ିଶା ମଧ୍ୟ ଦୀର୍ଘବର୍ଷ ଧରି ଅନେକ ସମସ୍ୟା ଦେଇ ଗତି କରୁଥିଲା। ଗରିବ, କୃଷକଙ୍କ ହକ୍ ସେମାନଙ୍କ ନିକଟରେ ପହଞ୍ଚୁ ନ ଥିଲା। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଥିଲା। ଏଠାର ଅନେକ ସ୍ଥାନ ବିକାଶଠାରୁ ବହୁ ଦୂରରେ ଥିଲା। ଏସବୁ ଓଡ଼ିଶାର ଦୁର୍ଭାଗ୍ୟ ହୋଇଯାଇଥିଲା। ଗତ ବର୍ଷକ ମଧ୍ୟରେ ଭାଜପା ସରକାର ଓଡ଼ିଶାରେ ମଜଭୁତ ହୋଇ କାମ କରିଛି। ଆଜି ଯେଉଁ ଅନେକ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି ସେଥିରେ ଡବଲ ଇଞ୍ଜିନର ଛାପ ରହିଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଡବଲ ଲାଭ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।**

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ସରକାର ଗଠନ ହେବାର ବର୍ଷେ ପୂରିଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ସ୍ଥାନୀୟ ଜନତା ମଇଦାନଠାରେ ଶୁକ୍ରବାର ବଡ଼ଧରଣରେ ପାଳନ କରାଯାଇଛି। ଏଥିରେ ଯୋଗଦେବା ଲାଗି ଦିନିକିଆ ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ଆସିଥିଲେ। ଅପରାହ୍ନ ୪ଟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ଏକ ରୋଡ୍ ଶୋରେ ବାହାରି ଜନତା ମଇଦାନ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ମୋଦିପ୍ରେମୀ ତାଙ୍କ ଉପରୁ ଫୁଲ ଫୋପାଡି ସ୍ୱାଗତ ଜଣାଇଥିଲେ। ଜନତା ମଇଦାନଠାରେ ପହଞ୍ଚିବା ପରେ ମୋଦି ଜନସାଧାରଣଙ୍କୁ ସମ୍ବୋଧିତକରି କହିଛନ୍ତି, ଆଜିର ଦିନ ବହୁ ବିଶେଷ ଦିନ। ଓଡ଼ିଶାରେ ଭାଜପା ସରକାର ସଫଳତାର ସହ ପ୍ରଥମ ଗୋଟିଏ ବର୍ଷ ପୂରଣ କରିଛି। ଏହି ସଫଳତା କେବଳ ସରକାରର ନୁହେଁ, ଏହା ସୁଶାସନର ବର୍ଷ । ଏହା ଏକ ଭଲ ସମୟ, ଯେତେବେଳେ ଭାଜପା ସରକାର ଓଡ଼ିଶାରେ ବର୍ଷେ ପୂରଣ କରୁଛି, ରାଜ୍ୟର ଜନସାଧାରଣ ସେତେବେଳେ ରଥଯାତ୍ରାର ଆୟୋଜନ ଚଳାଇଛନ୍ତି। ମହାପ୍ରଭୁ ଆମ ପାଇଁ ଆରାଧ୍ୟ ଦେବତା। ତାଙ୍କ ଆଶୀର୍ବାଦରୁ ଶ୍ରୀମନ୍ଦିର ସହ ଜଡ଼ିତ ବିଷୟ ସମାଧାନ ମଧ୍ୟ ହୋଇଯାଇଛି। ମୋହନ ମାଝୀ ଏବଂ ତାଙ୍କ ସରକାରକୁ ଅଭିନନ୍ଦନ, କାରଣ ସେମାନେ ବହୁ କୋଟି ଶ୍ରଦ୍ଧାଳୁଙ୍କ ମର୍ଯ୍ୟାଦା ରକ୍ଷା କରିଛନ୍ତି। ଏଠାରେ ସରକାର ହେବା କ୍ଷଣି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଗଲା। ଶ୍ରୀମନ୍ଦିରର ରତ୍ନଭଣ୍ଡାର ବି ଖୋଲିଗଲା। ଏହା କୌଣସି ରାଜନୀତି କିମ୍ବା ଜୟ ବା ବିଜୟର ବିଷୟ ନୁହେଁ। ଏହା ବହୁ କୋଟି ଭକ୍ତଙ୍କ ଆସ୍ଥାର ସମ୍ମାନ କରିବାର କାର୍ଯ୍ୟ ହୋଇଛି। ସେ ଏହି ଅବସରରେ କଂଗ୍ରେସକୁ ଟାର୍ଗେଟକରି କହିଛନ୍ତି, ସେହିପରି ସ୍ୱାଧୀନତା ପରେ ଦୀର୍ଘବର୍ଷ ପର୍ଯ୍ୟନ୍ତ ଦେଶରେ ଲୋକମାନେ କଂଗ୍ରେସ ମଡେଲ ଦେଖିଲେ। କଂଗ୍ରେସର ମଡେଲରେ ନା ସୁଶାସନ ନା ଲୋକଙ୍କ ଜୀବନ ☞ପୃଷ୍ଠା-୪


SHAILABALA WOMENS AUTONOMOUS COLLEGE, CUTTACK

GRADUATE & POSTGRADUATE PROFESSIONAL COURSES

ADMISSION NOTICE 2025

| Course | Duration | Eligibility |
|---|---|---|
| MSW (Master in Social Work) | 2 Years (4 Semesters) | Must have a bachelor's degree of minimum 3 years duration or its equivalent (10+2+3) from recognized university with 40% marks for MSW / M.Com & 50% marks for MBA, This criterion applies to all categories. |
| M. Com (F&C) Master in Commerce (Finance & Control) | | |
| MBA Master in Business Administration (Approved by AICTE, New Delhi) | | |

Applications are invited for admission into the above self financing courses for the session 2025-26. The Prospectus and Application Form can be obtained directly by the applicants from the SFC Department on payment of Rs.300/- OR may be downloaded through college website www.shailabalawomenscollege.ac.in and payment ensure through Payphone (8337900578) Sd/- Principal

For any query or Call for Admission : 6371786698, 8249864218

E-mail: shailabalasfc@gmail.com


# ବର୍ଷକରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

**ଏବେ ଦେଶ କହୁଛି, 'ମୋଦି ହେ ତୋ ଦେଶ ସୁରକ୍ଷିତ ହେ'**

- ଦେଶର ଗରିବୀ ହ୍ରାସ ଦେଶ ବଦଳିବା କଥା ପ୍ରମାଣ କରୁଛି
- ଭାଜପା ସରକାର କେବଳ ଏମ୍ଓୟୁ ସାଇନ୍ କରି ରହିଯାଇନି

ବର୍ଷେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା। ଏହି ସଫଳ ବର୍ଷର ଯାତ୍ରା ପରେ ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ସମସ୍ତଙ୍କ ମନୋବଳ ବଢ଼ାଇଛି। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହା ତାଙ୍କର ୬ଷ୍ଠ ଥର ପାଇଁ ଓଡ଼ିଶା ଆଗମନ। ସରକାର ଗଠନର ବର୍ଷକ ମଧ୍ୟରେ ଆମ କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି। କିଛିଦିନ ପୂର୍ବରୁ ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2025

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ୧୬୦୦ କୋଟି ପାସ୍‌ୱାର୍ଡ ଚୋରି

**ସର୍ବବୃହତ୍ ଡେଟା ଉଲ୍ଲଂଘନ**

ୱାଶିଂଟନ୍,୨୦।୬

୨୦୨୫ଆରମ୍ଭରୁଅଦ୍ୟାବଧିଆପଲ୍, ଗୁଗଲ ଓ ଫେସ୍‌ବୁକ୍‌ର ୧୬୦୦ କୋଟି ଲଗ୍‌ଇନ୍ କ୍ରେଡେନ୍ସିଆଲ ଓ ପାସ୍‌ୱାର୍ଡ ଚୋରି ହୋଇଛି। ୩୦ ପୃଥକ୍ ଡେଟାସେଟ୍‌ରେ ୩.୫ ବିଲିୟନ୍ ଲେଖାଏ ରେକର୍ଡ ରହିଥିବାବେଳେ ଏହି ଗୋପନୀୟ ତଥ୍ୟ ସହ ସାଲିସ କରାଯାଇଥିବା ବିଷୟ ସାଇବରନ୍ୟୁଜ୍‌ର ଏକ ସାଇବର ସିକ୍ୟୁରିଟି ଗବେଷକ ଦଳ ଜାଣିବାକୁ ପାଇଛନ୍ତି। ଫୋର୍ବସରେ ପ୍ରକାଶିତ ଉକ୍ତ ରିପୋର୍ଟ ଅନୁସାରେ ସାଇବରନ୍ୟୁଜ୍ ହେଉଛି ଅନ୍ୟତମ ଶୀର୍ଷ ସାଇବର ସିକ୍ୟୁରିଟି ନ୍ୟୁଜ୍ ପ୍ଲାଟ୍‌ଫର୍ମ, ଯାହାକି ରିଅଲ୍-ଟାଇମ୍ ଅପ୍‌ଡେଟ୍, ଥ୍ରେଟ୍ ଇଣ୍ଟେଲିଜେନ୍ସ, ଡେଟା ବ୍ରିଚ୍ ରିପୋର୍ଟ, ଏକ୍ସପର୍ଟ ଆନାଲିସିସ୍ ଆଦି ପ୍ରଦାନ କରିଥାଏ। ସାମ୍ବାଦିକ ଭିଲିଅସ୍ ପେଟ୍‌କଉସ୍‌ସକାସ୍‌ଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ନୀତିରେ ପରିବର୍ତ୍ତନ






# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

# ରାଜ୍ୟସ୍ତରୀୟ ସମାବେଶ

ବର୍ଷ ଏକ ଉପଲବ୍ଧି ଅନେକ





ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜନତା ମଇଦାନରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୁସଜ୍ଜିତ ଯାନରେ ରୋଡ୍ ଶୋ' କରି ପହଞ୍ଚିଛନ୍ତି।



ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରଠାରୁ ଜନତା ମଇଦାନ ଯିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଷ୍ପବୃଷ୍ଟି କରି ସ୍ୱାଗତ କରାଯାଉଛି।



ଭୁବନେଶ୍ୱର ଜନତା ମଇଦାନରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ରେଳ ସେବାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ, ଶିକ୍ଷମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ।



ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷପତି ଦିଦି ସମାରି ଝିଗିଡ଼ିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ସହ କରମର୍ଦ୍ଦନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ...




ଭୁବନେଶ୍ୱର ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ। ନିକଟରେ ଅଛନ୍ତି ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ।





ସମାବେଶରେ ଉପସ୍ଥିତ ଅତିଥି, ଭାଜପା ନେତା, କର୍ମୀ ଓ ଜନସାଧାରଣ।





ବିମାନବନ୍ଦରଠାରୁ ଜନତା ମଇଦାନ ରାସ୍ତାକଡ଼ରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିବା ଭାଜପା କର୍ମୀ, ସମର୍ଥକ ଓ ଜନସାଧାରଣ।




ସମାବେଶରେ ଉପସ୍ଥିତ ବାଚସ୍ପତି, ଏମ୍‌ପି ଏବଂ ବିଧାୟକ ବୃନ୍ଦ।



ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଆୟୋଜିତ ବାଘ ନାଚ ଓ ଆଦିବାସୀ ନୃତ୍ୟ।

# ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା

ଭୋଗରାଇ(ପ୍ରଦୀପ ଦାସ)/ ବାଲେଶ୍ୱର(ବାଞ୍ଛାନିଧି ଦେ), ୨୦।୬

ଉପରମୁଣ୍ଡରେ ବର୍ଷା ଲାଗିରହିବାରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସିଛି। ଝାଡ଼ଖଣ୍ଡ ଗାଲୁଡ଼ିହି ଡ୍ୟାମ୍‌ର ୮ଟି ଗେଟ୍ ଖୋଲିବା ପରେ ସୁବର୍ଣ୍ଣରେଖାରେ ଜଳପତ୍ତନ ବୃଦ୍ଧି ପାଇଛି। ପ୍ରତି ସେକେଣ୍ଡରେ ୨ଲକ୍ଷ ୪ହଜାର କ୍ୟୁସେକ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେଉଥିବା ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀର ଜଳସ୍ତର ଆକସ୍ମିକ ଭାବେ ବୃଦ୍ଧି ପାଇବାରୁ ଶୁକ୍ରବାର ସକାଳୁ ଉତ୍ତର ବାଲେଶ୍ୱର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ନଦୀକୂଳିଆ ଗ୍ରାମବାସୀଙ୍କୁ ଭୟଭୀତ କରିଛି। ସୁବର୍ଣ୍ଣରେଖାର ରାଜଘାଟ ଗେଜଠାରେ ଖବର ଲେଖା ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇ ବିପଦସଂକେତ ୧୦.୩୬ ମିଟର ଊର୍ଦ୍ଧ୍ୱରେ ୧୦.୮୮ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟାଜଳ ବୃଦ୍ଧିପାଇ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ୧୧.୩୫ରେ ପ୍ରବାହିତ ହେବ ବୋଲି ସିଡବ୍ଲ୍ୟୁସି ସୂଚନା ଦେଇଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଥିବା ବେଳେ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ଭୋଗରାଇଠାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଚଡ଼ରେ ଆଶ୍ରୟ ନେଇଥିବା ମାଙ୍କଡ଼।

- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ମୁଖ୍ୟାଳୟ ଛାଡ଼ି ନ ଯିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଅପରପକ୍ଷରେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରତିବର୍ଷ ପ୍ରଭାବିତ ହେଉଥିବା ଶତାଧିକ ନଦୀକୂଳିଆ ଗାଁରେ ନଦୀବନ୍ଧ ପଥର ପ୍ୟାକିଂ ହେଉନଥିବାରୁ ବହୁ ଗାଁ ଏବେ ସୁବର୍ଣ୍ଣରେଖା ଗର୍ଭରେ ଲୀନ ହେବାର ଆଶଙ୍କା ରହିଛି। ନଦୀକୂଳରେ ପଥର ପ୍ୟାକିଂ ନ ହେବାରୁ ଜଳେଶ୍ୱର ବ୍ଲକର ନଦୀର ଉଭୟପାର୍ଶ୍ୱରେ ୫୦ ଗାଁ ସହିତ ବାଲିଆପାଳ ଓ ଭୋଗରାଇ ବ୍ଲକର ଶତାଧିକ ଗାଁରେ ସୁବର୍ଣ୍ଣରେଖା ଅତଡ଼ା ଖାଉଛି। ଏଥିସହିତ ହଜାର ହଜାର ହେକ୍ଟର ଚାଷଜମି ନଦୀ ଖାଇଯାଉଛି। ସୁବର୍ଣ୍ଣରେଖାରୁ ବାଲି ଚୋରାଚାଲାଣକାରୀମାନେ ଦୈନିକ ଶହ ଶହ ଡମ୍ପର, ଟ୍ରକ ଓ ଟ୍ରାକ୍ଟର ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ବେଆଇନ ଭାବେ ଚାଲାଣ କରୁଥିବାରୁ ନଦୀକୂଳ ଗାଁଗୁଡିକ ସୁବର୍ଣ୍ଣରେଖା ଆଁ ଭିତରେ ରହି କୂଳବାସୀଙ୍କୁ ଶଙ୍କିତ କରିଛି। ବାଲିଆପାଳ ବ୍ଲକର କୁହ୍ଲାଚଢ଼, ନୟାବାଲି, କୁଦମାନସିଂ, ବିଷ୍ଣୁପୁର ଇକଡ଼ପାଳ ଆଦି ନଦୀପାଖିଆ ଗାଁ ସହିତ ଭୋଗରାଇ ବ୍ଲକର ରସଲପୁର, କୁହ୍ଲା, ମନୁନଗର, ହୁ ପନ୍ତେଇ, କୁମ୍ଭୀଗଡି, ନାନକାର, ଟୁକୁରୀହାଜିରା, କୀର୍ତ୍ତନିଆ ଆଦି ଗାଁଗୁଡିକରେ ନଦୀର ବ୍ୟାପକ ଅତଡ଼ା ଖସି ବିପଦ ସୃଷ୍ଟି କରିଛି। ପଥର ଉପରେ ଖଣିବିଭାଗ କଟକଣା ଲଗାଇଥିବାବେଳେ ପଥର ଆସି ପାରୁ ନ ଥିବାରୁ କୋଟିକୋଟି ଟଙ୍କାର ନଦୀବନ୍ଧ ଯୋଜନାର କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଥିବାର ସେଚ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୁଆଁ, ଅଧୀକ୍ଷଣ ଯନ୍ତ୍ରୀ ନବ କୁମାର ମହାଳିକ ସହ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନଦୀବନ୍ଧ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଗୁରୁବାର ଆସିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ବେହେରା, ପୂର୍ବତନ ସମିତିସଦସ୍ୟ ଭବେନ୍ଦ୍ର ସାହୁ ପ୍ରମୁଖ ଜନପ୍ରତିନିଧି ଭୋଗରାଇର କୀର୍ତ୍ତନିଆ, ଟୁକୁରୀହାଜିରା କୁମ୍ଭୀଗଡିରେ ସମୁଦ୍ର ଜୁଆର ତଟ ପ୍ରତିବନ୍ଧକ ପଥରବନ୍ଧ, ପ୍ରଖ୍ୟାତ ଭୂଷଣ୍ଡେଶ୍ୱର ଶୈବପୀଠ ପାଖେପାଖେ ଏକ ପିଚୁ ରାସ୍ତା ନିର୍ମାଣ, କୋଷ୍ଟ କେନାଲ ପୁନରୁଦ୍ଧାର ଏବଂ ନଦୀକୂଳ ଖାଉଥିବା ଗାଁଗୁଡ଼ିକରେ ଅବିଳମ୍ବେ ପଥର ବନ୍ଧ କରା ନ ଗଲେ ସୁବର୍ଣ୍ଣରେଖାର ପ୍ରକୋପରେ ବହୁଗାଁ ପ୍ରଭାବିତ ହେବ ବୋଲି ସେଚବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ

### ବହୁ କଂଗ୍ରେସ ନେତା ଓ କର୍ମୀ ଗିରଫ

ଭୁବନେଶ୍ୱର,୨୦।୬(ରବିନାରାୟଣ ଜେନା)

ରାଜ୍ୟରେ ଗଞ୍ଜାମ–ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣବଳାତ୍କାର, କେନ୍ଦୁଝର–ହରିଚନ୍ଦନପୁର ଅଞ୍ଚଳରେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଏବଂ ବାରିପଦାଠାରେ ଜଣେ ମହିଳାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର କରିବା ଘଟଣା ରାଜ୍ୟରେ ନାରୀମାନେ କେତେ ଦୟନୀୟ ଅବସ୍ଥାରେ ଅଛନ୍ତି ତାହା ପ୍ରମାଣିତ କରୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରିବା ଅବସରରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଶାନ୍ତିପୂର୍ଣ୍ଣ ଅନଶନ ବେଳେ ଭକ୍ତ କହିଛନ୍ତି, ରାଜ୍ୟରେ ଭାଜପା ସରକାର ୧ବର୍ଷ ଭିତରେ ମହିଳା ଓ ଶିଶୁଙ୍କ ଉପରେ ହିଂସା, ବଳାତ୍କାର ଓ ଗଣବଳାତ୍କାର ଚରମସୀମାରେ ପହଞ୍ଚିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରି ମିଥ୍ୟା ସଫଳତା ବଖାଣିବା ରାଜ୍ୟବାସୀଙ୍କୁ ଅଧିକ ପୀଡ଼ା ଦେଉଛି। ପୂର୍ବ ବିଜେଡି ସରକାର ସମୟରେ ଦିନକୁ ୭ ଜଣ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ଏବେ ଦିନକୁ ୧୫ ଜଣ ମହିଳା ଗଣବଳାତ୍କାରର ଶିକାର ହେଉଛନ୍ତି। ସବୁକ୍ଷେତ୍ରରେ ବିଫଳ ମୋହନ ସରକାରକୁ ମିଛ ପ୍ରମାଣପତ୍ର ଦେଇ ତୁଚ୍ଛା ବାହାବା ଦିଆ ଚାଲିଛି। ସରକାର ଏସବୁ ଘଟଣାକୁ ହାଲୁକା ଭାବେ ନ ନେଇ ସମ୍ବେଦନଶୀଳ ହୁଅନ୍ତୁ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ତରଫରୁ ଶୁକ୍ରବାର କଂଗ୍ରେସଭବନଠାରେ ଶାନ୍ତିପୂର୍ଣ୍ଣ ଅନଶନ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ଯୁବ କଂଗ୍ରେସ ସଭାପତି ଏବଂ ଯୁବ ଓ ଛାତ୍ର କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଲଗାଇ ରାତି ଅଧିଆ ଏବଂ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କୁ ଅନଶନ ବେଳେ ଗିରଫ କରି ଧର୍ମଘଟରେ ସାମିଲ ହେବାକୁ ରୋକିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଧ୍ୟାହ୍ନଭୋଜନ ଖର୍ଚ୍ଚ ପୁଣି ବଢ଼ିଲା

ଭୁବନେଶ୍ୱର,୨୦।୬ (ସୁଚିସ୍ମିତା ସାହୁ)

ଗ୍ରୀଷ୍ମ ଛୁଟି ସରିବା ପରେ ଶୁକ୍ରବାରଠାରୁ ସାରା ରାଜ୍ୟରେ ସ୍କୁଲ ଖୋଲିଛି। ପ୍ରଥମ ଦିନରୁ ହିଁ ସ୍କୁଲରେ ମଧ୍ୟାହ୍ନଭୋଜନ ମିଳିଛି। ଏପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ରାଶିକୁ ପୁଣି ବୃଦ୍ଧି କରାଯାଇଛି। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୨ଟଙ୍କା ୯୨ପଇସା ଲେଖାଏ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ଟଙ୍କା ଓ ୧୦.୧୭ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ୧.୪୫ଟଙ୍କା ଓ ୧.୬୫ଟଙ୍କା ପ୍ରଦାନ କରୁଥିଲେ। ଏବେ ପ୍ରାଥମିକ ବିଦ୍ୟାଳୟରେ ମିଲ୍ ପିଛା ୧୧.୧୫ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୪.୭୪ ଟଙ୍କାକୁ ବୃଦ୍ଧି ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ପହିଲାରୁ ଲାଗୁହେବ। ସୂଚନାଯୋଗ୍ୟ ଉଭୟ କେନ୍ଦ୍ର–ରାଜ୍ୟ ଭାଗିଦାରୀରେ ଏହି ପିଏମ୍–ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଛାତରୁ ପ୍ଲାଷ୍ଟର ଖସି ଛାତ୍ରଙ୍କ ମୁଣ୍ଡ ଫାଟିଲା

କେନ୍ଦୁଝର,୨୦।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଦେଓବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସ୍କୁଲ ଖୋଲିବାର ପ୍ରଥମ ଦିନରେ ଅଘଟଣ ଘଟିଛି। ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ଛାତ୍ର ଜଣକ ସାନଜିଉଳି ଗ୍ରାମର ଦିବ୍ୟାଂଶୁ ମହାନ୍ତି (୧୦)। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରଙ୍କୁ ଡାକ୍ତରଖାନାକୁ ନ ନେଇ ଘରକୁ ପଠାଇଦେଇଥିଲେ। ଫଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶୁକ୍ରବାର ସମସ୍ତ ସ୍କୁଲ ଖୋଲିଛି। ସମସ୍ତ ପିଲା ପୂର୍ବାହ୍ନ ୧୦ଟାକୁ ଆସିଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟକୁ ପ୍ରବେଶକରିବା ସମୟରେ ହଠାତ୍ ଛାତରୁ ପ୍ଲାଷ୍ଟର ଖସିଥିଲା। ସିମେଣ୍ଟ ଖଣ୍ଡ ଦିବ୍ୟାଂଶୁଙ୍କ ଉପରେ ପଡ଼ିଥିଲା। ଏଥିରେ ତାଙ୍କର ମୁଣ୍ଡ ଫାଟିଯାଇଥିଲା। ତେବେ ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦାୟିତ୍ୱହୀନତା ଭାବେ ଛାତ୍ରଙ୍କ କୌଣସି ଚିକିତ୍ସା କରି ନ ଥିଲେ। ବିଦ୍ୟାଳୟ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଖବର ପାଇ ବିଡିଓ ଖଗେଶ୍ୱର ବରାଳ, ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପଲେଇ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ କହିଛନ୍ତି, ଉକ୍ତ ସ୍କୁଲ ଘରଟି ବହୁ ପୁରୁଣା। ନୂତନ ଗୃହ ନିର୍ମାଣ ପାଇଁ ବ୍ୟୟ ଅଟକଳ କରିବାକୁ ପୂର୍ତ୍ତ ବିଭାଗକୁ ଲେଖାଯାଇଥିବା କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ଏ ନେଇ ଖବର ପାଇଛନ୍ତି। ଯାଞ୍ଚ ପାଇଁ ଆଦେଶ କରିଛି। ସେ ମଧ୍ୟ ନିଜେ ଯାଇ ଘଟଣାର ଅନୁଧ୍ୟାନ କରିବେ।

## ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ସୁରକ୍ଷା ପାଇଁ ତତ୍ପରତା



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିକାଶ ସାଥୀର କର୍ମକର୍ତ୍ତା।

ବାଲେଶ୍ୱର, ୨୦।୬(ବାଞ୍ଛାନିଧି ଦେ)

ନୀଳ ରକ୍ତ କଙ୍କଡ଼ା ଜୈବ ବିବିଧତା, ସାମୁଦ୍ରିକ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ତେଣୁ ଏମାନଙ୍କୁ ଲିଭିଂ ଫସିଲ ୪ର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଜନସଚେତନତା ଅଭାବରୁ ଲୋପ ପାଉଛି ଏହି ବିରଳ କଙ୍କଡ଼ା। ପରିବେଶ ସନ୍ତୁଳନ ପାଇଁ ଏହି ପ୍ରଜାତିର କଙ୍କଡ଼ା ସହ ସାମୁଦ୍ରିକ ଜୀବ ବଞ୍ଚି ରହିବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ମତ୍ସ୍ୟଜୀବୀଙ୍କ ଜାଲରେ କୂଳକୁ ଅଣ୍ଡା ଦେବାକୁ ଆସୁଥିବା କଙ୍କଡ଼ା ଛନ୍ଦି ହୋଇ ମୃତ୍ୟୁବରଣ କରୁଛନ୍ତି। ନଦୀମୁହାଣ ଓ ସମୁଦ୍ର କୂଳରେ ସେମାନେ ମରିପଡ଼ିଥିବାର ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ୍ ହେବା ଜରୁରୀ ବୋଲି ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ଶୁକ୍ରବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

### ସଫେଇ ହେଲା ଚାନ୍ଦିପୁର ବେଳାଭୂମି


ଛାତ୍ରୀଛାତ୍ରମାନେ ବେଳାଭୂମି ସଫେଇ କରୁଛନ୍ତି।

ଆଇୟୁସିଏନ୍ ଏସ୍ଏସ୍‌ସି ଏଚ୍ଏସ୍‌ଜି, ଧରିତ୍ରୀ, ଓଡ଼ିଶା ପୋଷ୍ଟ, ବିକାଶ ସାଥୀ ସଙ୍ଗଠନ, ସୁଇଜରଲାଣ୍ଡର ଫାଉଣ୍ଡେଶନ ସେଗ୍ରେ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ଦୁବାଇ ଏଏସ୍‌ଡ଼ି ଆକାଉଣ୍ଟାଣ୍ଟସ୍ ମିଳିତ ସହଯୋଗରେ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ ପାଳନ ଅବସରରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ନୀଳରକ୍ତ କଙ୍କଡ଼ା ଏବଂ ସାମୁଦ୍ରିକ ଜୈବ ବିବିଧତା ସମ୍ବନ୍ଧୀୟ ବୈଜ୍ଞାନିକ ଅନୁସନ୍ଧାନ, ବେଳାଭୂମି ସଫେଇ ଓ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ସାଥୀ ସଙ୍ଗଠନ ପକ୍ଷରୁ ଗବେଷକ ସମ୍ବିତ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଅଶେଷ କୁମାର ସାହୁ, ପ୍ରଫେସର ମନୋରଞ୍ଜନ ମିଶ୍ର, 'ବିକାଶ ସାଥୀ'ର ଫାଉଣ୍ଡର ସେକ୍ରେଟାରୀ ଡ. ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇ ବାତ୍ୟା, ଜଳବାୟୁ ପରିବର୍ତ୍ତନ ଓ କଳ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ର ଜଳରେ ମିଶିବା ଦ୍ୱାରା ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୀବଙ୍କ ଜୀବନ ଶୈଳୀରେ ବିଘଟନ ଘଟୁଛି। ଫଳରେ ଏମାନଙ୍କ ବଂଶ ବିପଦ ଆଡକୁ ଠେଲି ହୋଇଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀସ୍ତର ସମେତ ବନ ବିଭାଗ, ମତ୍ସ୍ୟଜୀବୀ, ଯୁବ ସଙ୍ଗଠନ ଓ ସ୍ଥାନୀୟ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସମୁଦ୍ର ବେଳାଭୂମି ଓ ନଦୀମୁହାଣକୁ ସଫେଇ କରିଥିଲେ। ଛାତ୍ରୀଛାତ୍ର କବିତା, ଚିତ୍ର ଓ ପୋଷ୍ଟର ମାଧ୍ୟମରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ନିମିତ୍ତ ସମସ୍ତଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବେ ବୋଲି ଶପଥ ନେଇଥିଲେ। ବିକାଶ ସାଥୀ ସଙ୍ଗଠନ ପକ୍ଷରୁ ଆକାଶ ଜେନା, ରଶ୍ମିତା କବାଟ, ରେବତୀ ସିଂ, ସାଇପ୍ରିୟା ନାୟକ, ତୁଷାର ବେହେରା ଏବଂ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଶିକ୍ଷକ ମଳୟ କୁମାର ମହାପାତ୍ର, ସନତ କୁମାର ନାୟକ, ନମିତା ପାତ୍ର, ମୌସୁମୀ ନନ୍ଦ, ଚାନ୍ଦିପୁର ବନବିଭାଗ କର୍ମଚାରୀ ଅଜୟ କୁମାର ଲାୟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।












# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ସ୍ଥାନ: ସକାଳ ୬ଟା।
- ବିଶ୍ୱ ଯୋଗ ଦିବସ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଡିଏଲ୍ କଲୋନୀ, ଭିଏସ୍ଏସ୍ ନଗର, ସମୟ: ସକାଳ ୭ଟା।
- ପରିବେଶ ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ୧୦ମ ଜାତୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ନ୍ୟୁ ମାରିଅନ, ସକାଳ ୯ଟା ୩୦।
- ବିଶ୍ୱ ସଙ୍ଗୀତ ଦିବସ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୬ଟା।
- ଭାଜପା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଏଫ୍ଏମ୍‌ୟୁରେ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୭ଟା ୧୫।

## ଭଦ୍ରକ
- ଜିଲାସ୍ତରୀୟ ଯୋଗ ଦିବସ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଚାନ୍ଦବାଲି ବିଜୁ ସ୍ମୃତି ଭବନ, ସମୟ: ସକାଳ ୭ଟା।

## କେନ୍ଦୁଝର
- ଅନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡ, ସମୟ: ପ୍ରାତଃ ୬ ଟା।
- ଅର୍ନ୍ତଜାତୀୟ ଯୋଗ ଦିବସ, ସ୍ଥାନ: ବଡ଼ବିଲ ଜେଏମଏଫ୍‌ସି କୋର୍ଟ ପରିସର ଏବଂ ବିକାଶ ମହଲ ପଡ଼ିଆ, ସମୟ: ସକାଳ ୮ ଟା ୩୦।

## ମୟୂରଭଞ୍ଜ
- ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ, ସ୍ଥାନ: ଉଦଳା ସିପ୍ରୋନ ଇନକ ହୋଟେଲ ବିବାହ ମଣ୍ଡପ, ସମୟ: ସକାଳ ୫ଟା ୩୦।
- ଜିଲାସ୍ତରୀୟ ବିଶ୍ୱ ଯୋଗ ଦିବସ, ସ୍ଥାନ: ଷ୍ଟାଡିୟମ, ବାରିପଦା,ସମୟ:ସକାଳ ୬ଟା।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ,ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ମୋରଡ଼ା,ସମୟ:ସକାଳ ୬ଟା ୩୦।
- ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ, ସ୍ଥାନ:ବେଲଗଡ଼ିଆ ଉପ୍ରା ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜେଏମ୍ଏମ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ:ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଆନ୍ତଜାତିକ ଯୋଗ ଦିବସ ପାଳନ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୬ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: କେସି ହାଇସ୍କୁଲ ଖେଳପଡିଆ,ସମୟଁ ସକାଳ ୬ଟା୩୦।
- ଭାରତ ବିକାଶ ପରିଷଦ ପକ୍ଷରୁ ଯୋଗ ଦିବସ ପାଳନ, ସ୍ଥାନ: ଭାରତ ବିକାଶ ପରିଷଦ କାର୍ଯ୍ୟାଳୟ,ସମୟ: ସକାଳ ୮ଟା ୩୦।
- ଯୋଗ ଦିବସ, ସ୍ଥାନ: ଏଆଇଏମ ଇଣ୍ଟରନ୍ୟାସନାଲ ସ୍କୁଲ, ସମୟ ; ସକାଳ ୮ଟା ୩୦।
- ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଯୋଗ ଦିବସ ପାଳନ, ସ୍ଥାନ: ନୀଳାଦ୍ରି ବିହାର,ସମୟ: ସକାଳ ୯ଟା।
- ଅଲ ଇଣ୍ଡିଆ ଥିଏଟର କାଉନସିଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନେହେରୁ ପାର୍କ ନିକଟ ନନ୍ଦନ ହୋଟେଲ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଆସିକା ବ୍ଲକ ଓ ଏନ୍ଏସିସ୍ତରୀୟ ଯୋଗ ଦିବସ ପାଳନ, ହରିହର ହାଇସ୍କୁଲ ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।

## କନ୍ଧମାଳ
- ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ହାଇସ୍କୁଲ ପଡ଼ିଆ କ.ନୂଆଗାଁ, ସମୟ: ସକାଳ ୬ ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ ସକାଳ: ୬ଟା।

## ଢେଙ୍କାନାଳ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆ, ସମୟ: ସକାଳ ୬ଟା

## ଅନୁଗୋଳ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।

## ଜଗତ୍‌ସିଂହପୁର
- ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ସମୂହ ଯୋଗ ଶିବିର ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଇଫ୍‌କୋ ପରିସରରେ ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଇଫ୍‌କୋ ଟାଉନଶିପ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ଆନ୍ତର୍ଜାତିକ ଯୋଗଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ବାଲିଯାତ୍ରା ପଡ଼ିଆ, ବତିଘର ପାଖ, ପାରାଦୀପ, ସମୟ: ସକାଳ ୬ଟା ୩୦।
- ପାରାଦୀପ ପୌରପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଅଣୁ ଖତ ପ୍ରକ୍ରୀୟାକରଣ କେନ୍ଦ୍ର, ରଙ୍ଗିଆଗଡ, ପାରାଦୀପ, ସମୟ: ମଧାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଇଣ୍ଡୋର ଷ୍ଟାଡିଅମ, ଇଚ୍ଛାପୁର, କପିଳେଶ୍ୱରଜୀଉ ପୀଠ, ଠାକୁରପାଟଣା, ଡେରାବିଶ, ମାର୍ଶାଘାଇ ମହାବିଦ୍ୟାଳୟ, ମାର୍ଶାଘାଇ, ବତିଘର, ମହାକାଳପଡ଼ା, ଟାଉନହଲ, କେନ୍ଦ୍ରାପଡ଼ା ସହର, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ. ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କୁଦାନଗରୀ, ଗରଦପୁର,ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ନାମଯଜ୍ଞ,ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା

## ଯାଜପୁର
- ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀକ ଯୋଗ ଦିବସ, ସ୍ଥାନ: ଯାଜପୁର ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।
- ବ୍ୟାସନଗର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ସାଢ଼େ ୬ଟା।
- ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବ୍ୟାସନଗର ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଯାଜପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼
- ବିଶ୍ୱ ଯୋଗ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ସାଗର ପୁଷ୍କରିଣିସ୍ଥ ବୁଦ୍ଧ ଯୋଗ ମଣ୍ଡପ, ସମୟ: ସକାଳ ୫ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ବିଶ୍ୱ ଯୋଗ ଦିବସ, ସ୍ଥାନ: ଖଣ୍ଡପଡ଼ା ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।

## ରାୟଗଡ଼ା
- ୱାକର୍ସ କ୍ଲବ ପକ୍ଷରୁ ଆନ୍ତର୍ଜାତିୟ ଯୋଗ ଦିବସ, ସ୍ଥାନ:ପ୍ରେମ ପାହାଡ଼ ପରିସର, ରାୟଗଡା, ସମୟ: ସକାଳ ୬ଟା ।
- ଆନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଗୁଡାରି ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଭାରତୀ ନୃସିଂହ ଯୋଗ ଓ ବାସ୍ତୁ ଏକାଡେମୀ ପକ୍ଷରୁ ଯୋଗ ଦିବସ, ସ୍ଥାନ: ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟ, ପିତାମହଲ ପରିସର, ସମୟ: ସକାଳ ୬ଟା ୩୦ ।
- ଗୁଣପୁର ପୌର ପରିଷଦ ପକ୍ଷରୁ ଆର୍ନ୍ତଜାତୀୟ ଯୋଗ ଦିବସ, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ସକାଳ ୭ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ସକାଳ ୬ଟା।
- ଯୋଗ ଦିବସ, ସ୍ଥାନ: ଝରିଗାଁ ସରକାରୀ ପଞ୍ଚାୟତ ନୋଡାଲ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୬ ଟା।
- ଆନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଡାବୁଗାଁ ବ୍ଲକ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ସମୟ: ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: କୋଷଗୁମୁଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୬ଟା ୩୦।
- ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍, ଉମରକୋଟ, ସମୟ: ସକାଳ ୭ଟା।
- ଏକ ପେଡ ମାକେ ନାମ, ସ୍ଥାନ: ଉମରକୋଟ ୱାର୍ଡ ନମ୍ବର ୨ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୯ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ପରବ ପଡିଆ, ନନ୍ଦପୁର, ସମୟ: ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ସକାଳ ୬ଟା।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ, କୋରାପୁଟ, ସମୟ : ସକାଳ ୬ ଟା।
- ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ଚିତ୍ତ ବିନୋଦନ କେନ୍ଦ୍ର, ଜୟନଗର, ଜୟପୁର, ସମୟ:ସକାଳ ୬ଟା।
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ, ସ୍ଥାନ: କେସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ, ଜୟପୁର, ସମୟ: ୬ଟା ୩୦।
- ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସଚେତନତା ରାଲି, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ:ସକାଳ ୮ଟା।
- ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବର ପର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ସୁନାବେଡା-୧, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି
- ଜିଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ, ମାଲକାନଗିରି ,ସମୟ: ସକାଳ ୫ଟା ୩୦।
- ବିଏସ୍ଏଫ୍ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଏମ୍‌ଭି-୩ ସ୍ଥିତ ବିଏସ୍ଏଫ କ୍ୟାମ୍ପ, ସମୟ: ସକାଳ ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଶିରେ ଶ୍ରୀଚନ୍ଦ୍ର ସହ ଶୁକ୍ରଙ୍କ ସଂଯୋଗ ବୈଷୟିକ ସୁଖ ସମୃଦ୍ଧି ପ୍ରଦାନ କରିବ। ପାରିବାରିକ ସ୍ଥିତି, ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସାଙ୍ଗକୁ ବିଳାସପ୍ରିୟ ହେବେ। ମୁହଁ ସାମ୍ନାରେ ଭଲ କହୁଥିବା ଲୋକଟି ପଛରେ ସମାଲୋଚନା କରୁଥିବା ଶୁଣିବାକୁ ପାଇବେ। ବ୍ୟବସାୟରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପସ୍ତେଇବେ।

**ବୃଷ** ବୁଧାଦିତ୍ୟ ଯୋଗ ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁ ସହଯୋଗର ହାତ ବଢ଼ାଇବା ଫଳରେ କୌଣସି କାମ ଅଟକିବ ନାହିଁ। ଆଜି କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ସୌଭାଗ୍ୟଲାଭ କରିବେ।

**ମିଥୁନ** ରାଶିରେ ପାପଗ୍ରହ ଏବଂ ଦ୍ୱିତୀୟସ୍ଥ ବୁଧ ଆପଣଙ୍କ ମନ ଭିତରର ଉତ୍ତେଜନାକୁ ପ୍ରକାଶ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଲାଭଭାବରେ ଶୁକ୍ରଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗଜନିତ ବିଳାସବ୍ୟସନ ଦିଗକୁ ମନ ଆକର୍ଷିତ ହେବ। କିନ୍ତୁ ମୁଖଭାବସ୍ଥ ମଙ୍ଗଳ ଓ କେତୁ ଆପଣଙ୍କ ରୁକ୍ଷ ବ୍ୟବହାରଜନିତ ସମସ୍ୟାର ସମ୍ମୁଖୀନ ହେବେ। ପାରସ୍ପରିକ ମତଭେଦ କାରଣରୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତରେ ସଫଳତା ଅର୍ଜନ କରିବେ।

**ସିଂହ** ବଳହୀନ ଭାଗ୍ୟାଧିପ ପାପଗ୍ରହ ଯୁକ୍ତ ହେତୁ କୌଣସି କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇ ନପାରେ। ତଥାପି ଆନୁଷ୍ଠାନିକ କାମରେ ତଥା କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନପୂର୍ବକ ଟେନ୍‌ସନ ଦୂର ହୋଇପାରେ। କଚେରି ମାମଲା ଶୁଣାଣିରୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା** କର୍ମଭାବସ୍ଥ ରାଶ୍ୟାଧିପ ଗୁରୁଯୁକ୍ତ କାରଣରୁ ପାରିବାରିକ, ବ୍ୟବସାୟିକ ତଥା ଯାତ୍ରା ଓ କର୍ମାରମ୍ଭ ପାଇଁ ମନ୍ଦ ହେବନି। ଧନାଧିପ ଧନସ୍ଥାନକୁ ଦେଖୁଥିବାରୁ ବୈଷୟିକ ସୁଖ ସମୃଦ୍ଧି ଅନୁଭବ କରିବେ। ଶତ୍ରୁତା କରୁଥିବା ଲୋକଟି ବାଧିଲା ଭଳି କଥା କହିପାରେ। ସାମାଜିକ ସ୍ତରରେ ଅସମ୍ମାନିତ ହୋଇପାରନ୍ତି।

**ତୁଳା** ଶୁକ୍ର ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ପାପମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ କାହାକୁ କିଛି ନ କହିଲେ ମଧ୍ୟ ମନଟା ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କଠାରୁ ଦୂରତା ରଖି କାମ କରିବା ଭଲ ହେବ। ତଥାପି ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେଇପାରେ।

**ବିଛା** ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ନୀରବତା ଅନ୍ୟମାନଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ନିଜ ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** ରାଶିକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଆପଣଙ୍କ ବିଚାରଧାରା ବିକ୍ଷିପ୍ତ ହୋଇପାରେ। ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ କିନ୍ତୁ କାମ ଅଟକିବ ନାହିଁ।

**ମକର** ସପ୍ତମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଶୁକ୍ରଯୁକ୍ତ ହେତୁ ଯାତ୍ରା ଏବଂ ସନ୍ତାନଙ୍କ ବିବାହ ପ୍ରସ୍ତାବ ସମ୍ପର୍କୀୟ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ ଆପଣଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ। ଅନ୍ୟମନସ୍କତା କାରଣରୁ ସମସ୍ୟା ଉପୁଜିପାରେ।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି, ସଭାସମିତି ଓ ଆନୁଷ୍ଠାନିକ କାମରେ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବେ। କ୍ରୀଡ଼ା, ସଙ୍ଗୀତ ଓ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** କେନ୍ଦ୍ରସ୍ଥ ଗ୍ରହଙ୍କ ପ୍ରଭାବରେ ବନ୍ଧୁଙ୍କ ସହଯୋଗ କାମରେ ସହାୟକ ହେବ। ପିଲାଙ୍କ ସମସ୍ୟା ସମାଧାନ ସକାଶେ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହୋଇପାରନ୍ତି।

ଆଜି ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ, ଶନିବାର। ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଚନ୍ଦନ ବା ଖଳିଲାଗି, ଚକାବିଜେ, ଦଶମୂଳନୈବେଦ୍ୟ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୧୦ା୦୯ ଗତେ ଘ.୧୨ା୧୪ ମଧ୍ୟେ, ଘ.୦୩ା୦୬ ଗତେ ଘ.୦୩ା୪୬ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୮ା୩୦ ଗତେ ଘ.୧୦ା୦୯ ମଧ୍ୟେ ରାହୁକାଳ।

## ୩୦ରୁ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା

### ଅଗ୍ନିପଥ ଯୋଜନା, ନିୟମିତ କ୍ୟାଡର ନିଯୁକ୍ତି

କଟକ,୨୦ ।୬(କାର୍ତ୍ତିକ ସାହୁ): ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ନିଯୁକ୍ତି ୨୦୨୫-୨୬ ବର୍ଷ ନିମନ୍ତେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ଜୁନ ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କୋଲକାତା ନିଯୁକ୍ତି ଜୋନ ନିମନ୍ତେ ଦେଶର ୧୮ଟି ସହରର ୨୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶା ପାଇଁ କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ବ୍ରହ୍ମପୁର (ଗଞ୍ଜାମ) ଆଦି ୭ଟି ସ୍ଥାନରେ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦେବା ପାଇଁ ଗତ ଏପ୍ରିଲ ୨୫ ସୁଦ୍ଧା ପଞ୍ଜୀକରଣ କରିଥିବା ପ୍ରାର୍ଥୀମାନେ ଅନ୍‌ଲାଇନ ଜରିଆରେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ କରିପାରିବେ। ଯେଉଁ ପଞ୍ଜୀକୃତ ପ୍ରାର୍ଥୀମାନେ ଆଡମିଟ କାର୍ଡ ପାଇନାହାନ୍ତି, ସେମାନେ ନିଜ ନିଜ ଅଞ୍ଚଳର ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିସତକୁ ଭଉଣୀ ଜୋଇଁ ଭଲ**
**ଠେଲା ପେଲା କରି କାଟୁଆ କାଳ ।**

ସ୍ୱାମୀ ମରିଗଲେ ବା ନ ଥିଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜୋଇଁ ପରି ଆପଣାର ଚିହ୍ନାଜଣା ବ୍ୟକ୍ତିକୁ ଧରି ତାକୁ ମୁରବି ବୋଲି ମାନି ଗୁଜରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ ହୋଇ କରିବା ଅର୍ଥରେ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ବରଷେ କଳା ମେଘ**
**ବରଷେ ଧଉଳିଆ**
**ନ ପୋଷଇ ଚିକ୍କଣିଆ**
**ପୋଷଇ କାଳିଆ।।**

ସବୁ ବାଦଲ ବରଷି ନ ଥାଏ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ, କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡ଼ବଡ଼ିଆ କିଛି କରନ୍ତିନାହିଁ। ଧନୀପୁଅ ପଇସା ହେଇଗଲେ ବଡ଼ଲୋକି ଦେଖେଇ ଦୂରେଇ ଯାଆନ୍ତି। ଅଭାବ ଅନଟନ ରେ ରହୁଥିବା ମୂଲିଆପୁଅ ହିଁ ସାହାଭରସା ଯୋଗାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଡବଲ ଇଞ୍ଜିନ ଦେଇଛି ...

ସହଜ ଥିଲା। ବିକାଶର ପରିଯୋଜନାକୁ ଅଟକାଇବା, ଲଟକାଇବା, ଭଟକାଇବା, ପ୍ରବଳ ମାତ୍ରାରେ ଦୁର୍ନୀତି କଂଗ୍ରେସର ବିକାଶ ମଡେଲର ପରିଚୟ ଥିଲା। ଗଲା କିଛି ବର୍ଷ ହେଲା ଦେଶବାସୀ ବ୍ୟାପକ ମାତ୍ରାରେ ଭାଜପା ବିକାଶର ମଡେଲ ଦେଖୁଛନ୍ତି। ଗତ ଦଶନ୍ଧିରେ ଦେଶର ଏମିତି କେତେ ରାଜ୍ୟ ଅଛି ଯାହା ପ୍ରଥମ ଥର ଭାଜପା ସରକାର ହୋଇଛି। ଏହି ରାଜ୍ୟରେ କେବଳ ସରକାରରେ ପରିବର୍ତ୍ତନ ହୋଇନାହିଁ। ସେହି ରାଜ୍ୟଗୁଡ଼ିକରେ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ସ୍ତରରେ ନୂଆ ଦୌଡ ଆରମ୍ଭ ହୋଇପାରିଛି। ଉଦାହରଣ ସ୍ୱରୂପ ଆସାମ ସ୍ଥିତି ବହୁ ବର୍ଷ ଧରି ଖରାପ ଥିଲା। ସେଠାରେ ଅସ୍ଥିରତା, ହିଂସା ଏହିସବୁ ନଜରକୁ ଆସୁଥିଲା। ହେଲେ ଏବେ ଆସାମ ବିକାଶର ନୂଆ ରାସ୍ତା ଦେଇ ଦୌଡ଼ୁଛି। ସେହିପରି ତ୍ରିପୁରାରେ ବହୁ ବର୍ଷ ଧରି ବାମପନ୍ଥୀ ଶାସନ ଚାଲିଥିଲା। ଭାଜପାକୁ ସେଠାରେ ସରକାର କରିବାକୁ ଲୋକମାନେ ସୁଯୋଗ ଦେଲେ। ଭାଜପା ସରକାର ଆସିବା ପରେ ତ୍ରିପୁରା ଶାନ୍ତି ଏବଂ ପ୍ରଗତିର ମଡେଲ ହୋଇପାରିଛି। ଓଡ଼ିଶା ମଧ୍ୟ ଦୀର୍ଘବର୍ଷ ଧରି ସେହିପରି ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଥିଲା। ଆୟୁଷ୍ମାନ ଯୋଜନା ଏଠାରେ ପୂର୍ବରୁ ଲାଗୁ କରାଯାଉ ନ ଥିଲା। ଏବେ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଉଭୟ ଲାଭ ଲୋକମାନେ ପାଉଛନ୍ତି। ଏହାଦ୍ୱାରା ରାଜ୍ୟବାସୀ ବାହାର ରାଜ୍ୟରେ ମଧ୍ୟ ମାଗଣା ଚିକିତ୍ସା ପାଉଛନ୍ତି। ସୁରଟରେ ଦୁଇ ପାଦ ଚାଲିଲେ ଜଣେ ଜଣେ ଓଡିଆ ଲୋକ ମିଳିବେ। ସେଠାରେ ରହୁଥିବା ଓଡିଆ ଲୋକମାନେ ଆୟୁଷ୍ମାନ ଭାରତର ଲାଭ ପାଇପାରିବେ। ବର୍ଷ ତଳ ପର୍ଯ୍ୟନ୍ତ ଏହି ସୁବିଧା ଲୋକଙ୍କୁ ମିଳୁ ନ ଥିଲା। ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ 'ସୋନେ ପେ ସୁହାଗା' ହୋଇଛି। ଓଡ଼ିଶାରେ ୨୩ ଲକ୍ଷରୁ ଅଧିକ ବୟସ୍କ ଲୋକଙ୍କୁ ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା ଯୋଜନାରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ପ୍ରଥମେ ଓଡିଶାର ଚାଷୀଙ୍କୁ କିଷାନ ସମ୍ମାନ ନିଧି ଯୋଜନାର ଲାଭ ମିଳୁ ନ ଥିଲା। ଏଠାରେ ଧାନର ଏମ୍ଏସ୍‌ପି ବଢାଇବା ଲାଗି ନେଇଥିବା ନିଷ୍ପତ୍ତି ପୂରଣ ହେଇଛି। ପୂର୍ବରୁ କେନ୍ଦ୍ରର ଅନେକ ଯୋଜନାର ଲାଭ ଓଡିଶାର ହିତାଧିକାରୀଙ୍କୁ ମିଳିପାରୁ ନ ଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନାର ସବୁ ଲାଭ ଓଡ଼ିଶାବାସୀଙ୍କୁ ମିଳିପାରୁଛି। ନିର୍ବାଚନ ସମୟରେ ଯେଉଁସବୁ ପ୍ରତିଶ୍ରୁତି ଜନସାଧାରଣଙ୍କୁ ଦେଇଥିଲୁ ତାକୁ ପୂରଣ ତୁରନ୍ତଭାବେ କରିଚାଲିଛୁ। ଓଡ଼ିଶାରେ ଜନଜାତିମାନଙ୍କ ସଂଖ୍ୟା ବହୁତ ଅଧିକ ରହିଛି। ଏଠାରେ ଆଦିବାସୀ ସମାଜକୁ ବାରମ୍ବାର ଉପେକ୍ଷିତ କରାଯାଇଛି। ସେମାନେ ସବୁବେଳେ ପଛୁଆ, ଗରିବ ଏବଂ ଅଭାବୀ ରହିଥିଲେ। ଦୀର୍ଘଦିନ ଧରି ଦେଶରେ ଶାସନ କରିଥିବା ଦଳ ସବୁବେଳେ ନିଜ ରାଜନୀତି ଲାଗି ଆଦିବାସୀମାନଙ୍କୁ ବ୍ୟବହାର କରିଥିଲା। ସେମାନେ ଆଦିବାସୀଙ୍କୁ କେବେ ବିକାଶ ଦେଇନାହାନ୍ତି କି ଭାଗୀଦାରି ମଧ୍ୟ ଦେଲେ ନାହିଁ। ସେମାନଙ୍କୁ ସେହି ଦଳ ନକ୍ସଲବାଦ, ହିଂସା ଏବଂ ଆତଙ୍କବାଦ ରାସ୍ତାକୁ ଠେଲି ଦେଇଥିଲା। ପରିସ୍ଥିତି ଏମିତି ଥିଲା ୨୦୧୪ ପୂର୍ବ ପର୍ଯ୍ୟନ୍ତ ବହୁ ଆଦିବାସୀ ଜିଲା ନକ୍ସଲ ହିଂସାର ଜାଲରେ ରହିଥିଲେ। ଆଦିବାସୀମାନଙ୍କ ଜାଗାକୁ ରେଡ୍ କରିଡରର ନାମ ଦେଇ ରଖିଦିଆଯାଇଥିଲା। ବହୁ ଆଦିବାସୀ ଜିଲାକୁ ପଛୁଆ ଜିଲା ଘୋଷଣା କରିଦିଆଯାଇଥିଲା। ହେଲେ ଭାଜପା ସରକାର ଆଦିବାସୀମାନଙ୍କୁ ହିଂସାର ରାସ୍ତାରୁ ବାହାରକୁ ଆଣି ବିକାଶ ଦିଗରେ ନେବାରେ ସଫଳ ହେଇପାରିଛୁ। ଦେଶରୁ ନକ୍ସଲବାଦ ସଫା ହେବା ମୋଦିଙ୍କ ଗ୍ୟାରେଣ୍ଟି। ଜନଜାତିଙ୍କ ବିକାଶ ଲାଗି ଦୁଇଟି ବଡ ଯୋଜନା କେନ୍ଦ୍ର ସରକାର କରିଛନ୍ତି। ଏହି ଦୁଇ ଯୋଜନାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ଓଡିଶାରେ ବହୁତ ବଡ ମାଛ ଧରାଳି ରହିଛନ୍ତି। ସେମାନଙ୍କ ଲାଗି କିଷାନ କ୍ରେଡିଟ୍ କାର୍ଡର ସୁବିଧା ମିଳୁଛି। ପାରାଦୀପ, ଚଣ୍ଡିଖୋଲ, ଗୋପାଳପୁର ଭଳି ଅନେକ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ବର୍ଷକରେ ଲୋକଙ୍କ ...


ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ତା'ର ୧୧ ବର୍ଷର ଯାତ୍ରା ପୂର୍ଣ୍ଣ କରିଛି ଏବଂ ୩ୟ ଅବଧିର ପ୍ରଥମ ବର୍ଷ ମଧ୍ୟ ପୂରଣ ହୋଇଛି। ଦେଶ ତାଙ୍କ ହାତରେ ସୁରକ୍ଷିତ ଅଛି। ସୈନ୍ୟବାହିନୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କ ଅସ୍ତିତ୍ୱ ହଜାଇ ଦେଇଛନ୍ତି। 'ଅପରେଶନ ସିନ୍ଦୂର' କେବଳ ଆତଙ୍କବାଦୀଙ୍କ ବିରୋଧରେ ଏକ ସେନା ଅଭିଯାନ ନୁହେଁ, ଏହା ଭାରତର ମାଆ, ଭଉଣୀ ଓ ଝିଅମାନଙ୍କ ପାଇଁ ଏକ ଭରସା। ଅପରେଶନ ସିନ୍ଦୂର ସହ ଏକ ନୂଆ ଭାରତ ଉଦୟ ହୋଇଛି- ଯାହା କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ। ଏହି ନୂଆ ଭାରତ ନିଜ ଭାଗ୍ୟ ନିଜେ ଲେଖିବ। ପୂର୍ବରୁ ଲୋକମାନେ କହୁଥିଲେ, ମୋଦି ହେ ତୋ ମୁମ୍‌କିନ୍ ହେ। ବର୍ତ୍ତମାନ ସମଗ୍ର ଦେଶ କହୁଛି - ମୋଦି ହେ ତୋ ଦେଶ ସୁରକ୍ଷିତ ହେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶର ନୂତନ ଶିଖର ଛୁଇଁଛି। ୧୧ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଉନ୍ନତି ଘଟିଛି। ଭାରତ ବିଶ୍ୱର ୪ର୍ଥ ସବୁଠୁ ବଡ଼ ଅର୍ଥନୀତି ହୋଇଛି ଏବଂ ଖୁବ୍‌ଶୀଘ୍ର ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ହେବାକୁ ଯାଉଛି। ଦେଶରେ ଅତି ଗରିବୀ ୨୭.୧%ରୁ କମି ୫.୩% ହୋଇଯାଇଛି। ଏହା ପ୍ରମାଣିତ କରୁଛି, ମୋଦିଙ୍କ ନେତୃତ୍ୱରେ ଦେଶ ବଦଳୁଛି ଓ ଦ୍ରୁତଗତିରେ ବିକାଶର ରାସ୍ତାରେ ଅଗ୍ରସର ହେଉଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ବର୍ଷେ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। ଆପଣ ଦେଇଥିବା ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍ ମନ୍ତ୍ରକୁ ଆଧାରକରି ଆମେ ଆଗକୁ ବଢୁଛୁ। ଆଜି ଆମ ଦେଶର ରାଷ୍ଟ୍ରପତି, ଆମ ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ। ଏହି ଶୁଭ ଅବସରରେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ। ଭାଜପା ସରକାରଙ୍କ ପ୍ରଥମ ବର୍ଷରେ ଆମେ ଅନେକ ଉପଲବ୍ଧି ହାସଲ କରିପାରିଛୁ। ଏହି ବର୍ଷକ ମଧ୍ୟରେ ଆମର କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣିପାରିଛି। ଏହାସହ ରାଜ୍ୟବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ସ୍ପଷ୍ଟ ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ କରିଛୁ। ଏହି ବର୍ଷ ଭିତରେ ସେ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଗସ୍ତକରି ସବୁ ବର୍ଗର ଲୋକଙ୍କ ସହ ମିଶିଛନ୍ତି ଏବଂ ସମସ୍ତଙ୍କ ସୁଖଦୁଃଖ ସହ ସାମିଲ ହୋଇଛନ୍ତି। ସବୁ ଜିଲାର ସାଂସ୍କୃତିକ ସ୍ୱତନ୍ତ୍ରତା ସହିତ ପରିଚିତ ମଧ୍ୟ ହୋଇଛନ୍ତି। ଏହି ବର୍ଷକ ଭିତରେ ରାଜ୍ୟର ଚାଷୀଙ୍କୁ ଧାନ କିଣାରେ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଅଧିକ ଇନପୁଟ୍ ଆସିଷ୍ଟାନ୍ସ ପ୍ରଦାନ ଓ ପିଏମ୍ କିଷାନ-ସିଏମ୍ କିଷାନ ଯୋଜନା ମାଧ୍ୟମରେ ବାର୍ଷିକ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା, ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ସାମିଲକରିବା, ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଏବଂ ଲକ୍ଷପତି ଦିଦି ସୃଷ୍ଟିରେ ଓଡ଼ିଶା ଦେଶରେ ପ୍ରଥମ ହେବା, ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିବା ଏବଂ ନୂତନ ଶିକ୍ଷାନୀତି-୨୦୨୦ ପରି ଐତିହାସିକ ଯୋଜନାଗୁଡ଼ିକ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପଞ୍ଚାୟତଗୁଡିକରେ ଚଳିତ ଆର୍ଥିକ ବର୍ଷଠାରୁ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ସହ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଐତିହ୍ୟ ବିଦ୍ୟାଳୟ ଯୋଜନା ଓ ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କରାଯାଇ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି। ରାଜ୍ୟର ଆଦିବାସୀ ବର୍ଗର ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାର କମ୍ କରିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ମା'ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି। ଏବେ ସୁଦ୍ଧା ୧୦ଟି ନିଯୁକ୍ତିମେଳା ଆୟୋଜନକରି ୨୮,୩୪୬ ଜଣ ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରାଯାଇଛି। ଭାଜପା ସରକାର କେବଳ ଏମ୍‌ଓୟୁ ସାଇନ୍ କରି ରହିଯାଇନି, ଗତ ୧୪୦ ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ଉଦ୍ୟୋଗ ଆରମ୍ଭ ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୧୬୦୦ କୋଟି ...

ନେତୃତ୍ୱରେ ସାଇବରନ୍ୟୁଜର ଏକ ଟିମ୍ ପ୍ରଘଟ କରିଛି ଯେ, ପ୍ରମୁଖ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରୁ ୧୬ ବିଲିୟନ୍ ଲଗଇନ୍ କ୍ରେଡେନ୍ସିଆଲ, ପାସୱାର୍ଡ ଓ ସମ୍ବେଦନଶୀଳ ଡେଟା ଲିକ୍ ହୋଇଯାଇଛି। ଭିଲିଅସ୍‌ଙ୍କ ଅନୁସାରେ ବିଭିନ୍ନ ଇନ୍‌ଫୋଷ୍ଟିଲର ମାଲ୍‌ୱେର୍ ଆଟାକ୍ ଯୋଗୁ ଏହି ତଥ୍ୟ ପ୍ରଘଟ ହୋଇଛି। ଇନ୍‌ଫେକ୍ଟେଡ୍ ଉପକରଣଗୁଡ଼ିକରୁ ଗୋପନୀୟ ଭାବେ ୟୁଜରନେମ୍, ପାସୱାର୍ଡ ଓ ଅନ୍ୟ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ ପାଇଁ ମାଲିସିୟସ୍ ସଫ୍ଟୱେର ପ୍ରସ୍ତୁତ କରାଯାଇଥିଲା। ଏହା ଜରିଆରେ ସୋସିଆଲ ମିଡିଆ ଆକାଉଣ୍ଟ, ଭିପିଏନ୍, ଡେଭେଲପର ଟୁଲ୍ସ ଓ ଆପଲ୍, ଗୁଗଲ, ଗିଟ୍‌ହବ, ଟେଲିଗ୍ରାମ୍ ଆଦି ଅନ୍‌ଲାଇନ୍ ସେବା ସମେତ ସରକାରୀ ପୋର୍ଟାଲ ପାଇଁ ବ୍ୟବହୃତ ଲଗଇନ୍ ସୂଚନା ଲିକ୍ ହୋଇଛି।


DSPL - 130
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଅନ୍ତର୍ଜାତୀୟ
ଯୋଗ ଦିବସ-୨୦୨୫
୨୧ ଜୁନ୍ ୨୦୨୫ | ସକାଳ ୬.୦୦ ଘଟିକା
କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
"ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ" ପାଇଁ ଯୋଗ
ନିୟମିତ ଯୋଗ କରନ୍ତୁ, ସୁସ୍ଥ ରହନ୍ତୁ
OIPR-29001/13/0091/2526
କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାର

" ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

-ଅଣସର ଦଶମୀ, ଖଳିଲାଗି ଏକାଦଶୀ ଓ ହଳ ନିଷେଧ



# ନୀତିରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ଏବେ ଯୁଗ୍ମ ସଚିବ ଚୟନ ପାଇଁ ନିୟମ କୋହଳ କରିଛନ୍ତି। ଅଧିକ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଦାୟିତ୍ୱ ନେବା ଲାଗି ଉତ୍ସାହିତ କରିବା ସକାଶେ ଏହା କରାଯାଇଛି। ତେବେ ସମୟ ସବୁ କିଛି ସ୍ପଷ୍ଟ କରୁଛି। କେନ୍ଦ୍ରରେ ୧୪୬୯ ଆଇଏଏସ୍ ଅଧିକାରୀ ଆବଶ୍ୟକ ଥିବାବେଳେ ୨୦୨୩ ସୁଦ୍ଧା ମାତ୍ର ୪୪୨ ଅଧିକାରୀ ଥିଲେ। ଏହା ଏକ ବିରାଟ ଅନ୍ତର। ପରିବର୍ତ୍ତିତ ନିୟମ ଅନୁଯାୟୀ, କେନ୍ଦ୍ରରେ ଅଣ୍ଡର-ସେକ୍ରେଟାରୀ ଭାବେ ଯେଉଁମାନେ ଦୁଇବର୍ଷ କାମ କରିଛନ୍ତି ସେମାନଙ୍କୁ ଯୁଗ୍ମ ସଚିବ ପଦବୀକୁ ପଦୋନ୍ନତି ଦିଆଯିବ। ପୂର୍ବ ନିୟମ ଅନୁଯାୟୀ ଏହି ପଦବୀ ପାଇଁ ଜଣଙ୍କୁ ପ୍ରଥମେ ନିର୍ଦ୍ଦେଶକ କିମ୍ବା ଉପ ସଚିବ ହେବାକୁ ପଡୁଥିଲା। ଏହି ପଦକ୍ଷେପ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ବଢ଼ାଇଛି। ପରିବର୍ତ୍ତିତ ନିୟମ ଅଧିକାରୀମାନଙ୍କୁ ଆରାମଦାୟକ ଜିଲା ଡିଏମ୍ ପଦବୀରେ ରହିବା କିମ୍ବା କେନ୍ଦ୍ରକୁ ଯିବା ପାଇଁ ବାଧ୍ୟ କରେ। ଜଣେ ଅଧିକାରୀ ଉପହାସ ଛଳରେ କହିଛନ୍ତି, ଏହା 'କର ବା ମର' ଭଳି ସ୍ଥିତି। ଯଦି ତୁମେ ଏବେ କେନ୍ଦ୍ର ପଦବୀକୁ ହାତଛଡ଼ା କରିବ, ତେବେ ତୁମ ହାତରୁ ସବୁଦିନ ପାଇଁ ଯୁଗ୍ମ ସଚିବ ପଦବୀ ଚାଲିଯିବ। ଅନେକ ପର୍ଯ୍ୟବେକ୍ଷକ କହନ୍ତି, ଅଣ୍ଡର ସେକ୍ରେଟାରୀ ସ୍ତରକୁ ଯିବାରେ ସାମାନ୍ୟ ଲାଭ ଅଛି। କିନ୍ତୁ ସ୍ଥାନୀୟ ଅଧିକାରୀରୁ ନର୍ଥବ୍ଲକ୍‌ରେ ଗୁରୁତ୍ୱହୀନ ପଦବୀକୁ ଯିବାକୁ ଜଣେ କାହିଁକି ଚାହିଁବ ? ଏହି ପଦକ୍ଷେପ କେନ୍ଦ୍ରରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବ ନାହିଁ। ଅନେକ ସମୟରେ ବାବୁମାନଙ୍କୁ ସେମାନଙ୍କ ରାଜ୍ୟ ରିଲିଭ୍ କରିବାକୁ ଅମଙ୍ଗ ହୋଇଥାନ୍ତି। ନିୟମ ପରିବର୍ତ୍ତନ ଆମୂଳଚୂଳ ପରିଚାଳନାର ସଙ୍କେତ ଦେଉଛି। କାର୍ଯ୍ୟରେ ସକ୍ରିୟତା ଆଣିବାକୁ କେନ୍ଦ୍ର ଚାହୁଁଥିବା ବେଳେ ରାଜ୍ୟଗୁଡ଼ିକ ସେମାନଙ୍କ ଅଧିକାର ଜାରି ରଖିବାକୁ ଚାହାନ୍ତି। କେବଳ ମଝିରେ ଅଧିକାରୀ ଜଣେ ଫସି ରହନ୍ତି କିମ୍ବା ଜଟିଳ ସମସ୍ୟାରେ ପଡ଼ନ୍ତି। ନୀତିରେ ପରିବର୍ତ୍ତନ ହେଉଛି ଏକ ପଦକ୍ଷେପ, କିନ୍ତୁ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଯଥେଷ୍ଟ ହୋଇ ନ ପାରେ।

### କାନ୍ତଙ୍କ କାର୍ଯ୍ୟକାଳ

ଚାରି ଦଶନ୍ଧି ଧରି ସିଭିଲ ସର୍ଭିସରେ ସେବା ଯୋଗାଇଥିବା ଅମିତାଭ କାନ୍ତ ନୀତି ଆୟୋଗର ସିଇଓ ଥିଲେ। ସେ ୨୦୨୨ରୁ ଭାରତର ଜି୨୦ର ଶେର୍‌ପା ବା ମାର୍ଗଦର୍ଶକ ଭାବେ ଦାୟିତ୍ୱ ତୁଲାଇବା ପରେ ପଦତ୍ୟାଗ କରି ତାଙ୍କର ୪୫ ବର୍ଷର ଦୀର୍ଘ ଉଲ୍ଲେଖନୀୟ କାର୍ଯ୍ୟକାଳ ଏହିଠାରେ ଶେଷ ହେଲା ବୋଲି ସୂଚିତ କରିଛନ୍ତି। ଦେଖିବାକୁ ଗଲେ ଅଳ୍ପ କେତେଜଣ ଅଧିକାରୀ ଲଗାତର ଭାବେ ଠିକ୍ ସ୍ଥାନରେ, ଠିକ୍ ସମୟରେ ଉଚିତ କ୍ଷମତା କେନ୍ଦ୍ରରେ ରହିଆସିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ହାଇ ପ୍ରୋଫାଇଲ୍ କାର୍ଯ୍ୟକ୍ରମ ୨୦୨୩ ଜି୨୦ ସମ୍ମିଳନୀ ସଞ୍ଚାଳନରେ ଶେର୍‌ପା ଭାବେ ଦେଶକୁ ସାହାଯ୍ୟ କରିଥିଲେ। ଜଳବାୟୁ ଓ ବିକାଶ ଉପରେ ସହମତି ଆଣିବାଠାରୁ ଆରମ୍ଭ କରି ଭୂ-ରାଜନୈତିକ ଜଟିଳତା ମଧ୍ୟରେ ଚତୁରତାର ସହ ଚାଲିବା ପର୍ଯ୍ୟନ୍ତ, ଅନେକ ଗମ୍ଭୀର ତଥା ପୁରୁଣା ବୁଝାମଣା ଶୈଳୀକୁ ପ୍ରତିପାଦିତ କରିଥିଲେ ; ଯାହା ଲାଭଦାୟକ ହୋଇଥିଲା। ତାଙ୍କ କାର୍ଯ୍ୟକାଳ କେବଳ ଭାଷଣରେ ସୀମିତ ନ ଥିଲା, ତାହା ଫଳପ୍ରଦ ଥିଲା। ଶେର୍‌ପା କାର୍ଯ୍ୟକାଳ ପୂର୍ବରୁ ସେ ନୀତି ଆୟୋଗର ସିଇଓ ଥିଲେ ଏବଂ ଭାରତର ଷ୍ଟାର୍ଟଅପ୍, ନୂତନତ୍ୱରେ ଭାରତର ମିଶନର ସେ ଥିଲେ ଆଦ୍ୟ ପ୍ରଣେତା। ତାଙ୍କ ନୀତିର ସ୍ୱର ବେଳେବେଳେ ଅମଲାତନ୍ତ୍ରୀଙ୍କ ବିବାଦକୁ ଥମାଇ ଦେଉପାରୁଥିଲା। ଏବେ ଆଗକୁ ପ୍ରି ଏଣ୍ଟରପ୍ରାଇଜେସ, ଷ୍ଟାର୍ଟଅପ୍ ଓ ଥିଙ୍କ୍‌ଟ୍ୟାଙ୍କ୍‌ଗୁଡ଼ିକୁ ସହଯୋଗ କରିବେ ବୋଲି ସଙ୍କେତ ଦେଇଛନ୍ତି। ଆଶା କରାଯାଏ, ଏହି ସଂସ୍ଥାଗୁଡ଼ିକୁ ଫାଇଲ ମଧ୍ୟରେ ଚାପି ନ ରଖି ସେ ଆଗକୁ ତାଙ୍କ ଦକ୍ଷତା ବଳରେ ବୃହତ୍ ଯୋଜନା କରିବେ। ସେ ସଫଳ ହେବେ କି ନାହିଁ ତାହା ଆଗକୁ ଜଣାପଡ଼ିବ।

### ସ୍ଥାନାନ୍ତର ଆରମ୍ଭ

ସେଣ୍ଟ୍ରାଲ ଭିଷ୍ଟା ଜୋନ୍‌ରେ ଥିବା ତିନୋଟି ନୂଆ ଟାୱାର ମନ୍ତ୍ରଣାଳୟଗୁଡ଼ିକ ପାଇଁ ପୂରା ପ୍ରସ୍ତୁତ। ପାଇଲ (ଫୁଲକୁଣ୍ଡ) ଏବଂ ପ୍ୟାକ କରି କମନ୍ ସେଣ୍ଟ୍ରାଲ ସେକ୍ରେଟାରିଆଟ୍‌କୁ ଯିବାକୁ ମନ୍ତ୍ରଣାଳୟଗୁଡ଼ିକୁ କୁହାଯାଇଛି। ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ତା'କାମ ଆରମ୍ଭ କରିଦେଇଛି। ଅର୍ଥ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯିବା ଲାଗି ପ୍ରସ୍ତୁତ ହେଉଛନ୍ତି। ସରକାରୀ ବିଭାଗଗୁଡ଼ିକ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଖରାପ ଓ ଗହଳିଆ ବିଲ୍ଡିଂରେ ଖେଳାଇ ହୋଇ ରହିଥିଲେ। ସେଗୁଡ଼ିକୁ ଗୋଟିଏ ଜାଗାକୁ ଆଣିଲେ ସମନ୍ୱୟ ବଢ଼ିବ। ଜାଲିଆତି ବା ନକଲି କାର୍ଯ୍ୟ କମିବ ଓ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ କାଗଜପତ୍ର ନେବା ଆଣିବାରେ କିଛି ଅର୍ଥ ବି ବଞ୍ଚାଯାଇପାରିବ। କିନ୍ତୁ ଶାସନ କୌଣସି ଭୌଗୋଳିକ ବିଷୟ ନୁହେଁ, ଗୋଟିଏ ନୂଆ ବିଲ୍ଡିଂକୁ ଗଲେ ବିଳମ୍ବ ଏବଂ ବିବାଦ ସଂସ୍କୃତିର ସମାଧାନ ହେବ ନାହିଁ କିମ୍ବା ଉତ୍ପାଦକତାକୁ କାଗଜ କଲମରେ ମାପିବାର ତଥାକଥିତ ପ୍ରବୃତ୍ତିକୁ ଦୂରେଇ ହେବ ନାହିଁ। ମୋଦି ସରକାରଙ୍କ ଦ୍ୱାରା ନିର୍ମିତ ସେଣ୍ଟ୍ରାଲ ଭିଷ୍ଟା ହେଉଛି ଆକାଂକ୍ଷୀ ଭାରତ ପାଇଁ ଏକ ଦୃଶ୍ୟମାନ ସଙ୍କେତ। ବିଲ୍ଡିଂଗୁଡ଼ିକ ସ୍ୱଚ୍ଛତା ରକ୍ଷା କରିବ ବୋଲି ମନେହେଉଛି। ଅମଲାତନ୍ତ୍ରୀଙ୍କ ମାନସିକତା ତାହାକୁ ଅନୁସରଣ କରିବେ କି ନାହିଁ ତାହା ହିଁ ସମସ୍ୟା। ଆସନ୍ତୁ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିବା। ଏହା ଏକ ସ୍ୱଚ୍ଛ, କେନ୍ଦ୍ରୀକୃତ ତଥା ଅନେକ ଦିନର ବିଳମ୍ବିତ କାର୍ଯ୍ୟକୁ ପୂରଣ କରିବାର ପଦକ୍ଷେପ। କିନ୍ତୁ କେଉଁଠି କର୍ମଚାରୀମାନେ ବସିବେ ତାହା ଉପରେ ଶାସନର ସୁଧାର ନିର୍ଭର କରେ ନାହିଁ ; ତାହା ସେମାନଙ୍କ ଭାବନା, ବିଚାର ଓ ସମନ୍ୱୟ ଉପରେ ନିର୍ଭର କରେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 2 | | | 7 |
| | 8 | 1 | | 3 | | 9 | 4 | |
| | | | | 4 | | | | 5 |
| | | | | 9 | | | | |
| 5 | | | 7 | | | | | |
| | 7 | | | | | 1 | 3 | |
| 7 | | 3 | 4 | 1 | | | | 2 |
| | | 4 | | | | 8 | | 1 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 4 | 6 | 3 | 1 | 9 | 8 |
| 9 | 6 | 8 | 2 | 1 | 7 | 5 | 4 | 3 |
| 1 | 3 | 4 | 9 | 5 | 8 | 7 | 2 | 6 |
| 8 | 9 | 1 | 6 | 4 | 2 | 3 | 5 | 7 |
| 6 | 7 | 5 | 3 | 9 | 1 | 4 | 8 | 2 |
| 4 | 2 | 3 | 8 | 7 | 5 | 9 | 6 | 1 |
| 7 | 1 | 6 | 5 | 2 | 4 | 8 | 3 | 9 |
| 5 | 8 | 9 | 1 | 3 | 6 | 2 | 7 | 4 |
| 3 | 4 | 2 | 7 | 8 | 9 | 6 | 1 | 5 |

ଗତକାଲିର ଉତ୍ତର

# ଚକ୍ରବ୍ୟୂହରେ ନିଯୁକ୍ତି ସ୍ୱଚ୍ଛତା



ରଜତ କୁମାର ମିଶ୍ର

ପ୍ରଶାସନରେ ପାରଦର୍ଶିତା ବିନା ସୁଶାସନ ଦୀର୍ଘସ୍ଥାୟୀ ନୁହେଁ, କାରଣ କୌଣସି ବ୍ୟକ୍ତି ଅବା ସଂସ୍ଥା ତା'ର ପୂର୍ବ ଅଭାବନୀୟ ସ୍ଥିତିକୁ ପୁଣି ଫେରିଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏହାକୁ ରୋକିବାକୁ ହେଲେ ବ୍ୟବସ୍ଥାରେ ପାରଦର୍ଶିତା ନିତାନ୍ତ ଆବଶ୍ୟକ। କିନ୍ତୁ ଜଣେ ଯଦି ନିଜର ଜବାବଦେହି ହେବାର ଦାୟିତ୍ୱକୁ ନିଜ ମୁଣ୍ଡ ଉପରୁ ଖସାଇବାକୁ ଚାହାନ୍ତି, ତେବେ ସେ ଚତୁରତାର ସହ ଅନେକ ତଥ୍ୟ ଲୁଚାଇବାକୁ ନିରାପଦ ମଣନ୍ତି। ଜଣେ ଚତୁର ପ୍ରଶାସକ ଯେ ଏହାର ବ୍ୟତିକ୍ରମ ତାହା ନୁହେଁ। ଏହାର ଉଦାହରଣ ଦେଖିବାକୁ ମିଳିଛି ଆମ ରାଜ୍ୟରେ ହୋଇଥିବା କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇ ଗତବର୍ଷ ଅକ୍ଟୋବର ୫ରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ନିଯୁକ୍ତିର ୮ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ଯଥା କଟ୍ ଅଫ୍ ମାର୍କ ଏବଂ ବ୍ୟକ୍ତିଗତ ମାର୍କ ସାର୍ବଜନୀନ କରାଗଲା ନାହିଁ।

ଏଠାରେ ପ୍ରଶ୍ନ ଆସେ ଯଦି କୌଣସି ନିଯୁକ୍ତିରେ ପରୀକ୍ଷାକୁ ଚୟନର ମାପଦଣ୍ଡ କରାଯାଉଛି ତେବେ ସେହି ପରୀକ୍ଷା ଫଳକୁ ସାର୍ବଜନୀନ କରିବାରେ ଅସୁବିଧା କେଉଁଠି ? ଭିନ୍ନ ଭାବରେ କହିବାକୁ ଗଲେ ପରୀକ୍ଷାର ପ୍ରଦର୍ଶନ ସମ୍ବନ୍ଧୀୟ ତଥ୍ୟ ପ୍ରାର୍ଥୀମାନଙ୍କୁ ନ ଜଣାଇ ଯଦି କେବଳ ସଫଳ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ କରାଯାଏ ତେବେ ତାହା କେତେ ଗ୍ରହଣୀୟ ? କାରଣ ମାର୍କ ସାର୍ବଜନୀନ ନ କରାଯାଇ ଯଦି ସଫଳ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ ତେବେ ଆମେ କିପରି କହିପାରିବା ଯେ ଉକ୍ତ ତାଲିକା ନିଯୁକ୍ତି ପରୀକ୍ଷାର ମାର୍କ ଆଧାରରେ ହୋଇଛି କିମ୍ବା କାହାର ସୁପାରିସ ଆଧାରରେ ? ଏଣୁ ନିକଟରେ ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି କେଲେଙ୍କାରୀ ସମ୍ବନ୍ଧୀୟ ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ବୁଦ୍ଧିଜୀବୀ ମହଲରେ ଆମ ରାଜ୍ୟର ଏହି ନିଯୁକ୍ତିରେ କିଛି ବଡ଼ ଧରଣର ଅନିୟମିତତା ଥିବା ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ କଥା। ଏହି ସନ୍ଦେହକୁ ଦୂର କରି ନିଯୁକ୍ତି ପ୍ରକ୍ରିୟା ଓ ନିଯୁକ୍ତି ସଂସ୍ଥାର ବିଶ୍ୱସନୀୟତା ଫେରାଇ ଆଣିବା, ସେଥିରେ ସମ୍ପୃକ୍ତ ପ୍ରଶାସକଙ୍କ ଏକ ଗୁରୁଦାୟିତ୍ୱ। କିନ୍ତୁ ବିଡ଼ମ୍ବନାର ବିଷୟ, ସୂଚନା ଅଧିକାର ଆଇନ ବଳରେ ତଥ୍ୟ ନ ଦେଇ ଯେଉଁ ଉତ୍ତର ଦେଉଛନ୍ତି ତାହା ସନ୍ଦେହକୁ ଆହୁରି ଘନୀଭୂତ କରିବାରେ ଲାଗିଛି। ସୂଚନା ଅଧିକାର ଆଇନ ଆଧାରରେ କରାଯାଇଥିବା କିଛି ଆବେଦନର ଉତ୍ତର କହୁଛି ଯେ ନିଯୁକ୍ତି ସଂସ୍ଥା (ଓସେପା) ପାଖରେ ଏ ସମ୍ବନ୍ଧୀୟ କୌଣସି ତଥ୍ୟ ନାହିଁ। ଏଭଳି ସାଂଘାତିକ ଉତ୍ତର ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ଏହି ଦୁର୍ଭାଗ୍ୟଜନକ ଘଟଣା ବିଷୟରେ ଜାଣିବା ପରେ ମୁଁ ଜଣେ ନାଗରିକ ଭାବେ ଓସେପା ପକ୍ଷରୁ ଯାହା ଉତ୍ତର ପାଇଲି ତାହା ଆହୁରି ଆଶ୍ଚର୍ଯ୍ୟଜନକ। କହିବା ମୁତାବକ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ସାର୍ବଜନୀନ କରିବା ନିଷ୍ପତ୍ତି ଓସେପା ନୁହେଁ ବରଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନେଇପାରିବେ। ମନରେ ପ୍ରଶ୍ନ ଆସେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶନଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ଏବଂ ମେଧା ତାଲିକା ପ୍ରକାଶ କରିବାର ଗୁରୁଦାୟିତ୍ୱ ଯଦି ଓସେପା ବହନ କରିପାରୁଛି ତେବେ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିବା ନିଷ୍ପତ୍ତି ନେବାକୁ କାହିଁକି ଓସେପା ପଛଘୁଞ୍ଚା ଦେଉଛି ? ଏହା ଏକ ବ୍ୟବସ୍ଥାଜନିତ ଜଟିଳତା ନା ପ୍ରଶାସନିକ ଚତୁରତା ? ପ୍ରଶାସକମାନେ ଯଦି ଅସମ୍ବେଦନଶୀଳ ହୋଇ ଏଭଳି ଘଟଣାର ସୁଦୂର ପ୍ରଭାବକୁ ବିଚାର ନ କରନ୍ତି ତେବେ ସେମାନଙ୍କ ଦ୍ୱାରା ସୁଶାସନ ତ ଦୂରର କଥା ପ୍ରଶାସନରେ ସାମାନ୍ୟତମ ସ୍ୱଚ୍ଛତା ବା ପାରଦର୍ଶିତା ଆସିବା ସମ୍ଭବ ନୁହେଁ। କାରଣ କୌଣସି ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଆଣିବାର ସର୍ବୋତ୍ତମ ଉପାୟ ହେଉଛି ସେହି ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାର୍ବଜନୀନ କରିବା। ଯାହାଫଳରେ କୌଣସି ଅନିଚ୍ଛାକୃତ ତ୍ରୁଟି ବା ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ହୋଇ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତିମୁକ୍ତ କରିହେବ।

ସର୍ବଭାରତୀୟ ସ୍ତରରେ ଦକ୍ଷତାର ପରିଚୟ ଦେଇ ନିଯୁକ୍ତି ପାଇଥିବା ପ୍ରଶାସକମାନେ ନିଜେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତାକୁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ। ପରୀକ୍ଷାଫଳ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସ୍ୱତଃ ନ ଦେଇ ଅତ୍ୟନ୍ତ ଚତୁରତାର ସହ ତଥ୍ୟ ଲୁଚାଇ ଦୁର୍ନୀତିକୁ ପ୍ରଶ୍ରୟ ଦେବା ବୋଧ ହୁଏ ଏମାନଙ୍କର ଧର୍ମ ପାଲଟି ଯାଇଛି। ଗତ ସଚିବାଳୟ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପରୀକ୍ଷା ସମୟରେ ଓଡ଼ିଶା ଲୋକ ସେବା ଆୟୋଗ ପରୀକ୍ଷା ପୂର୍ବରୁ ପ୍ରତି ବିଷୟର ସର୍ବନିମ୍ନ ଯୋଗ୍ୟତା ଅଙ୍କ ବା ପାସ୍ ମାର୍କ ସାର୍ବଜନୀନ ନ କରି ଚତୁରତାର ସହ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିଲା। ଯାହାଫଳରେ ଅନେକ ମେଧାବୀଙ୍କୁ ସେମାନଙ୍କ ମୋଟ ମାର୍କ ଅଧିକ ଥାଇ ମଧ୍ୟ ପରୀକ୍ଷା ପରେ ସ୍ଥିର କରାଯାଇଥିବା ୪୦% ସର୍ବନିମ୍ନ ପାସ୍ ମାର୍କ ଆଧାରରେ ବଳି ପକାଇଦିଆଗଲା। ଏହି ବିଷୟଟି ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ବିଚାର କରନ୍ତୁ, କୌଣସି ପରୀକ୍ଷାରେ ପାସ୍ ମାର୍କ ଯଦି ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ନ ଜଣାଇ ପରେ ସ୍ଥିର କରାଯିବାର ପ୍ରଥା ସୃଷ୍ଟି ହୁଏ, ତେବେ ତାହା ସ୍ୱେଚ୍ଛାଚାରିତା ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବ ନାହିଁ କି ? ଦୁଃଖ ଲାଗେ ଯେବେ ଏଭଳି ଅନିୟମିତତା ସେହିସବୁ ନିଯୁକ୍ତି ସଂସ୍ଥାରେ ଘଟେ, ଯେଉଁ ସଂସ୍ଥାର ମୁଖିଆ ଜଣେ ଜଣେ ବଡ଼ ବଡ଼ ଅଭିଜ୍ଞ ଆଇଏଏସ୍ ବା ଆଇପିଏସ୍ ଅଧିକାରୀ। ଏମାନେ ବିଭିନ୍ନ ଗମ୍ଭୀର ଅଭିଯୋଗ ବା କୌଣସି ସୁଚିନ୍ତିତ ପରାମର୍ଶକୁ ଗ୍ରହଣ ନ କରିବା ପଛର କାରଣ ସେମାନଙ୍କ ଦୂରଦୃଷ୍ଟିହୀନତା ବା ଅହଙ୍କାର ଅବା ଦୁର୍ନୀତି, ତାହା କେବଳ ସେମାନଙ୍କୁ ହିଁ ଜଣା।

ରାଜ୍ୟର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ମାର୍କ ସ୍ୱତଃ ଓପିଏସ୍‌ସି ଏବଂ ଓଏସ୍‌ଏସ୍‌ସି ଭଳି ସଂସ୍ଥାମାନ ସାର୍ବଜନୀନ କରୁଥିବା ବେଳେ ଓସେପା କିନ୍ତୁ ବାରମ୍ବାର ନିବେଦନ ସତ୍ତ୍ୱେ ତଥ୍ୟ ନ ଦେବା ପଛରେ କି ଉଦ୍ଦେଶ୍ୟ ଥାଇପାରେ ? ନିଜେ ପରୀକ୍ଷା ଦେଇ ନିଜର ମାର୍କ ପାଇଁ ପରୀକ୍ଷାର୍ଥୀମାନେ ସଂଘର୍ଷ କରିବା ଆମ ଶାସନ ବ୍ୟବସ୍ଥା ପାଇଁ ଲଜ୍ଜାଜନକ ଘଟଣା ନୁହେଁ କି ? ଓସେପାକୁ କଡ଼ା ନିର୍ଦ୍ଦେଶ ଦେଇ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଥିବା ସନ୍ଦେହ ଦୂର କରନ୍ତୁ। ଏଭଳି ନିର୍ଦ୍ଦେଶ ଅନ୍ୟ ସମସ୍ତ ନିଯୁକ୍ତି ପରିଚାଳନା ସଂସ୍ଥାରେ ଥିବା ପ୍ରଶାସକମାନଙ୍କ ମନରେ ଏକ ସକାରାତ୍ମକ ନୈତିକ ଭୟ ସୃଷ୍ଟି କରି ଆମ ରାଜ୍ୟର ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ।

ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ମୋ:୯୩୮୦୦୩୭୬୩୮

# ଅଣଧାନ ଚାଷର ଆବଶ୍ୟକତା



ଡି.ଶୁଭମ୍

ସବୁଜ ବିପ୍ଳବ ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ବି ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ସବୁ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଆମ ହେତୁହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣିଆସିଛୁ। ଏ କଥା ସତ ଯେ ଆମ ରାଜ୍ୟରେ ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ବସବାସ କରନ୍ତି। ଏକ ତଥ୍ୟ ଅନୁସାରେ ୨୦୧୦ ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୪.୫ ରୁ ୯ପ୍ରତିଶତ ବୃଦ୍ଧି ପାଇପାରେ। ତେଣୁ କେବଳ ଧାନ ଉତ୍ପାଦନକରି ଆମେ ସଶକ୍ତ ଆଉ ସ୍ୱାବଲମ୍ବୀର ନାରା ଦେଇପାରିବା ନାହିଁ। ଧାନ ବ୍ୟତୀତ ଅଣଧାନ ଚାଷ ଉପରେ ଚାଷୀମାନଙ୍କର ଆଗ୍ରହ ବଢ଼ିବା ଆବଶ୍ୟକ।

ଆମକୁ ଉତ୍ପାଦନର ହାର ବଢ଼ାଇବାକୁ ହେଲେ କେବଳ ଧାନଚାଷ ନୁହେଁ ବରଂ ଧାନ ବ୍ୟତୀତ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେବେ ଏହି ଉପକ୍ରମରେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଏହାକୁ ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଞ୍ଚାଇ ପାରିବା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରାରେ ଅନିଶ୍ଚିତତା କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ତେଣୁ ଏହା ସହ ତାଳଦେଇ ଆମକୁ ଉତ୍ପାଦନରେ ବୃଦ୍ଧି ଆଣିବାକୁ ହେବ। ଅଣଧାନ ଚାଷ ଏହି ଆହ୍ୱାନ ଭିତରୁ ଅନ୍ୟତମ। ତେବେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଇଣ୍ଟରକ୍ରପ୍ ଆକାରରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାର ଫସଲ ଚାଷକରି ଅଣଧାନ ଚାଷ ଦିଗରେ ଚାଷୀମାନଙ୍କୁ ପ୍ରବର୍ତ୍ତାଇପାରିବା। ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏହାକୁ ପ୍ରମୁଖ ପ୍ରାଧାନ୍ୟ ନ ଦେଇ ଏକାଧିକ ଫସଲ ଚାଷକରିବାର ମାଧ୍ୟମ ହିଁ ଫସଲ ବିବିଧିକରଣ। ଏହାଦ୍ୱାରା ସ୍ୱଳ୍ପ ଅର୍ଥକରୀ ଫସଲକୁ ପରିବର୍ତ୍ତନକରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରେ। ଧାନ ପରେ ଧାନ ନ କରି ଅନ୍ୟ ଫସଲ ଯଥା ଡାଲିଜାତୀୟ, ତେଲଜାତୀୟ, ଅର୍ଥକରୀ ଫସଲ ଚାଷକରାଯାଇପାରେ। ଏହା କୃଷିକ୍ଷେତ୍ରରେ ଅନିଶ୍ଚିତତା ହ୍ରାସକରିବା ସହ ପରିବେଶରେ ବିବିଧତା ଆଣିବାରେ ସାହାଯ୍ୟ କରେ। ଏହା ମାଟିର ଉର୍ବରତାକୁ ବଢ଼ାଇବା ସହ ରୋଗପୋକ ନିୟନ୍ତ୍ରଣ କରିଥାଏ। କୃଷିକ୍ଷେତ୍ରରେ ମୃତ୍ତିକାର ରକ୍ଷଣାବେକ୍ଷଣ ପାଇଁ ଏକ ପରିବେଶଗତ ବିକଳ୍ପ ଭାବରେ ଏହାକୁ ବିବେଚନା କରାଯାଇପାରେ।

ତେବେ ଓଡ଼ିଶାରେ ଅଣଧାନ ଚାଷର ପରିସଂଖ୍ୟାନକୁ ଲକ୍ଷ୍ୟକଲେ ଫସଲ ବିବିଧିକରଣ କ୍ଷେତ୍ରରେ ୨୦୨୨-୨୩ରେ ମୋଟ ୩୦,୦୦୦ ହେକ୍ଟର କ୍ଷେତ୍ର ଥିବାବେଳେ ୨୦୨୩-୨୪ ରେ ଏହା ୧.୩ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ୨୦୨୩-୨୪ରେ ନିଟ୍ ବୁଣାକ୍ଷେତ୍ରର ପରିମାଣ ୫୫.୯ ଲକ୍ଷ ହେକ୍ଟର ରହିଛି, ଯାହାକି ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ପାଖାପାଖି ୩୬ ପ୍ରତିଶତ। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଶତକଡ଼ା ୪.୬ ପ୍ରତିଶତ ଏହି ବୁଣାକ୍ଷେତ୍ରରେ ପରିମାଣ ବଢ଼ିଛି। ଅର୍ଥନୈତିକ ସର୍ଭେ ତଥ୍ୟ ଅନୁଯାୟୀ ଦୀର୍ଘ ଦିନ ଧରି ଧାନର ମୋଟ କ୍ଷେତ୍ର ଅଧିକ ରହିଥିବାବେଳେ ଏବେ ଏଥିରେ ପରିବର୍ତ୍ତନ ଦେଖାଦେଉଛି। ଏହି କ୍ରମରେ ଏଥିରେ ଅଣଧାନ ଫସଲଗୁଡ଼ିକର କ୍ଷେତ୍ର ମଧ୍ୟ ବଢ଼ିଛି। ଧାନ ସହ ଅନ୍ୟ ଫସଲଗୁଡ଼ିକର ମଧ୍ୟ ଚାହିଦା ବଢ଼ିଛି। ତେଣୁ ଏଗୁଡ଼ିକ ଆପଣେଇବାର ଆମର କୌଣସି ଦ୍ୱିଧା ରହିବା ଅନୁଚିତ।



ଓଡ଼ିଶାରେ ଅନେକଦିନ ଧରି ଧାନଚାଷ ଏକ ପ୍ରମୁଖ ଅଭ୍ୟାସ ହୋଇରହିଆସିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ। ଆଜିର ସମୟରେ କେବଳ ଏମ୍‌ଏସ୍‌ପି ଆଶାରେ ଆମେ ଧାନ ଚାଷକରି ପରୋକ୍ଷରେ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସକରୁଛନ୍ତି। ଅଣଧାନ ଫସଲରେ ବିବିଧତା ଚାଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନକରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସକରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହ ଡାଲି ଏବଂ ବାଜରା ପରି ଅଣଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ ଏବଂ ଜଳ ଅଭାବ ସମୟରେ ସେମାନଙ୍କର ଚାଷ ଏକ ସ୍ୱତନ୍ତ୍ର ବିକଳ୍ପ ଭାବେ କାର୍ଯ୍ୟକରିପାରେ। ଏହି ବିବିଧତା ରଣନୀତି ଜଳବାୟୁ ପରିବର୍ତ୍ତନର ଯୁଦ୍ଧକୁ ସାମ୍ନାକରି କୃଷିକ୍ଷେତ୍ରର ସ୍ଥିରତା ବୃଦ୍ଧିକରେ। ଏହି ଅଣଧାନ ଫସଲ ଚାଷକରି ପତିତ ଜମିଗୁଡ଼ିକୁ ଏବେ ପ୍ରଭାବଶାଳୀଭାବରେ ବ୍ୟବହାର କରାଯାଇପାରିବ। ଫଳରେ ବର୍ଷ ସାରା ଉତ୍ପାଦକତା ବୃଦ୍ଧି ଏବଂ ଅଧିକ ଅମଳ ହୋଇପାରିବ।

ତେବେ ଅଣଧାନ ଚାଷର ପ୍ରାଥମିକତା ବୃଦ୍ଧି ପାଇଁ ପ୍ରଥମରେ ଗାଁଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନକରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହେବ। ଦ୍ୱିତୀୟରେ କେବଳ ଧାନ ଆମ ଆୟବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମାଞ୍ଚଳ କୃଷି ଅଧିକାରୀମାନେ ଅଗ୍ରାଧିକାର ଭିତ୍ତିରେ ନିଅନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା ଏହି ଅଣଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁ ଜିଲାରେ ସହଜ ଓ ସୁବିଧାରେ ପହଞ୍ଚାଇପାରିବେ ସେ ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷିକ୍ଷେତ୍ରରେ ପ୍ରଯୁକ୍ତିବଦ୍ୟାର, ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ଠିକ୍ ବିପଣନ ତଥା ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ୍ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ସମ୍ପ୍ରସାରଣ କହେ ଦେଖିବା ହିଁ ବିଶ୍ୱାସକରିବା। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟମରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିବେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯

## ଏଇ ଭାରତରେ

ଗ୍ରାମାଞ୍ଚଳରେ ଏବେ ବି ପାନୀୟ ଜଳର ଅଭାବ ରହିଛି। ସ୍କୁଲରେ ପିଲାମାନେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ପାଇପାରୁ ନାହାନ୍ତି। ଏହି ସମସ୍ୟା ଦୂର କରିବାକୁ ମହାରାଷ୍ଟ୍ରର ଡ. ଅନିଲ ରାଜବଂଶୀଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ସେ ପାନୀୟ ଜଳ ସମସ୍ୟା ଦୂର କରିବାରେ ଲାଗିଛନ୍ତି। ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭାବେ କାମ କରୁଥିବା ରାଜବଂଶୀ ଏହି ପଦ୍ଧତିରେ ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଉଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍‌ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଇ ପିଇବାକୁ ଦିଆଯାଉଛି। ଦେଶର ଦୁର୍ଗମ ଅଞ୍ଚଳରେ ସ୍କୁଲଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଫଳରେ ବିଭିନ୍ନ ଜଳବାହିତ ସଂକ୍ରାମକ ରୋଗଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହନ୍ତି ରାଜବଂଶୀ।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୭୬

- ପିଏଚ୍‌ଡି ପାଇବା ଲାଗି ଏମ୍‌ଫିଲ୍ ଆବଶ୍ୟକ ନେଇ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ତରଫରୁ ଏକ ଇସ୍ତାହାରରେ ପ୍ରକାଶ କରାଯାଇଛି।
- ଆସାମରେ ପ୍ରବଳ ବନ୍ୟା ହେବା ଫଳରେ ୧୮ ଜଣ ପ୍ରାଣ ହରାଇବା ସହ ୫୦,୦୦୦ ଘର ଭାଙ୍ଗିଯାଇଛି।

## ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ -ପାରାଦୀପ ରାସ୍ତାରେ ଫାଟ

ମହାଶୟ,

କଟକ-ପାରାଦୀପ କଂକ୍ରିଟ ରାସ୍ତା ପରିବହନରେ ମୁଖ୍ୟ ଭୂମିକା ନେଉଛି। କିନ୍ତୁ ଏବେ ବିଭିନ୍ନ ସ୍ଥାନରେ ଏହି ରାସ୍ତାରେ ଫାଟ ଦେଖାଦେଇଛି। କିଛିଦିନ ତଳେ ପାରାଦୀପଠାରୁ କମରପଦା ମଧ୍ୟରେ ପିଚୁ ଦିଆଯାଇ ମରାମତି ହୋଇଥିଲା। କିନ୍ତୁ ସେଥିରେ ପୁନର୍ବାର ଫାଟ ଦେଖାଗଲାଣି। ସେହିପରି ଗଡିରାଉତପାଟଣାରେ ମଧ୍ୟ ଫାଟ ଦୃଷ୍ଟିଗୋଚର ହୋଇଛି। ଏହାଯୋଗୁ ଦୁଇଚକିଆ ଯାନ ଚଳାଚଳରେ ସମସ୍ୟା ହେଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରାଯିବା ଦରକାର।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ'



**ଏ ବର୍ଷର ବାର୍ତ୍ତା**

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ଥିମ୍ ରହିଛି 'ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଯୋଗ ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତେବେ ଯୋଗ ଆମ ଶରୀର ପାଇଁ କେତେ ଉପକାରୀ ତାହା ଯଦି ଜଣେ ଠିକ୍ ଭାବରେ ହୃଦୟଙ୍ଗମ କରନ୍ତି, ତାହେଲେ ଏହି ଦିବସ ପାଳନ ସଫଳ ହୋଇପାରିବ। ଯୋଗ କରିବା ପୂର୍ବରୁ ଯଦି ଜଣେ ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ନୁହନ୍ତି, ତେବେ ଯୋଗ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ। ଶାନ୍ତ ମନ ଏବଂ ଶାନ୍ତ ପରିବେଶରେ ଯୋଗ କଲେ ତାହାର ସୁଫଳ ଅଧିକ ମିଳିଥାଏ।

## ଇତିହାସରୁ...

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ରୋଗଗୁଡ଼ିକ ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ହେଲା 'ଯୋଗ'। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ନିୟମିତ ଯୋଗକରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି। ବର୍ତ୍ତମାନ ଯୋଗ ଲୋକଙ୍କ ଦ୍ୱାରା କେତେ ଆଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଅନେକେ ଏହାର ମହତ୍ତ୍ୱ ଉପଲବ୍ଧି କରିସାରିଲେଣି। ତେବେ ଏହାକୁ ଆହୁରି ପ୍ରସାର କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଯୋଗ ଦିବସ। ୨୦୧୪ରେ ଏ ନେଇ ମିଳିତ ଜାତିସଂଘରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହି ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘରେ ନିଜର ଅଭିଭାଷଣ ଅବସରରେ ଯୋଗ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧କୁ ଯୋଗ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ସେହି ସମୟରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା।




# ମନକୁ ସ୍ଥିର ରଖେ ଯୋଗ



ମନକୁ ସ୍ଥିର କରିବାର ଅର୍ଥ ଯୋଗ। ମନ ସ୍ଥିର ହେଲେ ସମସ୍ତ ଇନ୍ଦ୍ରିୟ ବଶୀଭୂତ ହୋଇଥାଏ। ତ୍ରିଦୋଷ (ବାତ, ପିତ୍ତ, କଫ), ତ୍ରିମାଳ (ମୂତ୍ର, ପୂରିଷ, ସ୍ୱେଦ) ମଧ୍ୟ ସାମ୍ୟାବସ୍ଥାରେ ରହେ। ତେଣୁ ଏହି ଶରୀରରୂପୀ ଈଶ୍ୱରପ୍ରଦତ୍ତ ଯନ୍ତ୍ରକୁ ସୁସ୍ଥ ତଥା ନୀରୋଗ ରଖି ଠିକ୍ ରୂପେ ଚାଳନ ପାଇଁ ଯୋଗାଭ୍ୟାସ ନିତାନ୍ତ ପ୍ରୟୋଜନ। ତେଣୁ 'ଯୋଗ କର୍ମସୁ କୌଶଳମ୍' ଅର୍ଥାତ୍, ଯୋଗକୁ କର୍ମ ସାଧନର କୌଶଳ ବୋଲି କୁହାଯାଇଛି। ଯେପରି କଞ୍ଚା ମାଟି ପାତ୍ରରେ ପାଣି ରଖିଲେ ତାହା ମିଳେଇ ଯାଏ, ମାତ୍ର ଅଗ୍ନିରେ ପାକ ହୋଇଥିବା ଘଟରେ ପାଣି ରଖିଲେ ତାହା ମିଳେଇ ନ ଥାଏ। ସେହିପରି ଶରୀରରୂପୀ ଘଟକୁ ଯୋଗାଗ୍ନି ଦ୍ୱାରା ପାକ କରିଲେ ତାହା ବିନିଷ୍ଟ ହୋଇ ନ ଥାଏ। ଶରୀର ସୁସ୍ଥ, ନୀରୋଗ ଓ ସୁଗଠନ ନିମନ୍ତେ ଯୋଗ ହିଁ ଏକମାତ୍ର ପନ୍ଥା। ତେଣୁ ପୁରାତନ କାଳରେ ପତଞ୍ଜଳି ଆଦି ମହର୍ଷିମାନେ ଯୋଗ ଦ୍ୱାରା ନୀରୋଗ ରହି ମନକୁ ନିର୍ମଳ ଏବଂ ଏକାଗ୍ର ରଖି ବେଦ ଶାସ୍ତ୍ରାଦି ଗ୍ରନ୍ଥକୁ ଶ୍ରବଣ କରି ମନେ ରଖୁଥିଲେ।

ଯୋଗକୁ ଆଠଟି ଅଙ୍ଗରେ ବିଭକ୍ତ କରାଯାଇଛି, ଯଥା–ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣ, ଧ୍ୟାନ ଓ ସମାଧି। 'ଯମ'ର ଅର୍ଥ ଅହିଂସା ଆଚରଣ, ସତ୍ୟ କହିବା, ପରଧନକୁ ଲୋଭ ନ କରିବା, ନିଜର ସ୍ୱାର୍ଥ ପାଇଁ ଧନ ସଞ୍ଚୟ ନ କରିବା ଓ ବ୍ରହ୍ମଚର୍ଯ୍ୟ ପାଳନ କରିବା। ନିୟମର ଅର୍ଥ ଶାରୀରିକ, ମାନସିକ କ୍ରିୟା କଳାପରେ ଶୁଦ୍ଧତା, ଅଳ୍ପରେ ପ୍ରସନ୍ନତା, ତପସ୍ୟା, ପୂଜାପାଠ କରିବା ଓ ଭଗବାନଙ୍କୁ ପ୍ରଣାମ। ଆସନର ଅର୍ଥ ସୁଖପୂର୍ବକ ସ୍ଥିର ଭାବେ ପୃଷ୍ଠ, ଶିର, ଗ୍ରୀବା ଇତ୍ୟାଦି ଶରୀରର ଉପରି ଭାଗ ସିଧା କରି ଦୃଷ୍ଟି ନାସାଗ୍ରକୁ ରଖି ରକ୍ତକମ୍ବଳ ଆସନରେ ବସିବାକୁ ବୁଝାଏ। ପ୍ରାଣାୟାମକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରାଣର ଅର୍ଥ ପ୍ରଶ୍ୱାସ ନେବା, ନିଃଶ୍ୱାସ ତ୍ୟାଗ କରିବା ଏବଂ ଆୟାମର ଅର୍ଥ ବିସ୍ତୃତ। ତେଣୁ ପ୍ରାଣକୁ ବିସ୍ତୃତ କରିବା ବା ଦୀର୍ଘ ଜୀବନ ଲାଭ କରିବା। ପ୍ରତ୍ୟାହାରର ଅର୍ଥ ଇନ୍ଦ୍ରିୟକୁ ଭୋଗ ବିଳାସରୁ ନିବୃତ୍ତ ରଖିବା। ଧାରଣର ଅର୍ଥ ପ୍ରାଣାୟାମ ପରେ ଚିତ୍ତର ଚଞ୍ଚଳତାକୁ ଦୂର କରିବା ପାଇଁ କେନ୍ଦ୍ରୀଭୂତ କରିବା। ଧ୍ୟାନ ଅର୍ଥ ମନର ସ୍ଥିରତାକୁ ଧ୍ୟାନ କୁହାଯାଏ। ସମାଧିର ଅର୍ଥ ଯେତେବେଳେ ଜୀବାତ୍ମା ଓ ପରମାତ୍ମା ସାମ୍ୟବସ୍ଥାରେ ଉପନୀତ ହୁଏ, ଅର୍ଥାତ୍, ଆତ୍ମା ଓ ମନର ଏକତ୍ର ହେବା।

ଉପରୋକ୍ତ ଆସନ ଏବଂ ପ୍ରାଣାୟାମ କରିବା ଦ୍ୱାରା ଶରୀର ନୀରୋଗ ରହିବା ସଙ୍ଗେ ସଙ୍ଗେ ବ୍ୟାଧି ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୁଏ। ମୁଖ ମଣ୍ଡଳରେ କାନ୍ତି ବୃଦ୍ଧି ପାଏ, ବର୍ଣ୍ଣରେ ଉଜ୍ଜ୍ୱଳତା ଆସେ। ମନରେ ଉତ୍ସାହ ସୃଷ୍ଟି ହୁଏ ଏବଂ ନିର୍ଭୟତା ଭାବ ପ୍ରକାଶ ପାଏ। ଏତଦବ୍ୟତୀତ ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

**–ଡା. ଆଶିଷ ବାନାର୍ଜୀ,**
ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

## ଏମାନଙ୍କ ମତରେ

### ଏବେ ସବୁ ବର୍ଗର ପିଲା ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି



ମାନସିକ ସ୍ୱାସ୍ଥ୍ୟ ଏବଂ ଉତ୍ତମ ଶରୀର ପାଇଁ ସମସ୍ତଙ୍କୁ ଯୋଗ କରିବା ଦରକାର। ଯୋଗ ଦ୍ୱାରା ମଣିଷର ମନକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଦୀର୍ଘ ୧୩ ବର୍ଷ ହେଲା ଯୋଗ ଶିଖେଇବା ଆରମ୍ଭ କରିଛି। ଯୋଗ ମାଧ୍ୟମରେ ଅଟିଜିମ ପିଲାଙ୍କ ମନକୁ ନିୟନ୍ତ୍ରଣ କରାଯାଇପାରୁଛି। ଆଗ ଆପେକ୍ଷା ଏବେ ସବୁ ବର୍ଗର ପିଲାମାନେ ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି।

**- ରଞ୍ଜନ କୁମାର ପାତ୍ର, ଯୋଗ ଶିକ୍ଷକ , ସିଆଳିଆ ଓଡ଼ିଶା ଆର୍ଦଶ ବିଦ୍ୟାଳୟ**

### ଯୋଗାଭ୍ୟାସ ଦ୍ୱାରା ମନ ପ୍ରଫୁଲ୍ଲ ରହୁଛି



ଦୈନନ୍ଦିନ ଯୋଗାଭ୍ୟାସ ଦ୍ୱାରା ମାନସିକ ଶାନ୍ତ ମିଳୁଛି। ଏଇଠି ଦୁଇବର୍ଷ ହେଲା ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ମୋ ମନ ପ୍ରଫୁଲ୍ଲ ରହୁଛି। ଆଉ ଦିନସାରା ଆନନ୍ଦ ଲାଗୁଛି। ମୋର କ୍ରୋଧ ସହ ମାନସିକ ଅସ୍ଥିରତା କମିବାରେ ଲାଗିଛି। ସମସ୍ତେ ଯୋଗ କରି ନିଜକୁ ସୁସ୍ଥ ରଖିବାକୁ ଅନୁରୋଧ କରୁଛି।

**- ସାଇ ଶ୍ରୁତିକା, ଯୋଗ ଛାତ୍ରୀ**

### ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ



ବର୍ତ୍ତମାନର ମଣିଷର ଜୀବନ ଶୈଳୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ସୁସ୍ଥ ଜୀବନ ବିତାଇବା ପାଇଁ ଯୋଗର ଆଶ୍ୟକତା ରହିଛି। ଯୋଗ ଦ୍ୱାରା ଶରୀର, ମନ ସୁସ୍ଥ ରହିଥାଏ। ଯୋଗ ମାଧ୍ୟମରେ ନିଜ ଶରୀର ଓ ତ୍ୱଚାକୁ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯୋଗ କରିବା ଦରକାର। ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ।

**- ଯୋଗ ଗୁରୁ ମାଧବୀ ପାଲାକୀ, ମାଧବୀଯୋଗର ପ୍ରତିଷ୍ଠାତା**

# ଯୋଗର ବିଶ୍ୱ ଭାଷା

**କେ**ତେକ ଭାବନ୍ତି ଯୋଗ କେବଳ ଏକ ପ୍ରକ୍ରିୟା, ଯାହା ସେମାନଙ୍କୁ ଶିଖିବାକୁ ପଡ଼ିବ। କିନ୍ତୁ ଜନ୍ମ ହେଉଥିବା ପ୍ରତ୍ୟେକ ନବଜାତକ ନିର୍ଦ୍ଧାରିତ ଭାବେ ଜଣେ ଜଣେ ଯୋଗୀ। ଲକ୍ଷ୍ୟ କଲେ ଅନୁଭବ କରିପାରିବେ, ଶିଶୁ ସ୍ୱାଭାବିକ ଭାବେ ଶୋଇବା ବେଳେ ମୁଦ୍ରା ଗ୍ରହଣ କରେ, ଗଭୀର ଭାବେ ଉଦର ଦ୍ୱାରା ଶ୍ୱାସନିଏ, ଯୋଗୀ ପରି ଅଙ୍ଗ ଟାଣେ ଏବଂ ପାଚନ, ରୋଗ ପ୍ରତିରୋଧକ



ଶକ୍ତି ଓ ଶକ୍ତିଶାଳୀ ମେରୁଦଣ୍ଡ ପାଇଁ ଉପକାରୀ ଅଭିନ୍ନ ଅଙ୍ଗସ୍ଥିତି ନେଉଛି। ଆମେ ସମସ୍ତେ ଜନ୍ମସିଦ୍ଧ ଯୋଗୀ। ଯଦି ସେଇ ଶିଶୁର ସ୍ୱଭାବ ଓ ସ୍ୱାଭାବିକ ସମନ୍ୱୟ ଆମ ସହିତ ରହିଥାନ୍ତା, ତେବେ ଯୋଗ ଶିଖିବାର ଆବଶ୍ୟକତା ରହି ନ ଥା'ନ୍ତା। କିନ୍ତୁ ବୟସ ବଢ଼ିବା ସହିତ ଆମେ ସଂସ୍କାର ଓ ପ୍ରଭାବକୁ ଆଦରି ଥାଉ, ଯାହା ଆମର ମନକୁ ଆଚ୍ଛାଦିତ କରିଦିଏ, ଆମର ସନ୍ତୁଳନକୁ ଭଙ୍ଗ କରିଦିଏ। ଏହି ମୂଳ ପ୍ରକୃତି ହରାଇ ଆମେ ଆମ ସନ୍ତୁଳନ ଏବଂ ଶାନ୍ତି ହରାଉ। ଏଥିପାଇଁ ଯୋଗ ଓ ସାଧନା ଦେହର ସନ୍ତୁଳନ, ମନ ଏବଂ ଭାବନାରେ ସମନ୍ୱୟ ପୁନଃସ୍ଥାପନ କରିବା ପାଇଁ ନିହାତି ଆବଶ୍ୟକ।

ଆପଣ ଯାହାବି ହୁଅନ୍ତୁ ଦରକାର ମନର ସ୍ୱଚ୍ଛତା, ଶରୀରରେ ଶକ୍ତି ଓ ହୃଦୟରେ ଶାନ୍ତି। ଯୋଗ ଅର୍ଥ ନୁହେଁ ଯେ ଜୀବନରୁ ଅଲଗା ହେବ। ଏହାର ଅର୍ଥ ହେଉଛି ଘଟଣା ଓ ପରିଣାମରେ ବୁଡି ଯିବା ଛାଡ଼ି ଜୀବନକୁ ଏକ ସଂପୂର୍ଣ୍ଣ ଭାବେ ଅନୁଭବ କରିବା। ଏହି ଦକ୍ଷତା ସମସ୍ତଙ୍କ ପାଇଁ ଦରକାର।

ମହର୍ଷି ପତଞ୍ଜଳି ଯିଏ ହଜାର ହଜାର ବର୍ଷ ଆଗରୁ ଏହି ଗଭୀର ଆନ୍ତରିକ ବିଜ୍ଞାନକୁ ସୂତ୍ର ରୂପରେ ନିବନ୍ଧନ କରିଥିଲେ। ତାଙ୍କର 'ଯୋଗସୂତ୍ର' ଆଜି ବି ମନ ଓ ଭାବନା ପାଇଁ ଏକ ସନାତନ ଦିଗ୍‌ଦର୍ଶନ। ମାତ୍ର ଅନେକେ ଭୁଲ୍ ବୁଝନ୍ତି ଯେ, ଯୋଗ ଏକ ଧର୍ମ ବା କେବଳ ଅଂଗ ଅଭ୍ୟାସ ଶାରୀରିକ ବ୍ୟାୟାମରେ ସୀମିତ। କିନ୍ତୁ ଯୋଗ ମାନବଜାତିର। ଏହା ନିଜକୁ ଜାଣିବା ଏବଂ ତାହା ଦ୍ୱାରା ବିଶ୍ୱ ସହିତ ଗଭୀର ସଂଯୋଗ ତିଆରି କରିବାର ଏକ ପଥ।

ଯୋଗ ଶରୀର ରସାୟନକୁ ସମନ୍ୱୟ କରେ, ଯାହା ଆମକୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧ୍ୟାତ୍ମିକ ଭାବେ ପ୍ରଭାବିତ କରେ। 'ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍'ର ଏକୀଭୂତ ଔଷଧ (ଇଣ୍ଟିଗ୍ରେଟେଡ୍ ମେଡିସିନ) ବିଭାଗ ଦ୍ୱାରା କୃତ ଅନୁସନ୍ଧାନରେ ପ୍ରମାଣିତ ହୋଇଛି ଯେ, ଯୋଗ ସ୍ନାୟୁବିଜ୍ଞାନ ଓ ମାନସିକ ରୋଗର ଚିକିତ୍ସାରେ ଉପକାରୀ। ଶ୍ରୀଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଅଗ୍ରିମ ଅନୁସନ୍ଧାନ ଦ୍ୱାରା କୃତ ଅନ୍ୟାନ୍ୟ ଅନୁସନ୍ଧାନରେ ମଧ୍ୟ ଦେଖାଯାଇଛି ଯେ, ଯୋଗ ରୋଗ ପ୍ରତିରୋଧକ ବୃଦ୍ଧି, ବାର୍ଦ୍ଧକ୍ୟ ରୋକିବା, ପାରାସିମ୍ପାଥେଟିକ ସିଷ୍ଟମକୁ ସକ୍ରିୟ କରିବା, ଡୋପାମିନ ଉତ୍ପାଦନ ବୃଦ୍ଧି, ନିଶାମୁକ୍ତିରେ ସାହାଯ୍ୟ, ମସ୍ତିଷ୍କରେ ଗ୍ରେମାଟର ବୃଦ୍ଧି, ଉଦାସୀନତା ଓ ନିଦ୍ରାହୀନତାରେ ଆରାମ ଦେଇଥାଏ। ତତ୍‌ସହିତ ଏହା ଆପଣଙ୍କୁ ବର୍ତ୍ତମାନକୁ ଆଣେ, ଯେଉଁଠି ନକାରାତ୍ମକ ଚିନ୍ତାଗୁଡ଼ିକୁ ଛାଡ଼ି ଗଭୀର ଶାନ୍ତି ଓ ଆନନ୍ଦ ଅନୁଭବ କରିପାରିବେ।

**– ଶ୍ରୀ ଶ୍ରୀ ରବିଶଙ୍କର**

## ଯୋଗ: ଏଚ୍‌ଆଇଭି ଯୋଦ୍ଧାଙ୍କ ପାଇଁ ସଞ୍ଜୀବନୀ

ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ, ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏଥିସହିତ ସୁସ୍ଥ ସମାଜ ଗଠନ ପାଇଁ ଏହା ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ, ଏଚ୍‌ଆଇଭି/ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ – ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ, ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କେତେକ ଯୋଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟତା କରେ। ଯୋଗ, ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି



କରେ। କ୍ଲାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ୍ କରେ। ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧିକରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏଚ୍‌ଆଇଭି/ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ ଏହା ମର୍ଯ୍ୟାଦା, ସଶକ୍ତୀକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆସନ୍ତୁ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ନୁହେଁ, ବରଂ ନିଜ ପାଇଁ ଏବଂ ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।

**–ସ୍ମୃତି ସାଗରିକା କାନୁନ୍‌ଗୋ**

DSPL - 132



ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଏକ ଦଶନ୍ଧିର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସମସ୍ତ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସାରା ବିଶ୍ୱକୁ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ମହାନ ଅବଦାନ ହେଉଛି ଯୋଗ । ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ଶକ୍ତିଶାଳୀ ମାଧ୍ୟମ । ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ସୁସ୍ଥ, ଆନନ୍ଦମୟ ଓ ଧୈର୍ଯ୍ୟଶୀଳ ହୋଇପାରିଥାଏ । ଏହା ଆମର ମନୋସ୍ଥିତି ଶାନ୍ତ ରଖିବା ସହିତ ଆତ୍ମ ସଂଯମ ମଧ୍ୟ ବୃଦ୍ଧି କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉଦ୍ୟମ ଯୋଗୁଁ ଆଜି ଯୋଗ ସାରା ବିଶ୍ୱରେ ଲୋକପ୍ରିୟତା ଅର୍ଜନ କରିଛି ।

ଚଳିତ ଅନ୍ତର୍ଜାତୀୟ ଯୋଗ ଦିବସର ଅନୁଚିନ୍ତା ହେଉଛି "ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ" । ଆସନ୍ତୁ, ଏଥିରେ ଅନୁପ୍ରାଣିତ ହୋଇ ଯୋଗକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂର ପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡିଶା



୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ସାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ଦିନଟି କେବଳ ଏକ ପର୍ବ ନୁହେଁ; ଏହା ଆମ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ । ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଆମେ ସାମଗ୍ରିକ ଭାବରେ ସୁସ୍ଥ ରହିବା ସହିତ ଆମ ଦେଶ, ରାଜ୍ୟ ତଥା ସମାଜ ପ୍ରତି ଆମ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିପାରିବା ।

ଆସନ୍ତୁ, ଆମେ ଏହି ବିଶ୍ୱମଞ୍ଚରେ ଆମର ପ୍ରାଚୀନ ଯୋଗ ଜ୍ଞାନକୁ ସମ୍ମାନ ଦେଇ, ଏହି ଯୋଗ ଦିବସର ମୁଖ୍ୟ ବିଷୟ "ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ" ମାଧ୍ୟମରେ ଏକ ସୁନ୍ଦର, ସୁସ୍ଥ ଓ ସମୃଦ୍ଧ ଓଡିଶା ଗଢିବାରେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡିଶା

OIPR-10056/13/0008/2526

# ଐତିହ୍ୟ ଗ୍ରାମରେ ଯୋଡ଼ିହେଲା କାନ୍ତକବି, ମହତାବଙ୍କ ଗାଁ

## ଭିଡିଓ କନ୍‌ଫରେନ୍ସରେ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ତିହିଡ଼ି/ଆଗରପଡ଼ା,୨୦।୬ (ସଞ୍ଜିତ ବଳ/ସୁଶାନ୍ତ ଦାଶ)

'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗାଁ ତିହିଡ଼ି ବ୍ଲକର ତାଳପଦା ଓ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡ଼ା ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ ଅବସରରେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରଠାରେ ଭିଡିଓ କନ୍‌ଫରେନ୍ସରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତାଳପଦା ଗ୍ରାମସ୍ଥିତ କାନ୍ତକବିଙ୍କ ସ୍ମୃତି ମନ୍ଦିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର



ତିହିଡ଼ି ବ୍ଲକର ତାଳପଦାସ୍ଥିତ କାନ୍ତକବି ସ୍ମୃତି ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧିକାରୀ, ବ୍ଲକ ଅଧକ୍ଷା ଓ ଅନ୍ୟମାନେ।

ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ବରିଷ୍ଠ ଭାଜପା ନେତା ଦୀନବନ୍ଧୁ ପତି, କାନ୍ତକବି ସ୍ମୃତି କମିଟି ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ତନୁଜା ମିଶ୍ର, ଭୀଷ୍ମଦେବ ଶତପଥୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ସୁଧାଂଶୁ ଶେଖର ନାୟକ, ଭାଜପା କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ଯୁବନେତା ତାପସ ବେହେରା, ଯଜ୍ଞଦତ୍ତ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଆଗରପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ତହସିଲଦାର ସାରା ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ପୂର୍ବତନ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ଶିବାନନ୍ଦ ଦାସ ଅଧିକାରୀ, ଅଶୋକ ପରିଡ଼ା, ରବୀନ୍ଦ୍ର ପଣ୍ଡା, ରାଜୀବ ଲୋଚନ ରାୟଙ୍କ ସମେତ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ବାସୁଦେବପୁର,୨୦।୬ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ରାଇପୁର ଗ୍ରାମରେ ଶୁକ୍ରବାର ସକାଳେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ଆଲୋକ ବେହେରାଙ୍କ ସ୍ତ୍ରୀ ଭାରତୀ ବେହେରା। ସୂଚନା ଅନୁଯାୟୀ, ଭାରତୀ ସକାଳେ ରୋଷେଇ କରିବା ପାଇଁ ଘଷି ଆଣିବାକୁ ବାଡ଼ି ପଛପଟକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ନାୟକାଣିଡିହୀ ପୋଲିସ ଏନେଇ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ ଭାରତୀଙ୍କୁ କାମୁଡ଼ିଥିବା ସାପଟି ତାଙ୍କ ବାଡ଼ିରେ ବୁଲୁଥିବା ବେଳେ ପରିବାର ଲୋକେ ଭୟଭୀତ ହୋଇ ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ।

# ଫୋନ୍‌ପେ'ରେ ଲାଞ୍ଚ ନେଉଛନ୍ତି ଫାର୍ମାସିଷ୍ଟ

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଲେ ଲୋକେ

ଚାନ୍ଦବାଲି,୨୦।୬(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବାଂଶଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଫୋନ୍‌ପେ'ରେ ଲାଞ୍ଚ ନେଉଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ ଓ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମେଲ୍ ଜରିଆରେ ଅଭିଯୋଗ ଜଣାଇଛନ୍ତି। ଫାର୍ମାସିଷ୍ଟ ଜଣକ ବାଂଶଡ଼ା ଡାକ୍ତରଖାନା ପରିସରରେ ଘରୋଇ ଭାବେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ସେ ରହୁଥିବା ସରକାରୀ ବାସଭବନ ଏକ ଔଷଧକେନ୍ଦ୍ର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ରୋଗୀମାନଙ୍କଠାରୁ ସେ ଫୋନ୍‌ପେ'ରେ ଲାଞ୍ଚ ନେଉଥିବାର ପ୍ରମାଣ ଲୋକେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଛନ୍ତି। ଏଠାରେ ସେ ରକ୍ତ, ମଳ, ମୂତ୍ର, କଫ ଆଦି ପରୀକ୍ଷା କରୁଥିବା ବେଳେ ଗରିବ, ଅସହାୟ ଲୋକଙ୍କୁ ଚିକିତ୍ସା ନାଁରେ ଶୋଷଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି।

ଫାର୍ମାସିଷ୍ଟ ଜଣକ ୨୦୦୮ରୁ ଦୀର୍ଘ ୧୭ ବର୍ଷ ଧରି ଏହି ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ଦୀର୍ଘଦିନ ଧରି ଏଠାରେ ରହୁଥିବାରୁ ମନମାନି କରୁଥିବା ଅଭିଯୋଗ ଆଣି ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କର ବଦଳି ଆଦେଶ ଆସୁଥିଲେ ମଧ୍ୟ ରାଜନୈତିକ ଚାପ ପକାଇ ସେ ବାତିଲ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ତାଙ୍କୁ ତୁରନ୍ତ ବଦଳି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ତାଙ୍କୁ ଏଠାରୁ ତୁରନ୍ତ ବଦଳି କରାଯାଉ ବୋଲି ବିଜୟ କୁମାର ବାରିକ, ପ୍ରଶାନ୍ତ ଦାସ, ଅଜୟ ଦାସ, ବିଜୟ ଦାସ, ରଞ୍ଜନ ଯେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଅପରପକ୍ଷେ ଏହି ଅଭିଯୋଗକୁ ଫାର୍ମାସିଷ୍ଟ ଅଶୋକ କୁମାର ପାଣି ଖଣ୍ଡନ କରିଛନ୍ତି। କିଛି କୁଚକ୍ରୀ ଗୋଷ୍ଠୀ ଚକ୍ରାନ୍ତ କରି ପ୍ରାୟୋଜିତ ଭାବେ ଏପରି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ମଙ୍ଗଳା ମନ୍ଦିରରୁ ଚୋରି

ବାସୁଦେବପୁର,୨୦।୬(କାଳିପଦ ରାୟ)

ବାସୁଦେବପୁର ଥାନା ଅଧୀନ ବୈକୁଣ୍ଠପୁର ଗ୍ରାମସ୍ଥିତ ମଙ୍ଗଳା ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଏନେଇ ମ୍ୟାନେଜିଂ ଟ୍ରଷ୍ଟି ତପନ କୁମାର ବେହେରା ଶୁକ୍ରବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରମାନେ ମନ୍ଦିର ଗ୍ରୀଲ୍ ଭାଙ୍ଗି ଏକ ଇନ୍‌ଭର୍ଟରର ବ୍ୟାଟେରି, ମାଇକ୍ ମେସିନ, ୩ଟି ଘଣ୍ଟା, ୨ ମାଇକ୍ରୋଫୋନ, ୩ ହାଲୋଜିନ୍ ଲାଇଟ୍, ଏକ କଏଲ ତାର, ଚାମର ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଶୁକ୍ରବାର ସକାଳେ ସେବାୟତମାନେ ମନ୍ଦିର ଗ୍ରୀଲ୍ ଭଙ୍ଗାଯାଇଥିବା ଦେଖି ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ଜଣାଇଥିଲେ।

# ନାରୀ ନିର୍ଯାତନା ନେଇ ଛାତ୍ରୀଛାତ୍ରଙ୍କ ପ୍ରତିବାଦ

ଭଦ୍ରକ,୨୦।୬(ସନାତନ ରାଉତ)

ରାଜ୍ୟରେ ନାରୀ ନିର୍ଯାତନା, ଗଣବଳାତ୍କାର ଓ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତ ୪ ଦିନ ଧରି ରାଜ୍ୟର ୪ ଜିଲାରେ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିଛି। ରାଜ୍ୟରେ ଯୁବତୀ ଓ ମହିଳାମାନେ ସୁରକ୍ଷିତ ନାହାନ୍ତି। ଏଭଳି ଅଭିଯୋଗ କରି ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟା ବେଳେ ଭଦ୍ରକ ଏସ୍‌ପିଙ୍କ ଅଫିସ୍ ଆଗରେ ପ୍ରତିବାଦ କରାଯାଇଛି। ଗଞ୍ଜାମର ଗୋପାଳପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ାରେ ଗଣବଳାତ୍କାର ଘଟଣା ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି କହି ଛାତ୍ର





ଅଖିଳ ଭାରତ ଛାତ୍ର ସଂଘର କର୍ମକର୍ତ୍ତା ଏସ୍‌ପିଙ୍କ ଅଫିସ ଆଗରେ ପ୍ରତିବାଦ କରୁଛନ୍ତି।

ସଂଘର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ସଂଘର ସହସମ୍ପାଦିକା ରୁଚିସ୍ମିତା ବାରିକ୍, ଭଦ୍ରକ ମହିଳା ମହାବିଦ୍ୟାଳୟର ଏଆଇଏସ୍‌ଏଫ୍ ସମ୍ପାଦିକା ଶୁଭଙ୍କରୀ ଦୀକ୍ଷିତ, ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା, ଉପସଭାପତି ମନୋରଞ୍ଜନ ରାଉତ, ଜିଲା ସମ୍ପାଦକ ଅମରେଶ ପଣ୍ଡା, କୋଷାଧକ୍ଷ ଅଭିଷେକ ପଣ୍ଡାଙ୍କ ସମେତ ବହୁ ଛାତ୍ରୀଛାତ୍ର ଏଥିରେ ସାମିଲ ଥିବାବେଳେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବନ୍ଧୁମିଳନ, ଗୁରୁପୂଜନ ଉତ୍ସବ

ବାସୁଦେବପୁର,୨୦।୬(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତର ମଲ୍ଲିକଦେଇପୁର ଉଚ୍ଚ ବିଦ୍ୟାଳୟର ୨୦୦୫ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ଥସାରଥୀ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅନିରୁଦ୍ଧ ଧନୀ, ଶୈଳେନ୍ଦ୍ର କୁମାର ଦାସ, ସୁରେଶ ଚନ୍ଦ୍ର ଦାସ, ଭୀମଚରଣ ବାରିକ, ମହେଶ୍ୱର ନାୟକ, ଗଦାଧର ଦାସ, ବାଞ୍ଛାନିଧି ପଲେଇ, ଦୟାନିଧି ସାହୁ, ପିଅନ ଅନନ୍ତ ଚରଣ ବାରିକ, ବିକାଶ ଚନ୍ଦ୍ର କାଠ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବା ସହ ସଂସ୍କାରିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଗଦାଧର ପରିଡ଼ା, ଅଜୟ ଦାସ, ବିବେକାନନ୍ଦ ପରିଡ଼ା, ସୁବାସ ଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ଚିନ୍ମୟ ବାରିକ, ସତ୍ୟନାରାୟଣ ଦାସ, ରମେଶ ସାହୁ, ରମେଶ ଚନ୍ଦ୍ର ପରିଡ଼ା, ନିରାକାର ସାହୁ, ବିଶ୍ୱପ୍ରତାପ ପରିଡ଼ା, ଅମର ବିଶ୍ୱାଳ, ପାପୁନ ସେଠୀ, ନୀଳମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜର୍ମାନୀରେ ଗବେଷଣା କରିବେ ଆଶୁତୋଷ



ଆଶୁତୋଷ ଜେନା।

ଭଦ୍ରକ,୨୦।୬ (ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଶୋଳଶାସନ ଗ୍ରାମର ଆଶୁତୋଷ ଜେନା(୩୦)ଙ୍କୁ ଜର୍ମାନୀରେ ଗବେଷଣା ପାଇଁ ସୁଯୋଗ ମିଳିଛି। କେରଳର ଭେଲାୟନିରେ ଥିବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ପ୍ରସାର ଶିକ୍ଷା ବିଭାଗର ତୃତୀୟ ବର୍ଷ ପିଏଚ୍‌ଡି ଛାତ୍ର ଆଶୁତୋଷ ଏହି ସୁଯୋଗ ହାସଲ କରି ଜିଲାର ଗୌରବ ବଢ଼ାଇଛନ୍ତି।

ବିଶୋଳଶାସନ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ଜେନା ଓ ପଦ୍ମିନୀ ଜେନାଙ୍କ ପୁଅ ଆଶୁତୋଷ। ଜର୍ମାନୀର ଜଷ୍ଟସ୍ ଲିବିଗ୍ ୟୁନିଭର୍ସିଟିରେ ୩ ମାସ ଗବେଷଣା କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ସୁଯୋଗ ଦିଆଯାଇଛି। ସେଠାରେ ସେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧରେ ଆଗୁଆ ସୂଚନା କିପରି ଶୀଘ୍ର ମିଳିପାରିବ, ତାହା ଉପରେ ଗବେଷଣା କରିବେ। ଏହି ଗବେଷଣା ପରିବର୍ତ୍ତନଶୀଳ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ବୋଲି ଆଶୁତୋଷ କହିଛନ୍ତି। ତାଙ୍କର ଗବେଷଣା ପ୍ରତି ନିଷ୍ଠା, ଅଧ୍ୟବସାୟ ଓ ପ୍ରୟାସ ଜାରି ରହିଥିବାରୁ ତାଙ୍କୁ ଏହି ସୁଯୋଗ ମିଳିଥିବା ସେ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ଗାଇଡ୍ ଅଧ୍ୟାପକ, ବିଶ୍ୱବିଦ୍ୟାଳୟର ଛାତ୍ର ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ତିହିଡ଼ି-ମାଟିଆସାହି ରାସ୍ତା ବର୍ଷାଦିନ ଆରମ୍ଭରୁ ଏମିତି



ମାଟିଆସାହି ରାସ୍ତାର ସାଠିବାଟିଠାରେ ଖାଲଖମାରେ ପାଣି ଜମିଛି।

ତିହିଡ଼ି,୨୦।୬(ସଞ୍ଜିତ ବଳ)

ତିହିଡ଼ି-ମାଟିଆସାହି ରାସ୍ତା ଅବସ୍ଥା ଶୋଚନୀୟ। ଯାହାଦ୍ୱାରା ବର୍ଷାଦିନ ଆରମ୍ଭରୁ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଏଥିଯୋଗୁ ପ୍ରତିଦିନ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଗାଡ଼ ହେବା ସହ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଫଳରେ ପ୍ରତିଦିନ ମାଟିଆସାହି ପର୍ଯ୍ୟନ୍ତ ଯାତାୟାତ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ବ୍ୟାହତ ହେଉଛି। ରାସ୍ତାର ଏଭଳି ଦୁରାବସ୍ଥା ସମ୍ପର୍କରେ ସ୍ଥାନୀୟ ଅଧିବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଭାଟପଡ଼ା, ସୟା, ମହରମପୁର ଓ ବାହାବଳପୁର ପଞ୍ଚାୟତର ଲୋକେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହାବ୍ୟତୀତ ଏହି ରାସ୍ତା ପଡ଼ୋଶୀ ବାସୁଦେବପୁର ବ୍ଲକକୁ ସଂଯୋଗ କରୁଥିବାରୁ ସେଠାକାର ଲୋକେ ତିହିଡ଼ିକୁ ଏହି ରାସ୍ତାରେ ଯାଇଥାନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୮ କି.ମି.ର ଏହି ରାସ୍ତା ୧୦ବର୍ଷ ପୂର୍ବେ ପିଚୁ ଓ କଂକ୍ରିଟରେ ନିର୍ମିତ ହୋଇଥିଲା। ହେଲେ ୨ବର୍ଷ ଭିତରେ କଂକ୍ରିଟ ଫାଟିଯିବା ସହ ପିଚୁ ଉଠିଯାଇ ଗାଡ଼ ସୃଷ୍ଟି ହେବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ପରେ ବିଭାଗ ପକ୍ଷରୁ ସ୍ଥାନେ ସ୍ଥାନେ ରାସ୍ତାକୁ ପୁନଃ ନିର୍ମାଣ କରାଯିବା ସହ ମରାମତି ମଧ୍ୟ କରାଯାଇଥିଲା। ତେବେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବାରୁ କିଛି ମାସ ପରେ ରାସ୍ତା ପୂର୍ବ ଅବସ୍ଥାକୁ ଫେରିଯାଇଥିଲା। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ହୋଇଛି। ରାସ୍ତାର ଏହି ଶୋଚନୀୟ ଅବସ୍ଥା ପାଇଁ ୪ ଚକିଆ ଯାନ ତ ଦୂରର କଥା ବାଇକ୍ ଓ ସାଇକେଲ ନେଇ ଯିବା କଷ୍ଟସାଧ୍ୟ ହେଉଛି। ସେହିପରି ତିହିଡ଼ିରୁ ମାଟିଆସାହିକୁ ପ୍ରତିଦିନ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛି। ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟିବାରେ ଲାଗିଛି। ବର୍ଷାଦିନ ଆରମ୍ଭରୁ ଏପରି ଅବସ୍ଥା ହୋଇଥିବା ବେଳେ ଆଗକୁ କି ପରିସ୍ଥିତି ଉପୁଜିବ ତାହା ସହଜରେ ଅନୁମେୟ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନ କହିଛନ୍ତି, ଉକ୍ତ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ପଠାଯାଇଛି। ଅନୁଦାନ ମିଳିଲେ ଟେଣ୍ଡର କରାଯାଇ ରାସ୍ତା ନିର୍ମାଣ କରାଯିବ।

# ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍



ଶୁଶୁଆସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ସାମୂହିକ ଅଭ୍ୟାସ କରାଯାଉଛି।

ଚରମ୍ପା,୨୦।୬(ଅମରେନ୍ଦ୍ର ପଣ୍ଡା)

ବର୍ଷାଦିନ ଆରମ୍ଭ ହୋଇଯାଇଥିବାରୁ ସମ୍ଭାବ୍ୟ ବାତ୍ୟା ଓ ବନ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ମୁକାବିଲା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ୭ ବ୍ଲକ୍‌ରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯାଇଛି। ଅପରାହ୍ନରେ ଭଦ୍ରକ ବ୍ଲକ ଅଧୀନ ଅର୍ଣ୍ଣପାଳ ପଞ୍ଚାୟତର ଶୁଶୁଆଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କରାଯାଇଥିଲା। ବାତ୍ୟା ଓ ବନ୍ୟା ପୂର୍ବରୁ ଲୋକେ କିପରି ସତର୍କ ରହିବେ ସେ ବିଷୟରେ ସଚେତନ କରାଯାଇଥିଲା। ଏଥିସହ ବାତ୍ୟା, ବନ୍ୟା ସମୟରେ କିପରି ସୁରକ୍ଷିତ ଭାବେ ଲୋକଙ୍କୁ ଆଶ୍ରୟସ୍ଥଳକୁ ଅଣାଯାଇପାରିବ ଏବଂ ବାତ୍ୟା ପରେ କିପରି ଉଦ୍ଧାର କରାଯିବ ସେନେଇ କୌଶଳ ଶିଖାଯାଇଥିଲା। ସ୍ଥାନୀୟ ଭାରପ୍ରାପ୍ତ ତହସିଲଦାର ଅନୁପ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ମନ୍ଦିରକୁ ଯାଇ ନିଖୋଜ ଯୁବକ

ଧାମନଗର,୨୦।୬(ସନ୍ତୋଷ କୁମାର ମହାପାତ୍ର)

ମନ୍ଦିରକୁ ଦର୍ଶନ କରିବାକୁ ଯାଇ ୨ଦିନ ହେଲା ଘରକୁ ଫେରିନାହାନ୍ତି ଧାମନଗର ଥାନା ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମର ଶୁଭମ ମାଝୀ(୧୯)। ତାଙ୍କ ବାପା କାଳନ୍ଦୀ ମାଝୀ ଶୁକ୍ରବାର ମଧ୍ୟାହ୍ନରେ ଧାମନଗର ଥାନାରେ ପୁଅ ନିଖୋଜ ନେଇ ଅଭିଯୋଗ କରିଛନ୍ତି। କାଳନ୍ଦୀଙ୍କ ଏକମାତ୍ର ପୁଅ ଶୁଭମ ଭଦ୍ରକସ୍ଥିତ ଏକ କଲେଜରେ ଡିପ୍ଲୋମା ଇଞ୍ଜିନିୟରିଂ ପରୀକ୍ଷା ଦେଇ ଘରେ ଥିଲେ। କାଳନ୍ଦୀଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ସେ କାମକୁ ଯାଇଥିବା ବେଳେ ସକାଳ ୯ଟା ସମୟରେ ଶୁଭମ ମା'ଙ୍କୁ କହି ଭଦ୍ରକସ୍ଥିତ ନଳାଙ୍ଗ ସାଇ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୁଅ ଘରକୁ ନ ଫେରିବାରୁ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। କିନ୍ତୁ ଫୋନ୍ ବନ୍ଦ ଥିଲା। ତୁରନ୍ତ ଉକ୍ତ ମନ୍ଦିରକୁ ଯାଇ ଖୋଜାଖୋଜି କରିବା ପରେ ପୁଅର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୂଚନା ମିଳିପାରି ନାହିଁ। ଶୁଭମ୍ ନେଇଥିବା ମୋବାଇଲ ନମ୍ବରକୁ ଟ୍ରାକିଂରେ ରଖିବା ସହ ତୁରନ୍ତ ଅନୁସନ୍ଧାନମୂଳକ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଗୋପାଳକୃଷ୍ଣ ଜେନା କହିଛନ୍ତି।

# 'କର୍ମୀମାନେ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାନ୍ତୁ'





ଭାଜପା ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୨୦।୬(ରାଜେନ୍ଦ୍ର ଶତପଥୀ)

କ୍ଷମତା ସର୍ବସ୍ୱ ରାଜନୀତିରେ ଭାଜପା ବିଶ୍ୱାସ କରେନାହିଁ। ଜନସାଧାରଣଙ୍କ ସେବାରେ ଦଳୀୟ କର୍ମୀମାନେ ସର୍ବଦା ନିୟୋଜିତ ହୋଇଥାନ୍ତି। ରାଜ୍ୟରେ ଭାଜପା ସରକାରଙ୍କ ୧ ବର୍ଷ ପୂର୍ତ୍ତି ଓ କେନ୍ଦ୍ରରେ ୧୧ବର୍ଷ ପୂର୍ତ୍ତିର ଉପଲବ୍ଧିକୁ ଜନସାଧାରଣଙ୍କୁ ଅବଗତ କରାଇବା ଆବଶ୍ୟକ ବୋଲି ଶୁକ୍ରବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ମଣ୍ଡଳ ସଭାପତି ତରଣୀସେନ ଯେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ସେଠୀ, ଅନ୍ୟତମ ଅତିଥି ଭାବେ ବିଧାନସଭା ନିର୍ବାଚନମଣ୍ଡଳୀ ନେତା ଡ. ସୁଧାଂଶୁ ଶେଖର ନାୟକ, ବରିଷ୍ଠ ନେତା ନିର୍ମଳ କର, ବଳଦେବଜୀଉ ମଣ୍ଡଳ ସଭାପତି ରଞ୍ଜନ କୁମାର ପରିଡ଼ା, କାର୍ଯ୍ୟକ୍ରମର ଜିଲା ସଂଯୋଜକ ପ୍ରତାପ କୁମାର ନାୟକ, ପୂର୍ବତନ ମଣ୍ଡଳ ସଭାପତି ଗିରିଶ ସାମଲ, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ ଓ ପ୍ରତାପ ଦ୍ୱିବେଦୀ ଯୋଗ ଦେଇଥିଲେ। ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକଙ୍କ ନିକଟରେ ଯୋଜନା ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

# ପାଇପ୍ ବିଛାଇବାକୁ ଖୋଳାଯାଉଛି, ମରାମତି ହେଉନି

- ବର୍ଷା ହେଲେ ମୁଖ୍ୟରାସ୍ତା କାଦୁଅ ପଚପଚ
- ତେଜୁଛି ଜନଅସନ୍ତୋଷ

ଧୁଷୁରୀ, ୨୦।୬ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲାର ପ୍ରମୁଖ ଶୈବପୀଠ ଆରଡ଼ି ଓ ଏହାର ଆଖପାଖ ଅଞ୍ଚଳରେ ଏବେ ମେଗା ଜଳ ପ୍ରକଳ୍ପର ପାଇପ୍ ବିଛାଣ କାର୍ଯ୍ୟ ଚାଲିଛି। ଏହା ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ରାସ୍ତା ପାର୍ଶ୍ୱ ଖୋଳି ପାଇପ୍ ବିଛା ଯାଇଥିଲା। ୫ବର୍ଷ ଧରି ରାସ୍ତାପାର୍ଶ୍ୱ ଖୋଳା ଚାଲିଥିଲେ ବି ପ୍ରକଳ୍ପ ଜଳ ଲୋକେ ପାଇପାରି ନାହାନ୍ତି। ଅନ୍ୟପଟେ ପାଇପ୍ ବିଛାଇବାକୁ ରାସ୍ତା ଖୋଳାଯାଇ ପରେ ମରାମତି ହେଉନାହିଁ। ବର୍ଷା ହେଲେ ରାସ୍ତା ଅବସ୍ଥା ବେହାଲ ହେଉଛି। ମାସେ ପୂର୍ବରୁ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ଉତ୍ତର ପାର୍ଶ୍ୱରେ ଜଣେ ଠିକାଦାର ଜେସିବି ଯୋଗେ ନିଜ ମନ ମୁତାବକ ରାସ୍ତା ଖୋଳିବା ସହ ପାଇପ୍ ବିଛାଇଛନ୍ତି। ବିଶେଷକରି ପହଣା, ଆରଡ଼ି, ସୁନ୍ଦରପୁର ଆଦି ସ୍ଥାନରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଆଗରେ କଂକ୍ରିଟ କିମ୍ବା ପିଚୁ ତାଡ଼ି ଠିକାଦାର ପାଇପ୍ ପକାଇବା ସହ ମାଟି ଘୋଡ଼ାଇ ଦେଇଛନ୍ତି। ଫଳରେ ବର୍ଷାରେ ମୁଖ୍ୟରାସ୍ତା କାଦୁଅ ପଚପଚ ହୋଇଯାଇଛି। ଏପରିକି ଏଠାରେ ବାଇକ୍ ଚାଳକ ଓ ସାଧାରଣ ଲୋକେ ପଡ଼ି ଆହତ ହେଉଥିବା ନଜିର ରହିଛି। ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନା ରାସ୍ତାକୁ ମଧ୍ୟ ଖୋଳି ଦିଆଯାଇଛି। ଯାହାକି ସ୍ଥାନୀୟ ଲୋକଙ୍କ ଅସନ୍ତୋଷର କାରଣ ହୋଇଛି। ନିୟମାନୁସାରେ ରାସ୍ତା ଖୋଳାଯିବାର ୭ ଦିନ ମଧ୍ୟରେ ଉକ୍ତ ସ୍ଥାନକୁ ମରାମତି କରାଯିବା କଥା। ପାଇପ୍ ବିଛାଣକୁ ମାସେ ବିତିଥିଲେ ମଧ୍ୟ ଠିକାଦାର ମରାମତି କରି ନ ଥିବାରୁ ଜନଅସନ୍ତୋଷ ତେଜୁଛି। ଖୋଳା ଯାଇଥିବା ସ୍ଥାନ ୭ଦିନ ମଧ୍ୟରେ ମରାମତି ନ ହେଲେ ରାସ୍ତାରୋକୋ କରିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମେଗା ପ୍ରକଳ୍ପ ଠିକାଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ବି କୌଣସି ଉତ୍ତର ମିଳିପାରି ନାହିଁ।



ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ କଂକ୍ରିଟ ରାସ୍ତା ଖୋଳାଯାଇଛି।

# ନାଚଗୀତରେ ରଜବତୀଙ୍କୁ ବିଦାୟ

ପାଟଣା/ ଢେଙ୍କିକୋଟ,୨୦।୬
(ବୀରକିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ରଜବତୀଙ୍କୁ ନାଚ ଗୀତ ଓ ପୂଜା ଅର୍ଚ୍ଚନା କରି ବର୍ଷ ପାଇଁ ବାଟେଇ(ବିଦାୟ) ଦେଇଛନ୍ତି। ଏଥି ପାଇଁ ଶତାଧିକ ମହିଳା ଓ ଯୁବତୀ ଗାଁ ଆମ୍ବ ତୋଟାରେ ଏକତ୍ରିତ ହୋଇ ରଜବତୀଙ୍କ ବିବାହ ପାଇଁ ଗାଁର ଜଣେ ଯୁବତୀ ପୁଅ ବେଶ ପରିଧାନ କରିବା ସହ ଜଣେ କନ୍ୟା ବେଶ ହୋଇଥିଲେ। ପରେ ଉଭୟଙ୍କ ମଧ୍ୟରେ ବିବାହ ସମ୍ପନ୍ନ କରାଯାଇଥିଲା। ବାଣ, ବାଜା, ଡିଜେ ବଜାଇ ଶୋଭାଯାତ୍ରାରେ ଯୁବତୀ ମହିଳାମାନେ ଗାଁ ପରିକ୍ରମା କରିଥିଲେ। ଏଥିସହ ପାରମ୍ପରିକ ଶବରୀ ନୃତ୍ୟ କରିଥିଲେ ମହିଳାମାନେ। ରଜବତୀଙ୍କୁ ବିଦାୟ ବେଳେ



ଯୁବତୀ ଓ ମହିଳାମାନେ ଖୁସିରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ପୁଣି ଆର ବର୍ଷକୁ ରଜ ଆସିବାକୁ ଆବାହନ କରିଥିଲେ। ଧରାଧାମ ଶସ୍ୟ ଶ୍ୟାମଳା କରିବା ସହ ଭଲ ଫସଲ ହେବାକୁ ଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ସେହିପରି ଢେଙ୍କିକୋଟ୍ ପଞ୍ଚାୟତ ଟିଙ୍କିରା ଗ୍ରାମରେ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହିଳା ଓ ଯୁବତୀମାନେ ଏଠାରେ ଥିବା ୨୦ରୁ ଉର୍ଦ୍ଧ୍ୱ ଦୋଳିରେ ଗୀତ ଗାଇ ଦୋଳି ଖେଳି ମଜା ନେଇଥିଲେ। ଶେଷ ଦିନରେ ରଜବତୀଙ୍କୁ ଅଞ୍ଚଳର ମହିଳାମାନେ ବର କନ୍ୟା ବାହାଘର କରି, ନାଚଗୀତ କରି

## ରଜ ଉତ୍ସବ ଉଦ୍‌ଯାପିତ

ବାଟେଇଥିଲେ(ବିଦାୟ ଦେଇଥିଲେ)। ଏହି ଅବସରରେ ବରଯାତ୍ରୀ ସାଜିଥିବା ଯୁବତୀ, ମହିଳାମାନେ କନିଆ ଘରକୁ ଯାଇ ଭୋଜିଭାତ ଖାଇଥିଲେ। ଗ୍ରାମର ଯୁବତୀ ମହୋତ୍ସବର ନେତୃତ୍ୱ ନେଇଥିବା ବେଳେ ସଭାପତି ଗୌରୀ ନାଏକ, ଶଶୀ ନାଏକ, ସୁରୁବାଲି ନାଏକ, କଣ୍ଢେଇ ନାଏକ, ବୈଦେଇ ନାଏକ, ସୋମା ନାଏକ, ପ୍ରମିଳା ନାଏକ ଏବଂ ଶୈଳେନ୍ଦ୍ରି ନାଏକ ସହଯୋଗ କରିଥିଲେ। ବଡ଼ମସିଣାବିଲାର ପୂର୍ବତନ ସରପଞ୍ଚ ଅଜୟ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ଆଖପାଖ ଗ୍ରାମାଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ ମହିଳା, ଯୁବତୀ ଯୋଗଦେଇ ସାଂସ୍କୃତି କାର୍ଯ୍ୟକ୍ରମର ମଜା ନେଇଥିଲେ।

# ବଡ଼ଳା ଟ୍ରକ୍ ମାଲିକ ସଂଘର ଧାରଣା

## ପରିବହନକୁ ନେଇ ବିବାଦ ପ୍ରସଙ୍ଗ

ବଡ଼ଳା,୨୦।୬(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଓଏମ୍‌ସି କ୍ରୋମାଇଟ୍ ମାଇନ୍ସରେ ପରିବହନକୁ ନେଇ ଅଚଳାବସ୍ଥା ଲାଗିରହିଛି। ଏ ନେଇ ଶୁକ୍ରବାର ବଡ଼ଳା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ବିଭିନ୍ନ ଦାବି ନେଇ ଓଏମ୍‌ସି ଖଣିର ପରିବହନ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ମୁତାବକ, ଦୀର୍ଘ ବର୍ଷ ଧରି ବଡ଼ଳା ଟ୍ରକ୍ ମାଲିକ ସଂଘ ବଡ଼ଳା ଫେକର, ନୁଆସାହି ଇମ୍ପା ଓ ବାଙ୍ଗୋର ଓଏମ୍‌ସିକୁ ଗାଡ଼ି ଯୋଗାଇ ପରିବହନ କରିଆସୁଥିଲା। ବଡ଼ଳା ଫେକର, ନୁଆସାହି ଇମ୍ପା ଖଣି ବନ୍ଦ ପରେ କେବଳ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣି ଚାଲିଛି। କିନ୍ତୁ ୭ ମାସରୁ ଉର୍ଦ୍ଧ୍ୱ ହେବ ପରିବହନ ବନ୍ଦ ହୋଇ ଯାଇଥିବାରୁ ଟ୍ରକ୍ ମାଲିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଟ୍ରକ୍ ମାଲିକ ସଂଘର ଏକ ପ୍ରତିନିଧି ଦଳ ଓଏମ୍‌ସିର କର୍ତ୍ତୃପକ୍ଷଙ୍କୁ ଗତ ୨୫ ତାରିଖରେ ଭେଟି ଥିଲେ। କିନ୍ତୁ ପରିବହନ କରିବାକୁ ଓଏମ୍‌ସି ଖଣିକୁ ପଠାଇଥିବା ବେଳେ ଓଏମ୍‌ସି ଛକରୁ ଗାଡ଼ିଗୁଡିକ ଅଟକା ଯାଇଥିଲା। ସେହିପରି ଗାଡ଼ି ଲୋଡିଂ କରୁଥିବା ଶ୍ରମିକମାନେ କାମ ପାଉ ନ ଥିବାରୁ ଆର୍ଥିକ ସଙ୍କଟରେ ରହିଛନ୍ତି। ଏଥିପ୍ରତି ଓଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଟ୍ରକ ମାଲିକ ନରେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ନାୟକ, ଆନନ୍ଦ ନାରାୟଣ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇ ଚେତାବନୀ ଦେଇଛନ୍ତି। ଓଏମ୍‌ସି କର୍ତ୍ତୃପକ୍ଷଙ୍କ ଆଲୋଚନା ପରେ ଟ୍ରକ୍ ମାଲିକମାନେ ଧାରଣାରୁ ଉଠିଥିବା ଜଣାପଡ଼ିଛି।

# ମହିଳାଙ୍କ ସୁରକ୍ଷାକୁ ନେଇ ଏସ୍‌ପିଙ୍କୁ ଭେଟିଲା ଓକିଲ ସଂଘ



ଓକିଲ ସଂଘର ସଦସ୍ୟମାନେ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୨୦।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାର ଆଇନଶୃଙ୍ଖଳା ସୁଧାରିବା ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଜିଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟାମାନେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କୁ ଭେଟି ପଣ୍ଡାପଡ଼ା ଥାନା ଅଧୀନରେ ଘଟିଥିବା ଗଣ ବଳାତ୍କାର ଓ ହତ୍ୟା ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବାକୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶେଷ କରି ଉକ୍ତ ଘଟଣାର ତଦନ୍ତ ଶୀଘ୍ର ସାରି ଚାର୍ଜସିଟ ଦାଖଲ କରିବା ପାଇଁ ପଣ୍ଡାପଡ଼ା ଥାନା ଅଧିକାରୀଙ୍କୁ ଆଦେଶ କରିବାକୁ ଦାବି କରିଥିଲେ। ଆଗକୁ ରଥ ଯାତ୍ରା ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ସହର ତଥା ସହର ଲାଗିଥିବା ଗ୍ରାମାଞ୍ଚଳ ତଥା ପର୍ଯ୍ୟଟନ ସ୍ଥଳୀରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା ତ୍ୱରାନିତ କରିବା ପାଇଁ ଉପ ସଭାପତି ଭାରତ ଭୂଷଣ ଦାସ ଦାବି କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜିଲା ହୋଇଥିବାରୁ ନାରୀଙ୍କ ପ୍ରତି ଅଧିକ ସୁରକ୍ଷା ଦେବା ସହ ଏକ ହେଲ୍ପଲାଇନ ସେବା ବ୍ୟବସ୍ଥା ଜାରି କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଆଲୋକ ମହାନ୍ତ, ଉପସଭାପତି ଭାରତ ଭୂଷଣ ଦାସ, ସମ୍ପାଦକ ଅକ୍ଷୟ ଜେନା, ଯୁଗ୍ମ ସମ୍ପାଦକ ହୁସେନ ଉଦ୍ଦିନ, କାର୍ଯ୍ୟକାରୀ ସଦସ୍ୟ ସୁବ୍ରତ ସେଠୀ, ଅର୍ଚ୍ଚନା ଦାସଙ୍କ ସମେତ ବହୁ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ଏସ୍‌ପି ଦାବି ଉପରେ ସତନ୍ତ୍ର ଧ୍ୟାନ ଦେବେ ବୋଲି କହିଛନ୍ତି।

# ଝାଡ଼ାବାନ୍ତିରେ ୭ ଆକ୍ରାନ୍ତ

**ଉଠା ଦୋକାନ ବନ୍ଦକଲା ପୌରପାଳିକା**

ଯୋଡ଼ା,୨୦।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଝାଡ଼ାବାନ୍ତିରେ ୭ ଜଣ ଆକ୍ରାନ୍ତ ହୋଇଛନ୍ତି। ୪ ଜଣ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୩ ଜଣ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆକ୍ରାନ୍ତମାନେ ଯୋଡ଼ା ବନେଇକଳା, ହୁଡ଼ି ସାହି, ସହିଦ ନଗର ଓ ଜୁରୁଡ଼ି ନ୍ୟୁ କଲୋନୀର ହୋଇଥିବା ଜଣାପଡ଼ିଛି। ଟାଟା କମ୍ପାନୀ ଡାକ୍ତର ସୁଚିସ୍ମିତା ଦାସ କହିଛନ୍ତି, ବର୍ଷା ଋତୁ ଜନିତ ଲୁଜ ମୋସନ, ଅତ୍ୟଧିକ ଆମ୍ବ, ଖାଦ୍ୟପେୟରେ ଅନିୟମିତତା ହେଲେ ଏହିପରି ରୋଗ ଦେଖା ଦେଇଥାଏ।

ପ୍ରକାଶ ଯେ, ସଂକ୍ରମଣକୁ ରୋକିବା ପାଇଁ ଯୋଡ଼ା ପୌରପାଳିକା ପକ୍ଷରୁ ଠେଲା ଗାଡ଼ିରେ ବିକୁଥିବା ଜଳଖିଆ ଦୋକାନକୁ ସାମୂହିକ ଭାବେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୌର ଯନ୍ତ୍ରୀ ମନୋଜ ବେହେରା, ସୁଧାଂଶୁ ଜେନା, ଶଙ୍କର ସାହୁ, ସୌମ୍ୟ ରଞ୍ଜନ ସେଠୀ, ବ୍ରହ୍ମାନନ୍ଦ ମହାନ୍ତ, ସୋମିତ୍ର ପଲେଇ ପ୍ରମୁଖ ଯୋଡ଼ା ବଜାର, ବନେଇକଳା, ଯୋଡ଼ା ବସ୍‌ଷ୍ଟାଣ୍ଡ, ଧରଣୀଧର ଛକ, ମଙ୍ଗଳା ମନ୍ଦିର ଛକ, ଯୋଡ଼ା ଆରଏମ୍‌ସି ମାର୍କେଟ, ସାଇ ମନ୍ଦିର ଛକ ପ୍ରଭୃତି ସ୍ଥାନଗୁଡ଼ିକରେ ଥିବା ତେଲଭାଜି, ମୋମୋ ଦୋକାନ, ଗୁପ୍‌ଚୁପ୍ ଦୋକାନ, ଫାଷ୍ଟଫୁଡ ଦୋକାନ, ଛେନା ମିଠା ଦୋକାନଗୁଡ଼ିକୁ ଯାଇ ଯାଞ୍ଚ କରିଥିଲେ। ଖାଦ୍ୟକୁ ଘୋଡ଼େଇ ରଖିବା, ବିଶୁଦ୍ଧ ପାଣି ଗ୍ରାହକଙ୍କୁ ଦେବା, ଖାଦ୍ୟକୁ ମାଛିଠାରୁ ଦୂରେଇ ରଖିବା ପ୍ରଭୃତି ବିଷୟରେ କହି ସଚେତନ କରାଇଥିଲେ। ସାମୂହିକ ଭାବେ ଠେଲାଗାଡ଼ିରେ ଖାଦ୍ୟ ସାମଗ୍ରୀ ବିକ୍ରି ଉପରେ ଜିଲା ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ଉଠା ଦୋକାନ କରିଥିବା ସୁରେନ୍ଦ୍ର ମୁଦୁଲି କହିଥିବେ, ଖୋଲା ଡ୍ରେନରୁ ମାଛି, ମଶା ବୃଦ୍ଧି ପାଉଛନ୍ତି। ଡ୍ରେନ୍ ନିର୍ମାଣ ନ କରି ପ୍ରଶାସନ ତାଙ୍କ ଉପରେ ଦାଉ ସାଧୁଛି।

## ଲୁଟ୍ ମାମଲା: ଦୋଷୀଙ୍କୁ ବର୍ଷେ ଜେଲ

କେନ୍ଦୁଝର,୨୦।୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର କୋର୍ଟ ଏସ୍‌ଡିଜେଏମ କୋର୍ଟରେ ଲୁଟ୍ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତ୍ରା କୁମାରୀ ଦାଶ ବିଚାର କରି ଜଘିଂରା ଗ୍ରାମର ଚିନ୍ତାମଣି ମୁଖି (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ମାସ କାରାଦଣ୍ଡ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ଅପ୍ରେଲ ୬ ତାରିଖରେ କେନ୍ଦୁଝର ଜେଲ ରୋଡ଼ସ୍ଥିତ ଶ୍ରୀକ୍ରିଷ୍ଣା ହୋଟେଲ ଭିତରେ ପଶି ମ୍ୟାନେଜର ଦିବ୍ୟରଞ୍ଜନ ବାରିକଙ୍କୁ ଅଭିଯୁକ୍ତ ଚିନ୍ତାମଣି ପଇସା ମାଗିଥିଲେ। ପଇସା ଦେବାକୁ ମନା କରିବାରୁ ହୋଟେଲ ଛାଡି ଚାଲିଯାଇଥିଲେ। ପରଦିନ ପୁଣି ପଶି ସୁରକ୍ଷାକର୍ମୀଙ୍କ ଏକ ମୋବାଇଲ ଛଡ଼ାଇ ନେଇଥିଲେ। ପୋଲିସ ଚିନ୍ତାମଣିଙ୍କୁ କୋର୍ଟ ଚାଲାଣ କରିଥିଲା। ୪ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏପିପି ସତ୍ୟବ୍ରତ ମହାନ୍ତି, ହିମାଂଶୁ ମହାନ୍ତି, ଚିରନ୍ତନ ଦାସ ମାମଲା ପରିଚାଳନା କରୁଥିଲେ।

# ବ୍ଲକ୍‌ସ୍ତରୀୟ ଶ୍ରୀଅନ୍ନ ଅଭିଯାନ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଚମ୍ପୁଆ/ଯୋଡା/
ଝୁମ୍ପୁରା,୨୦।୬(ମହେଶ୍ୱର ଦାସ/
ମାନସ ମହାନ୍ତି/ଶଷିଭୂଷଣ ସାହୁ)

କେନ୍ଦୁଝର ଜିଲା ଚମ୍ପୁଆ ଧରଣୀଧର ନଗରଭବନଠାରେ ବ୍ଲକ୍‌ସ୍ତରୀୟ ଶ୍ରୀଅନ୍ନ ଅଭିଯାନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଆନୁଷ୍ଠାନିକ ଭାବରେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଅନ୍ନ ଅଭିଯାନ ଜିଲା ସଂଯୋଜକ ଅଭିଷେକ ପଣ୍ଡାଙ୍କ ଦ୍ୱାରା ପରିଚାଳିତ କର୍ମଶାଳାରେ ଶ୍ରୀଅନ୍ନ ଯୋଜନା ଅଧିକାରୀ ସୁମନସ୍ମିତା ତରାଇ, ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ଚମ୍ପୁଆ କୃଷି ଜିଲା ଅଧିକାରୀ ସତ୍ୟବାନ ସୋରେନ, ଚମ୍ପୁଆ ବ୍ଲକ୍ କୃଷି ଅଧିକାରୀ ସାରାଦା ହାଁସଦା, ଯୋଡ଼ା ବ୍ଲକ୍ କୃଷି ଅଧିକାରୀ ସୁମିତା ମହାନ୍ତ, ଝୁମ୍ପୁରା ବ୍ଲକ୍ କୃଷି ଅଧିକାରୀ ସଂଯୁକ୍ତା ମୁଣ୍ଡା ଓ ରମାମଣୀ ସାହୁ, ହରିଓମ ପାଣିଗ୍ରାହି ପ୍ରମୁଖ ଯୋଗଦେଇ ମାଣ୍ଡିଆର ଉପକାରିତା, ଉପରେ ମତ ଦେଇଥିଲେ।

**ମୟୂରଭଞ୍ଜ**

# ବନ୍ୟା ସ୍ଥିତି ଅନୁଧ୍ୟାନକଲେ ଜିଲାପାଳ

- ଝାଡ଼ଖଣ୍ଡ ଖୋଲିଲା ଗେଟ୍
- ରାତିସାରା ଟାପୁରେ ଥିବା ଯୁବକଙ୍କ ମିଳୁନି ପତ୍ତା

ବାରିପଦା,୨୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା ନଦୀର ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ଟପିଛି। ମୟୂରଭଞ୍ଜ ଜିଲାପାଳ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଅପରାହ୍ନରେ ଜଳସ୍ତର କମିଥିବାରୁ ନଦୀକୂଳିଆ ୩ ଗ୍ରାମର ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ସେହିପରି ରାତିସାରା ପାଣି ଘେରରେ ଥିବା ଜଣେ ଯୁବକଙ୍କ କୌଣସି ପତ୍ତା ମିଳି ନ ଥିବା ବେଳେ ଓଡ୍ରାଫ ଟିମ୍ ଖୋଜାଖୋଜି ଜାରି ରଖିଛି।

ସୂଚନାଯୋଗ୍ୟ, ଲଘୁଚାପ ଯୋଗୁ ୨ ଦିନ ଧରି ମୟୂରଭଞ୍ଜ ଓ କେନ୍ଦୁଝର ସମେତ ପଡ଼ୋଶୀ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜରୁ ପାଣି ଛଡ଼ାଯିବାରୁ ସୁବର୍ଣ୍ଣରେଖା ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିଲା। ପ୍ରତି ସେକେଣ୍ଡରେ ୨ଲକ୍ଷ ୪୨ କ୍ୟୁସେକ ପାଣି ପ୍ରବାହିତ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ବନ୍ୟାସ୍ଥିତି ବୁଲି ଦେଖୁଛନ୍ତି।

ହେଉଥିବାରୁ ତଳ ମୁଣ୍ଡରେ ଥିବା ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍‌ର ୨ଟି ଓ ରାସଗୋବିନ୍ଦପୁର ବ୍ଲକ୍‌ର ଗୋଟିଏ ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ଡ୍ୟାମ୍‌ରୁ ପାଣି ଛଡ଼ାଯିବା ନେଇ ଖବର ପାଇବା ପରେ ନଦୀ ତଟବର୍ତ୍ତୀ ଗ୍ରାମଗୁଡ଼ିକର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଲୋକଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। ନଦୀ ଗର୍ଭରେ ଥିବା ଏକ ଟାପୁରେ ଜଣେ ଯୁବକ ପାଣି ଘେରରେ ରହିଯାଇଥିଲେ। ଗୁରୁବାର ରାତି ତମାମ ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ଶୁକ୍ରବାର ସକାଳୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ଉକ୍ତ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ତେବେ ଫସି ରହିଥିବା ଯୁବକ ଜଣକ ମାନସିକ ବିକାରଗସ୍ତ ଥିବାରୁ ସେ ନଦୀ ସ୍ରୋତରେ ଭାସିଯାଇଥିବା ନେଇ ଉଦ୍ଧାରକାରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଜିଲାର ଅନ୍ୟ ସମସ୍ତ ନଦୀ ସମେତ ସୁବର୍ଣ୍ଣରେଖାର ଜଳପତ୍ତନ ବୃଦ୍ଧି ପାଇଥିଲେ ହେଁ ଅପରାହ୍ନରେ କମିଛି। ବନ୍ୟା ପରିସ୍ଥିତି ଉପୁଜିବା ନେଇ କୌଣସି ଆଶଙ୍କା ନାହିଁ। ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିଥିବା ସେ କହିଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ନୂଆ ଅଧ୍ୟକ୍ଷ

### ସୀମାନ୍ତ ମହାବିଦ୍ୟାଳୟ



ଝାରପୋଖରିଆ,୨୦।୬(ସୁଧିର କୁମାର ମହାନ୍ତ)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନ ଝାରପୋଖରିଆ (ବମ୍ଫେଛକ)ସ୍ଥିତ ଏକମାତ୍ର ଡିଗ୍ରୀ କଲେଜ ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦ୍ୟୋତ କୁମାର ଅବସର ନେବାପରେ ତାଙ୍କ ସ୍ଥାନରେ ପ୍ରାଧ୍ୟାପକ ପ୍ରହ୍ଲାଦ ଅଗସ୍ତି ଗତ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଢେଙ୍କାନାଳ ଜିଲା ଜିରାଳ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ପ୍ରାଧ୍ୟାପିକା, ପ୍ରଧ୍ୟାପକଙ୍କ ସହିତ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ ଉତ୍ତମ ଶିକ୍ଷା ପ୍ରଦାନ ସହିତ ମହାବିଦ୍ୟାଳୟର ମାନ ବୃଦ୍ଧି ନିମନ୍ତେ ସର୍ବଦା ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି ।

## ଅବକାରୀ ଚଢ଼ାଉ, ବିପୁଳ ପୋଚ ନଷ୍ଟ

ଉଦଳା,୨୦।୬(ସନ୍ତୋଷ କୁମାର ବାଛିନୀ)- ଉଦଳା ଅବକାରୀ ବିଭାଗ ପଥୁରିଆ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ରେ ଚଢ଼ାଉ କରି ବିପୁଳ ପୋଚ ନଷ୍ଟ କରିବା ସହ ୨ଟି ବାଇକ୍ ଜବତ କରିଛି। ୨ ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଅବକାରୀ କର୍ମଚାରୀ ଡ୍ରମରେ ଥିବା ୧୨୫୦୦ କେଜି ପୋଚ ଢାଳି ନଷ୍ଟ କରିଥିବା ବେଳେ ବିକ୍ରି ପାଇଁ ଥିବା ୩୫୦ ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରିଥିଲେ। ଫେରାର ୨ ମଦ ବେପାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଇନ୍ସପେକ୍ଟର ଶ୍ରୀଧର ମହାନ୍ତି କହିଛନ୍ତି।

# କାଠ ବୋଝେଇ ଗାଡ଼ି ଜବତ



ଜବତ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍।

ଉଦଳା,୨୦।୬(ସନ୍ତୋଷ କୁମାର ବାଛିନୀ)

ଉଦଳା ବନ ବିଭାଗ ଚଢ଼ାଉ କରି ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଗୁରୁବାର ରାତି ୩ଟା ସମୟରେ ଉଦଳା ବନ ବିଭାଗ କର୍ମଚାରୀ ଫୁଲବାଡ଼ିଆ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ କାଠ ଚୋରା ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି କାଠ ଚୋରା ଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ ବିଭାଗ କାଠ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଜବତ କରିଥିଲା। ଜବତ କାଠ ଗମ୍ଭାରୀ କାଠ ହୋଇଥିବା ବେଳେ ତାହାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି କାଠ ଶିମିଳିପାଳ ଅଭୟାରଣ୍ୟରୁ କଟାଯାଇ ବାଲେଶ୍ୱର ଜିଲାକୁ ଚୋରା ଚାଲାଣ ହେଉଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

# ଖବରଦାତାଙ୍କ ସୁରକ୍ଷା ନେଇ ଆଲୋଚନା

**ଭଏସ୍ ଅଫ୍ ମିଡିଆର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ**

ବେତନଟୀ,୨୦।୬(ଧରଣଧର ମହାନ୍ତି)

ବେତନଟୀ ଧର୍ମଶାଳଠାରେ ଭଏସ୍ ଅଫ୍ ମିଡିଆ ଓଡ଼ିଶା, ସାମ୍ବାଦିକ ଶାଖାର ମୟୂରଭଞ୍ଜ ଜିଲାସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ସଭାପତି ସାମ୍ବାଦିକ ରାଜେଶ କୁମାର ଖଣ୍ଡେଲୱାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସଂଗଠନର ରାଜ୍ୟ ଶାଖା ସଭାପତି ପ୍ରଭାତ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ସଞ୍ଜୀବ ସାଏ, ଉପସଭାପତି ଟି ବାଲାଜୀ ପାତ୍ର, କୋଷାଧକ୍ଷ ସରୋଜ କୁମାର ମୁଦୁଲି ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ବେତନଟୀ, ବଡ଼ସାହି ଓ ମୋରଡ଼ା ଅଞ୍ଚଳରୁ ୨୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଖବରଦାତା ମାନଙ୍କର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରେ ଖବର ଲେଖାକୁ ନେଇ ଖବରଦାତାମାନଙ୍କୁ ବିରୋଧ ଓ ଆକ୍ରମଣ ହେଉଥିବାରୁ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଉଚିତ ବୋଲି ବକ୍ତବ୍ୟ ଦେଇଥିଲେ। ଆଗାମୀ ଦିନରେ ଜିଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ବ୍ଲକରେ ଭଏସ ଅଫ ମିଡିଆର ବ୍ଲକ ସଂଘ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଖବରଦାତା ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡ଼ା, ସତୀଶ କୁମାର ସାହୁ, ଉଦିତ କୁମାର ପରିଡ଼ା, ହରିଶ ଚନ୍ଦ୍ର ସାମଲ, ଚିନ୍ମୟ କୁମାର ମିଶ୍ର, ନିରଞ୍ଜନ ମହାନ୍ତ, ଲାଲମୋହନ ନାଏକ, ଦୀପକ ମହାନ୍ତ, ଅଜିତ ମହାରଣା, ମନୋଜ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ

# ମିଶନ ଟାଇଗର ଏଫ୍‌ସି ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ମୋରଡ଼ା,୨୦।୬(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଧାନଶୋଳର ଫାଇଭ୍‌ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ୨୯ତମ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଗୁରୁବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମା' ବାଲି ସୁଭଦ୍ରା ଏଫ୍‌ସିକୁ ୧-୦ ଗୋଲରେ ହରାଇ ମିଶନ ଟାଇଗର ଏଫ୍‌ସି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଉତ୍ତମ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଶ୍ୟାମ ସୁନ୍ଦର ଡାକୁଆ, ସମ୍ମାନିତ ଅତିଥିଭାବେ ସାରୁମୂଳା ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ସିଂ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ଯଥାକ୍ରମେ ୩୦ ହଜାର ଏବଂ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ତୃତୀୟ ଏବଂ ଚତୁର୍ଥ ସ୍ଥାନ ହସଲ କରିଥିବା ରୟାଲ ଏଫ୍‌ସି ଏବଂ ତେଲକୁଣ୍ଡି ଏଫ୍‌ସିକୁ ମଧ୍ୟ ପୁରସ୍କୃତ କରିଥିଲେ। କମିଟି ସଭାପତି ହରେନ୍ଦ୍ର ରାଉତ, ସମ୍ପାଦକ ଗଗନ ଟୁଡୁ, ସଦସ୍ୟ କାରୁ ହେମ୍ବ୍ରମ, ଜୀବନ ରାଉତ, କାଳିଆ ବାସ୍କେ, ବାଡ଼ା ବାସ୍କେ, ଶ୍ରୀମତ, ହରେନ୍ଦ୍ର ରାଉତ, କିଶୁନ ବାସ୍କେ, ସଞ୍ଜୟ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବିକ୍ଷୋଭକାରୀଙ୍କୁ ଉଠାଇନେଲା ପୋଲିସ

## ୧୨ ଘଣ୍ଟିଆ ବାରିପଦା ବନ୍ଦ ପ୍ରଭାବଶୂନ୍ୟ

ବାରିପଦା,୨୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅର୍ଥ ଆତ୍ମସାତ ଅଭିଯୋଗ ନେଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ (ମାସା) ପକ୍ଷରୁ ଶୁକ୍ରବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବ ଶୂନ୍ୟ ହେଉଥିବା ଦେଖିବାକୁ ମିଳିଛି। ବାରିପଦା ସହର ସ୍ୱାଭାବିକ ରହିଥିବା ବେଳେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଇ ଅଟକ ରଖିଛି। ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗରେ ପ୍ରକଳ୍ପ କାର୍ଯ୍ୟ କରା ନ ଯାଇ ଅନେକ କୋଟି ଟଙ୍କା ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅର୍ଥ ଆତ୍ମସାତ ଘଟଣାରେ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାସା ପକ୍ଷରୁ ଦାବି ହୋଇଥିଲା। ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରେ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରତିବାଦ କରିବା ସମୟରେ ସଙ୍ଗଠନର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ସମେତ ୧୦ଜଣଙ୍କୁ ପୋଲିସ ଅଟକ ରଖି ଅପରାହ୍ଣରେ ଛାଡ଼ି ଦେଇଥିଲା। ପରେ ସହରର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବିଦ୍ୟାଳୟ ନିକଟରେ ବଢ଼ୁଛି ଦୁର୍ଘଟଣା

## ୨ ମାସରେ ୭ ଦୁର୍ଘଟଣା, ହମ୍ପସ ନିର୍ମାଣ ଦାବି



ବଞ୍ଚୋ,୨୦।୬(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହି ବ୍ଲକ ବଞ୍ଚୋ ଅନନ୍ତ ଗୋପାଳ ବିଦ୍ୟାଳୟ ନିକଟରେ ଦୁର୍ଘଟଣା ବଢ଼ୁଛି। ୨ ଟି ରାସ୍ତା ମିଶି ଥିବାରୁ ମୋଡରେ ଗାଡ଼ି ଆସୁଥିବା ଜଣା ନ ପଡ଼ି ଦୁର୍ଘଟଣା ଘଟୁଛି। ବିଶେଷ କରି ହମ୍ପସ ନ ଥିବାରୁ ଗାଡ଼ି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ୨ ରୁ ୩ ମାସ ମଧ୍ୟରେ ୭ ଦୁର୍ଘଟଣା ଘଟି ଅନେକ ଗୁରୁତର ହୋଇଛନ୍ତି। ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପସ ନିର୍ମାଣ ପାଇଁ ଦାବି କରାଯାଉଛି। ମାତ୍ର କେହି କର୍ଣ୍ଣପାତ କରୁ ନ ଥିବା ବେଳେ ବିଗତ ୨ ମାସ ମଧ୍ୟରେ ୭ ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଛି। ଗୋଟିଏ ଦୁର୍ଘଟଣାରେ ୨ ଜଣ ଶିଶୁ ଓ ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ଗ୍ରାମବାସୀ ବାରମ୍ବାର ଦୁର୍ଘଟଣାକୁ ନେଇ ଚିନ୍ତିତ ଥିବା ବେଳେ ଅଭିଭାବକମାନେ ନିଜେ ପିଲାଙ୍କୁ ରାସ୍ତାପାର କରି ସ୍କୁଲରେ ଛାଡ଼ିବାକୁ ପଡ଼ୁଥିବା କହିଛନ୍ତି। ଅଭିଭାବକମାନେ ସ୍କୁଲ ଆଗରେ ହମ୍ପସ ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି। ଗ୍ରାମବାସୀ, ଅଭିଭାବକ ବଞ୍ଚୋ ସରପଞ୍ଚ ଓ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ ମଧ୍ୟ କରିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ କିଛି ସୁଫଳ ମିଳିନାହିଁ। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ କହିଛନ୍ତି, ଏହା ଆରଡି ବିଭାଗର ରାସ୍ତା, ତେଣୁ ହମ୍ପସ ନିର୍ମାଣ କରିବା ଆଇନ ବିରୋଧୀ। ତଥାପି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦେଢ଼ ବର୍ଷ ପରେ ଖୋଲିଲା ଅଙ୍ଗନୱାଡି କେନ୍ଦ୍ର

## ନିଯୁକ୍ତିକୁ ନେଇ ବିବାଦ ଘଟଣା

ପାଟଣା,୨୦।୬ (ବୀରକିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ବାଲିବନ୍ଧ(କ) ଅଙ୍ଗନୱାଡି କେନ୍ଦ୍ର ଦେଢ଼ ବର୍ଷ ପରେ ଶୁକ୍ରବାର ପୂର୍ବାହ୍ନରେ ଖୋଲାଯାଇଛି। ନିଯୁକ୍ତି ବିବାଦକୁ ନେଇ କେନ୍ଦ୍ରକୁ ଗ୍ରାମବାସୀ ବନ୍ଦ କରିଥିଲେ। ଶୁକ୍ରବାର ସାହାରପଡ଼ା ତହସିଲଦାର ତଥା ମାଜିଷ୍ଟ୍ରେଟ ଲୀଳାବତୀ ନାୟକଙ୍କ ଉପସ୍ଥିତିରେ ଗେଟ୍‌ର ତାଲା ଭଙ୍ଗାଯାଇ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରଶାସନ ଖୋଲିଛି। ସୂଚନାଯୋଗ୍ୟ, ବାଲିବନ୍ଧ ଗ୍ରାମର ଜଣେ ଯୁବତୀ ୨ ଏସ୍‌ଇ ମହିଳା ଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ରହିବା ପାଇଁ ଦରଖାସ୍ତ କରିଥିଲେ। ପୋଷ୍ଟଟି ଏସଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଗାଲୁଫୁଲା ଗ୍ରାମର ଜଣେ ମହିଳା ନିଯୁକ୍ତି ପାଇଥିଲେ। ଗାଁର ଯୁବତୀ ଓ ମହିଳାଙ୍କୁ ନିଯୁକ୍ତି ଦାବିରେ ଦେଢ଼ବର୍ଷ ଧରି(୨ ଜାନୁଆରୀ ୨୦୨୪)ରୁ ପାଟଣା ବ୍ଲକ୍ ବାଲିବନ୍ଧ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ରାମବାସୀ ତାଲା ପକାଇ ରଖିଥିଲେ। ଗ୍ରାମବାସୀ ଏ ନେଇ ବିଭିନ୍ନ ସମୟରେ ପ୍ରତିବାଦ ଓ ଆନ୍ଦୋଳନ କରି ନବ ନିଯୁକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ିରେ ପ୍ରଥାର ଦେଇ ନ ଥିଲେ। ପ୍ରଶାସନ ନିଷ୍ପତ୍ତି କ୍ରମେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ସିଡିପିଓ କଳ୍ପନା ଦୋରା, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ପ୍ରମୁଖ ଉପସ୍ଥିତିରେ ଅଙ୍ଗନୱାଡ଼ି ଗେଟରୁ ତାଲା ଭଙ୍ଗାଯାଇଥିଲା। ଅନ୍ୟପକ୍ଷେ ଗାଁର ଶିଶୁଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛାଡିବେ ନାହିଁ ଶନିବାର ପୁନର୍ବାର ଗେଟ୍‌ରେ ତାଲା ପକାଇବେ ବୋଲି ଅଭିଭାବକ ନାମ ଗୋପନ ରଖି କହିଛନ୍ତି।

# ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

## ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ବିଇଓ

ମୋରଡ଼ା,୨୦।୬(ସ୍ୱାରକ ମାଝୀ)– ଶିକ୍ଷୟତ୍ରୀ, ଶିକ୍ଷକମାନେ ଅବସର ଗ୍ରହଣ କରିବା ପରେ ସେହି ମାସରେ ହିଁ ସେମାନଙ୍କୁ ପ୍ରୋଭିଜିନାଲ ପେନସନ ଅର୍ଥ ପ୍ରଦାନ କରିବାକୁ ଚେଷ୍ଟା କରାଯିବ ଓ ଯେଉଁମାନେ କାର୍ଯ୍ୟରେ ଅବହେଳା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି। ଶୀର୍ଷପାଳଙ୍କୁଠି ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଭବନରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ଗତ ମେ ୨୦ ତାରିଖରେ ବିଇଓ ପାଣିଗ୍ରାହୀ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ବ୍ଲକରେ ପ୍ରାଥମିକ ଶିକ୍ଷାରେ ଉନ୍ନତି ଓ ବିଦ୍ୟାଳୟ ଗୁଡ଼ିକର ସମସ୍ୟା ପ୍ରତି ଦୃଷ୍ଟି ଦେବା ସହିତ ସମସ୍ତଙ୍କ ସହଯୋଗରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ରକ୍ତଦେଇ ଜୀବନ ବଞ୍ଚାଇଲେ ସାମାଜିକ କର୍ମୀ

କରଞ୍ଜିଆ,୨୦।୬(କବିତା ମହାନ୍ତ)

ରକ୍ତ ଶିକୁଳି ରୋଗରେ ପୀଡ଼ିତ ଜଣେ ରୋଗୀଙ୍କୁ ଜରୁରୀ ସମୟରେ ରକ୍ତଦେଇ ଜୀବନ ବଞ୍ଚାଇଛନ୍ତି ସାମାଜିକକର୍ମୀ ଯାଦବ ଲୋହାର। ତାଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଂଶସା କରାଯାଇଛି। ସୂଚନାଯୋଗ୍ୟ, କରଞ୍ଜିଆ ବ୍ଲକ ଅଞ୍ଚଳର ସ୍ୱାଧୀନ ପଲେଇ (୧୭) ରକ୍ତ ଶିକୁଳି ରୋଗରେ ପୀଡ଼ିତ। ପ୍ରତି ମାସରେ ତାଙ୍କୁ ରକ୍ତ ଦରକାର ହୋଇଥାଏ। ବର୍ତ୍ତମାନ ରକ୍ତର ଅଭାବ ଥିବାରୁ ସେ ରକ୍ତ ପାଇପାରୁ ନ ଥିଲେ। ତାଙ୍କ ଗ୍ରୁପର ରକ୍ତ ନ ମିଳିବାରୁ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଖବରପାଇ କରଞ୍ଜିଆର ଅଗ୍ରଣୀ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭରସା ପରିବାର'ର ବରିଷ୍ଠ ସଦସ୍ୟ ଯାଦବ ଲୋହାର ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇ ଥିଲେ।

**OFFICE OF THE PRINCIPAL, CHARAMPA MAHAVIDYALAYA, BHADRAK**

AT/PO-CHARAMPA, DT.-BHADRAK, ODISHA-756101, TEL NO.-06784 230679
E Mail - charampacollege@gmail.com

Letter No.505 Date : 18.06.2025

**TENDER CALL NOTICE**

Sealed quotations are invited from the reputed Authorized Manufacturer Dealer/Sole selling Agents / Stockiest / Servicing Agencies / Firm for supply and installation of IT equipments at Charampa Mahavidyalaya, Charampa, Dist.-Bhadrak. The details regarding the tender will be downloaded from the website i.e. https://charampacollege.in/. Henceforth, the price quotation / tender should be reach this office through Registered Post / Speed Post / Courier on or before 26.06.2025 (Thursday) by 5 P.M.

Sd./- Principal,
Charampa Mahavidyalaya, Bhadrak

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025024, ତା.10.06.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ପୁରୀ ଷ୍ଟେସନ ୟାର୍ଡ ଠାରେ ପ୍ଲାଟଫର୍ମ ନଂ. 7 ଏବଂ 8 ନିମନ୍ତେ ବାଲାଷ୍ଟ ବିହୀନ ଟ୍ରାକ୍ କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.61 ଲକ୍ଷ, EMD : ₹ 6,53,800/-, କାର୍ଯ୍ୟ ଶେଷ ହେବା ଅବଧି: 05 (ପାଞ୍ଚ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-44/CI/25-26

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ଅଞ୍ଚଳରେ କାମ କରିବାକୁ CANDIDATE ଆବଶ୍ୟକ। QUALIFICATION 9TH, 10TH, +2, +3, ITI. SALARY UPTO – 25,000/-, AGE (18–42 YEARS).
CONTACT : 7205384715

**ଆବଶ୍ୟକ**
JC BATTERIES
ତାମିଲନାଡୁର ଏକ ISO ପ୍ରମାଣିତ ବ୍ୟାଟେରି ବିନିର୍ମାତା କମ୍ପାନୀ ପୂର୍ଣ୍ଣକାଳୀନ ଚାକିରି ପାଇଁ ଶ୍ରମିକ ଆବଶ୍ୟକ କରୁଛି।
**ମେଶିନ ଅପରେଟର**
**ହେଲ୍‌ପର**
ଉଚ୍ଚ ଦରମା
ପ୍ରଦାନ କରାଯାଉଥିବା ଲାଭ:
• ମାଗଣା ଖାଇବା ଓ ରହିବା ସୁବିଧା
• ବୋନସ୍, ଇଏସ୍‌ଆଇ, ପିଏଫ୍, ବୀମା ସୁବିଧା ଦିଆଯିବ
ଯୋଗାଯୋଗ: ଜୟଚନ୍ଦ୍ରନ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିଃ
219/2A1, ତେଲେଙ୍ଗୁପାଲାୟାମ ରୋଡ୍, ଏଲ୍ଲାପାଲାୟାମ ପୋଷ୍ଟ, ଅନ୍ନୁର, କୋଏମ୍ବାଟୁର – 641697 । ତାମିଲନାଡୁ
ଫୋନ୍: +91 96777 75651, 95009 42402
www.jcbattery.net

# କେନାଲରୁ ମୃତଦେହ ଜବତ

ରାଇରଙ୍ଗପୁର,୨୦।୬(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅଧୀନ ପୋଖରିଆ ଗ୍ରାମ ନିକଟସ୍ଥ ଏକ କେନାଲରେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ସାନସାଦାମ ଗ୍ରାମର ହାଡିଆ ବାସ୍କେ(୪୫)। ପୋଲିସ ମୃତଦେହ ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୫) ରୁଜୁ ହୋଇଛି। ଗୁରୁବାର ସକାଳେ ହାଡ଼ିଆ ମାଛ ଧରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ତାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି।

**कार्यपालक अभियन्ता का कार्यालय, पेयजल एवं स्वच्छता प्रमण्डल संख्या-1, धनबाद**

**आवश्यक सूचना**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/12/2025-26 जिसका सूचना एवं जनसम्पर्क विभाग के PR No.- 354103 (Drinking Water and Sanitation) 25-26 है को अपरिहार्य कारणों से रद्द किया जाता है।

कार्यपालक अभियन्ता,
पेयजल एवं स्वच्छता प्रमण्डल संख्या–1, धनबाद

PR 355645 Drinking Water and Sanitation(25-26).D

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

**CORRIGENDUM**

TENDER REFERENCE No.- RCD/DUMKA/975
PR 354584 Road(25-26):D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26. Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 26.08.2025 at 10.30 A.M in place of 28.07.2025 Up to 12.00 Noon. |
| 5 | Date of Publication of Tender on website | 28.07.2025 at 10.30 A.M in place of 23.06.2025 |
| 6 | Pre Bid Meeting | 04.08.2025 at 10.30 A.M in place of 01.07.2025 at 11.00 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 355582 Road (25-26)_D

**SOUTH EAST CENTRAL RAILWAY**

**ରେଳପଥ ନିଯୁକ୍ତି କୋଷ**
ଆର୍.ଟି.ଏସ୍. କଲୋନୀ, କେନ୍ଦ୍ରୀୟ ବିଦ୍ୟାଳୟ ନିକଟ, ବିଲାସପୁର (ଛ.ଗ.) ୪୯୫୦୦୪
କର୍ମନିଯୁକ୍ତି ବିଜ୍ଞପ୍ତି ସଂଖ୍ୟା: ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୧/୨୦୨୫-୨୬

**ସାଙ୍କେତିକ ବିଜ୍ଞପ୍ତି**
**ସାଂସ୍କୃତିକ କୋଟାରେ ନିଯୁକ୍ତି**

ଜାରି/ଆରମ୍ଭ ତାରିଖ: ୨୧।୦୬।୨୦୨୫ ବନ୍ଦ ହେବା ତାରିଖ: ୨୦।୦୭।୨୦୨୫(୨୩:୫୯)

ବର୍ଷ ୨୦୨୫-୨୬ ପାଇଁ ନିମ୍ନଲିଖିତ ଶୃଙ୍ଖଳାରେ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସାଂସ୍କୃତିକ କୋଟାରେ ବେତନ ମାଟ୍ରିକ୍ସ ସ୍ତର-୨ (୭ମ ସିପିସି)ରେ ୨ (ଦୁଇ)ଟି ଗ୍ରୁପ୍ 'ସି' ବର୍ଗର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି:-

**ପଦବୀ(ଗୁଡ଼ିକ) ଏବଂ ଶୃଙ୍ଖଳାଗୁଡ଼ିକର ବିବରଣୀ:**

| କ୍ର. ସଂ. | ଶୃଙ୍ଖଳା | ପଦବୀ ସଂଖ୍ୟା | ସାଂସ୍କୃତିକ ଯୋଗ୍ୟତା (ଅତ୍ୟାବଶ୍ୟକ) |
|---|---|---|---|
| ୦୧ | ଲୋକନୃତ୍ୟ/ନାଟକ (ପୁରୁଷ) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |
| ୦୨ | ଲୋକନୃତ୍ୟ/ନାଟକ (ମହିଳା) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର **ତା୨୧।୦୬।୨୦୨୫ରିଖରୁ ତା୨୮।୦୬।୨୦୨୫ରିଖର** ସଂଖ୍ୟା ଦେଖନ୍ତୁ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ୱେବ୍‌ସାଇଟ୍‌ରେ ଲଗ୍ ଅନ୍ କରନ୍ତୁ: www.secr.indianrailways.gov.in

CPR/10/72A ଅଧକ୍ଷ/ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର।

f South East Central Railway X @secrail

**द.पू. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୨, ତାରିଖ: ୨୦।୦୬।୨୦୨୫।**

"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୩୨୪୯ | ୦୯।୦୭।୨୦୨୫ | ଉନ୍ନତ ହାଇ ଟେନ୍‌ସାଇଲ୍ ଟାଇଟ୍ ଲକ୍ ଇତ୍ୟାଦି | ୨୧୬ ଗୋଟି | ୨୦,୦୦,୦୦୦ |
| ୨ | ଏଚ୍‌ବି ୨୪୭୫୩୧ବି | ୦୨।୦୭।୨୦୨୫ | ଅଟୋମ୍ୟାଟିକ୍ ସିଲିଂ ମାଉଣ୍ଟେଡ୍ ମଡ୍ୟୁଲାର ଅଗ୍ନି ନିର୍ବାପକ ପ୍ରତ୍ୟେକ ୫ କିଗ୍ରା କ୍ଷମତାର | ୭୫ ଗୋଟି | ୧,୫୬,୭୬୦ |
| ୩ | ୬୫୨୫୫୦୧୦ | ୧୫।୦୭।୨୦୨୫ | ଡ୍ରାଏ କ୍ଲିନିଂ ମେଶିନ (ପିଇଆର୍‌ସି)ର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ, (ପ୍ରାକ୍-ବିଡ୍ ବୈଠକ ତା୨୬।୦୬।୨୫ରିଖ ୧୨.୦୦ ଘଟିକାରେ ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର୍/ ଜିଆର୍‌ସି/ କୋଲକାତା-୪୩ ଠାରେ | ୦୨ ଗୋଟି | ୧,୮୫,୬୭୦ |
| ୪ | ୪୫୨୫୩୨୦୭ | ୨୧।୦୭।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ ପାଇଁ ଉପଯୁକ୍ତ ବ୍ୟାଟେରି ବକ୍ସ, ଫାଇବର ଗ୍ଲାସ୍ ଟ୍ରେ' ଇତ୍ୟାଦି ବିନା | ୬୪୪ ଗୋଟି | ୧,୯୨,୨୬୦ |
| ୫ | ୫୨୨୫୧୬୭୯ଏ | ୧୦।୦୭।୨୦୨୫ | ୫ ୱାଟ୍ ଭିଏଚ୍‌ଏଫ୍ ଡିଜିଟାଲ ୱାକି-ଟକି ସେଟ୍ ଇତ୍ୟାଦିର ଯୋଗାଣ | ୧୪୧୩ ସେଟ୍ | ୭,୨୬,୯୬୦ |
| ୬ | ୩୮୨୫୩୯୫୩ | ୨୮।୦୭।୨୦୨୫ | ବିଓଏକ୍ସଏନ୍ ୱାଗନ୍ ଇତ୍ୟାଦି ପାଇଁ ଟପ୍ ସାଇଟ୍ ବିୟରର୍ ଲାଇନର୍ | ୭୫୩୫ ଗୋଟି | ୧,୬୨,୭୧୦ |
| ୭ | ୩୮୨୫୪୦୭୮ଏ | ୦୪।୦୮।୨୦୨୫ | କଣ୍ଟେନର ଓ କଭର୍ଡ ୱାଗନଗୁଡ଼ିକ ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ ଡିଜାଇନ୍-ବି | ୪୩୨୦ ଗୋଟି | ୧,୮୦,୯୬୦ |
| ୮ | ୩୮୨୫୪୦୭୩ଏ | ୦୬।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ବଡି ସାଇଡ୍ ଷ୍ଟାଞ୍ଚିୟନ୍ ଶର୍ଟ (ଦୈର୍ଘ୍ୟ-୬୫୦ ମିମି) (ଆଉଟର୍ ହୋଲ୍ ଦୂରତା କେନ୍ଦ୍ରରୁ ୧୦୫ ମିମି) | ୮୧୭୦ ଗୋଟି | ୯,୨୫,୫୦୦ |
| ୯ | ୩୮୨୫୩୮୪୯ | ୧୯।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ | ୧୭୦୦୦ ଗୋଟି | ୧୩,୯୦,୧୬୦ |
| ୧୦ | ୩୮୨୫୫୦୦୭ | ୨୮।୦୮।୨୦୨୫ | କ୍ୟାସନବ୍ ୨୨ ଏଚ୍‌ଏସ୍ ବଗି ପାଇଁ ଲାଇନର୍ ସହିତ କାଷ୍ଟ ଷ୍ଟିଲ୍ ବୋଲଷ୍ଟର | ୭୦ ଗୋଟି | ୨,୦୪,୮୫୦ |
| ୧୧ | ୨୯୨୪୩୦୮୨ଏ | ୦୭।୦୭।୨୦୨୫ | ଆର୍ଥ ରିଟର୍ଣ୍ଣ କାର୍ବନ ବ୍ରଶ୍ | ୧୬୭୩ ଗୋଟି | ୧,୨୪,୩୭୦ |
| ୧୨ | ୧୮୨୫୫୦୦୧ | ୧୬।୦୭।୨୦୨୫ | ଆଇଜିବିଟି – ଫେଜ୍ ମଡ୍ୟୁଲ୍ ଏସ୍‌୩ପି୩୦୦୦ଏଫ୍‌ଏଲ୍ + ଡକ୍ସ. | ୦୩ ଗୋଟି | ୧,୭୩,୦୩୦ |
| ୧୩ | ୨୯୨୫୧୩୧୩ | ୨୨।୦୭।୨୦୨୫ | ସିଏଲ୍‌ଡବ୍ଲ୍ୟୁ ବିନିର୍ଦ୍ଦିଷ୍ଟତା ନଂ. – ସିଏଲ୍‌ଡବ୍ଲ୍ୟୁ/ଏମ୍‌ଏସ୍/୩/୦୦୯ (ସଂଶୋଧନ ୩ କିମ୍ବା ସଦ୍ୟତମ) ଅନୁଯାୟୀ ଡାମ୍ପର୍ସ ସେଟ୍ | ୧୬୦ ସେଟ୍ | ୯,୭୦,୪୩୦ |
| ୧୪ | ୩୭୨୫୩୦୫୫ଏ | ୧୭।୦୭।୨୦୨୫ | ଡୋର୍ ଚେନଲେସ୍ କଟର୍ ଲଙ୍ଗ୍ ଇତ୍ୟାଦି | ୩୪୦୯୫ ଗୋଟି | ୧,୭୦,୮୮୦ |
| ୧୫ | ୪୫୨୫୩୧୬୭ | ୨୮।୦୭।୨୦୨୫ | ଇଓଜି-ଏଲ୍‌ଏଚ୍‌ବି କୋଚ୍ ଗୁଡ଼ିକ ପାଇଁ କଣ୍ଡେନ୍ସର୍ ଫ୍ୟାନ୍ ମୋଟର ଆଦି | ୬୪୧ ଗୋଟି | ୧,୦୨,୮୭୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-298)

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, देवघर**

**अल्पकालीन ई-निविदा आमंत्रण सूचना**

ई– निविदा सूचना संख्या – RDD/SD/DEOGHAR/11/RE1/2025-26 (3rd Call)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिला के देवघर प्रखंड में पंचायत गौरीपुर के ग्राम गम्हरिया एवं करनकोल के बीच जोरिया पर पुल निर्माण। | 22717700.00 | 454400.00 | 10000.00 | 15 माह |
| 2 | देवघर जिला के देवीपुर प्रखंड अन्तर्गत ग्राम पिपराटोला जोरिया में पुल निर्माण। | 16824400.00 | 336500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि — 23.06.2025
3. ई–निविदा प्राप्ति की तिथि एवं समय – दिनांक 24.06.2025 से दिनांक 02.07.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, देवघर
5. ई–निविदा खोलने की तिथि एवं समय – 04.07.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, देवघर
7. ई–निविदा प्रकोष्ठ का दूरभाष सं० – 9110047844 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी। विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, देवघर

PR 355634 Rural Development (25-26)_D

**ଭାରତ ସରକାର**
**ପ୍ରତିରକ୍ଷା ମନ୍ତ୍ରଣାଳୟ**
**ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)**
**ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ)**
ଚାନ୍ଦିପୁର, ବାଲେଶ୍ୱର-୭୫୬୦୨୫, ଓଡ଼ିଶା | ଇମେଲ୍: admin.pxe@gov.in

ନଂ. ପିଏକ୍ସଇ/ସିସି/୧/୨୬/ଏପି/ଆର୍‌ଏଫ୍ ତାରିଖ: ୧୦ ଜୁନ୍, ୨୦୨୫

**ଜୁନିୟର ରିସର୍ଚ୍ଚ ଫେଲୋ ପଦବୀ ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ), ଚାନ୍ଦିପୁର, ବାଲେଶ୍ୱର, ଓଡ଼ିଶା ଜୁନିୟର ରିସର୍ଚ୍ଚ ଫେଲୋ ଭାବେ ପ୍ରତିରକ୍ଷା ସମ୍ବନ୍ଧୀୟ ଗବେଷଣା କରିବା ଲାଗି ଇଚ୍ଛୁକ ଯୁବ ଏବଂ ମେଧାବୀ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ମନୋନୟନ ୱାକ୍-ଇନ୍-ଇଣ୍ଟରଭ୍ୟୁ ମାଧ୍ୟମରେ ଅନୁଷ୍ଠିତ ସାକ୍ଷାତକାର ଭିତ୍ତିରେ କରାଯିବ।
ନିମ୍ନଲିଖିତ ଯୋଗ୍ୟତାଧାରୀ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

| ଫେଲୋଶିପ୍ ବିଷୟ | ଫେଲୋଶିପ୍ ସଂଖ୍ୟା* | ଜରୁରୀ ଯୋଗ୍ୟତା | ଫେଲୋଶିପ୍ ଅବଧି | ବୟସ ସୀମା |
|---|---|---|---|---|
| ମେକାନିକାଲ ଇଞ୍ଜିନିୟରିଂ | ୦୧ | ଗେଟ୍ (GATE) ଯୋଗ୍ୟତା ସହ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ବି.ଇ./ବି.ଟେକ୍)ରେ ସ୍ନାତକ ଡିଗ୍ରୀ କିମ୍ବା ଉଭୟ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ଏମ୍.ଇ./ଏମ୍.ଟେକ୍)ରେ ସ୍ନାତକୋତ୍ତର ଡିଗ୍ରୀ | ୦୨ ବର୍ଷ (ନିୟମ ଅନୁଯାୟୀ ବର୍ଦ୍ଧିତ ଏବଂ ଏସ୍‌ଆର୍‌ଏଫ୍‌କୁ ଉନ୍ନୀତ ହୋଇପାରେ) | ୱାକ୍-ଇନ୍-ଇଣ୍ଟରଭ୍ୟୁ ତାରିଖରେ ୨୮ ବର୍ଷ |

*ଫେଲୋଶିପ୍‌ର ସଂଖ୍ୟା ବୃଦ୍ଧି କିମ୍ବା ହ୍ରାସ ହୋଇପାରେ।

୨. ଷ୍ଟାଇପେଣ୍ଡ – ଟ.୩୭,୦୦୦.୦୦ ପ୍ରତିମାସ ଓ ତା'ସହିତ ଏଚ୍‌ଆର୍‌ଏ ଓ ନିୟମ ଅନୁଯାୟୀ ସ୍ୱାସ୍ଥ୍ୟ ସୁବିଧା।
୩. ଆବେଦନ ପଦ୍ଧତି – ଆବେଦନ ଫର୍ମ ୱେବ୍‌ସାଇଟ୍ www.drdo.gov.in ରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଉକ୍ତ ଫର୍ମକୁ ଫର୍ମାଟ୍ ଅନୁଯାୟୀ ପୂରଣ କରିପାରିବେ ଓ ସାକ୍ଷାତକାର ତାରିଖରେ ଦାଖଲ କରିପାରିବେ। ଯୋଗଦାନ ତାରିଖରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଆବେଦନ ଫର୍ମର ଏକ ପ୍ରତିଲିପି ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ମୂଳ ଏବଂ ଫଟୋକପି ଆଣିବା ଆବଶ୍ୟକ।
୪. ଉପରୋକ୍ତ ବିଷୟରେ ବୈଧ ଜିଏଟିଇ (GATE) ସ୍କୋର୍ ବାଧ୍ୟତାମୂଳକ ଅଟେ। ପ୍ରାର୍ଥୀମାନଙ୍କ ସଂଖ୍ୟା ଓ ଆବଶ୍ୟକତା ଅନୁସାରେ ଭୌତିକ ପଦ୍ଧତି (ୱାକ୍-ଇନ୍-ଇଣ୍ଟରଭ୍ୟୁ) ଜରିଆରେ ସାକ୍ଷାତକାର ସଞ୍ଚାଳନ କରାଯିବ। **ପ୍ରାର୍ଥୀମାନେ ଆବେଦନ ଫର୍ମରେ ସେମାନଙ୍କର ମୋବାଇଲ ନମ୍ବର ଓ ଇମେଲ ଆଇଡି ସ୍ପଷ୍ଟ ଭାବେ ଲେଖିବା ଉଚିତ।**
୫. ଉପରୋକ୍ତ ଯୋଗ୍ୟତା ପୂରଣ କରୁଥିବା ଆଗ୍ରହୀ ପ୍ରାର୍ଥୀମାନେ ପ୍ରଦତ୍ତ ଫର୍ମାଟ୍‌ରେ ନିଜର ବାୟୋ-ଡାଟା ଏବଂ ନିମ୍ନଦର୍ଶିତ ଦସ୍ତାବିଜ (ମୂଳ) ତଥା ଏକ ସେଟ୍ ଫଟୋ କପି ସହିତ ମନୋନୟନ କମିଟି ସମକ୍ଷରେ ଉପସ୍ଥିତ ହୋଇପାରନ୍ତି।

**ବାୟୋ-ଡାଟା ଫର୍ମାଟ୍**
**ପିଏକ୍ସଇ, ଚାନ୍ଦିପୁରରେ ଜେଆର୍‌ଏଫ୍ ପାଇଁ ଆବେଦନ ଫର୍ମ**

ସଦ୍ୟତମ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍ ଲଗାନ୍ତୁ

ଫେଲୋଶିପ୍‌ର ବିଷୟ ................................/ ବିଜ୍ଞାପନ ସଂ. ..........

| | | |
|---|---|---|
| ୦୧. | ପୂରା ନାମ ବଡ଼ ଅକ୍ଷରରେ | |
| ୦୨. | ପିତାଙ୍କ ନାମ | |
| | ମାତାଙ୍କ ନାମ | |
| | ସ୍ୱାମୀ/ସ୍ତ୍ରୀଙ୍କ ନାମ (ଯଦି ପ୍ରଯୁଜ୍ୟ) | |
| ୦୩. | ଲିଙ୍ଗ (ପୁରୁଷ/ମହିଳା/ତୃତୀୟଲିଙ୍ଗୀ) | |
| | ଜାତି (ସାଧାରଣ/ଏସ୍‌ସି/ଏସ୍‌ଟି/ଓବିସି) | |
| | ଜନ୍ମ ତାରିଖ (ଦିନ/ମାସ/ବର୍ଷ) | |
| | ବୟସ (ବର୍ଷ/ମାସ) | |
| ୦୪. | ପତ୍ର ବିନିମୟ ଠିକଣା, ପିନ୍ କୋଡ୍ ସହ | |
| ୦୫. | ସ୍ଥାୟୀ ଠିକଣା, ପିନ୍ କୋଡ୍ ସହ | |
| ୦୬. | ଯୋଗାଯୋଗ ବିବରଣୀ (ମୋବାଇଲ ନଂ. ଓ ବିକଳ୍ପ ମୋବାଇଲ ନଂ.) | |
| ୦୭. | ଇ-ମେଲ୍ ଆଇଡି | |
| | ବିକଳ୍ପ ଇ-ମେଲ୍ ଆଇଡି | |

୦୮. ଶିକ୍ଷାଗତ ଯୋଗ୍ୟତା (ମାଟ୍ରିକ/୧୦ମ/ଏଚ୍‌ଏସ୍‌ସି ପରଠାରୁ, ସେଲ୍‌ଫ ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବ)

| ଉତ୍ତୀର୍ଣ୍ଣ ପରୀକ୍ଷା | ବିଷୟ | ବୋର୍ଡ/ ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ମାସ ଓ ବର୍ଷ | ଡିଭିଜନ / ଶ୍ରେଣୀ / ଗ୍ରେଡ୍ | ଶତକଡ଼ା/ ସିଜିପିଏ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

CBC 10301/11/0036/2526

# ଖଇରାକୁ ବ୍ୟାପିଲା ଝାଡ଼ାବାନ୍ତି, ୬ ଆକ୍ରାନ୍ତ

ଖଇରା, ୨୦।୬(ଉତ୍କଳବନ୍ଧୁ ପଣ୍ଡା)

ଯାଜପୁର, ଭଦ୍ରକ ପରେ ଏବେ ବାଲେଶ୍ୱର ଜିଲାରେ ଝାଡ଼ାବାନ୍ତି କାୟା ବିସ୍ତାର କରିଛି। ସିମୁଳିଆ,ସୋର ପରେ ଖଇରାକୁ ବ୍ୟାପିବା ଆରମ୍ଭ କରିଛି। ଶୁକ୍ରବାର ସକାଳେ ୫ଜଣ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏମାନେ ସମସ୍ତ କୁପାରୀ, ରଟିଣା ଓ ବଡ ନୂଆଗାଁ ଅଞ୍ଚଳର ବୋଲି ଜଣାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ଶିଶୁ ଅଛନ୍ତି। ସୁସ୍ଥ ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ଶୁକ୍ରବାର ଅପରାହ୍ନରେ ରଟିଣା ପଞ୍ଚାୟତ ବଗଦିଆ ଗ୍ରାମର ଲକ୍ଷ୍ମୀ ପାତ୍ରଙ୍କୁ ଝାଡାବାନ୍ତି ପରେ ବର୍ତ୍ତନାର ଏକ ଘରୋଇ ଚିକିତ୍ସାକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଦାବି ହୋଇଛି।

# କାନ୍ଥରେ ପୋଷ୍ଟର ମାରି ବିଷ ପିଇଲେ ବାପା

ଲଙ୍ଗଳେଶ୍ୱର, ୨୦।୬(କମଳାକାନ୍ତ ଦାସ)

ସାମାନ୍ୟ ପଇଡ଼ ବିକ୍ରିକୁ କେନ୍ଦ୍ର କରି ବୃଦ୍ଧ ବାପାଙ୍କୁ ମାଡ଼ ମାରିବାକୁ ପୁଅ ଉଦ୍ୟମ କରି ଘରୁ ବାହାଯିବାକୁ କହିବାରୁ ବୃଦ୍ଧ ବାପା ଲଜ୍ଜିତ ହୋଇ କାନ୍ଥ ପାଚେରିରେ ପୋଷ୍ଟର ମାରିବା ସହ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବୃଦ୍ଧବାପା ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ବାଲିଆପାଳ ଥାନା ଅଞ୍ଚଳର ଜଣେ ୭୦ ବର୍ଷୀୟ ବୃଦ୍ଧ ସ୍ତ୍ରୀ ଓ ପୁଅ-ବୋହୁଙ୍କ ସହ ରହୁଥିଲେ। ତେବେ ବିଭିନ୍ନ ସମୟରେ ପୁଅ ବୋହୂ ବୃଦ୍ଧଙ୍କୁ ବିଭିନ୍ନ ପ୍ରସଙ୍ଗରେ ନିର୍ଯାତନା ଦେଉଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୁରୁବାର ପଇଡ଼ ବିକ୍ରି କରିବାକୁ କେନ୍ଦ୍ର କରି ପୁଅ ବୃଦ୍ଧ ବାପାଙ୍କୁ ପିଟିବା ସହ ଘରୁ ବାହାରିଯିବାକୁ କହିଥିଲେ। ତେବେ ଏସବୁ ଘଟଣା ଚାଲିଥିବା ବେଳେ ନିଜ ସ୍ତ୍ରୀ ନୀରବ ରହିବାରୁ ବୃଦ୍ଧଜଣକ

## ପୁଅର ଅତ୍ୟାଚାର ଅସହ୍ୟ ହେଲା

ଅଧିକ ମାନସିକ ଆଘାତ ପାଇଥିଲେ। ତେବେ ବାରମ୍ବାର ପୁଅ-ବୋହୂ ଦ୍ୱାରା ନିର୍ଯାତନାର ଘଟଣା ଲୋକଲୋଚନକୁ ଆଣିବା ପାଇଁ କାଗଜରେ ସମସ୍ତ ଘଟଣା ଲେଖି ସ୍ଥାନୀୟ ମାନ୍ଧାତା ବଜାର ଦୋକାନ କାନ୍ଥଗୁଡ଼ିକରେ ପୋଷ୍ଟର ମାରିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ତେବେ ପୁଅର ଆକ୍ରମଣ ଓ ଗାଳି ସହି ନ ପାରି ବିଳମ୍ବିତ ରାତିରେ ସେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବୃଦ୍ଧଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଘରଲୋକେ ବାଲେଶ୍ୱର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ବୃଦ୍ଧ ବାପାକୁ ପୁଅ-ବୋହୂ ବାରମ୍ବାର ନିର୍ଯାତନା ଦେଉଥିବା ଓ ଗ୍ରାମବାସୀ ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

# ପ୍ରଶାସନ ପକ୍ଷରୁ ଚଢ଼ାଉ, ଖାଦ୍ୟର ମାନ ଯାଞ୍ଚ

ଜଳେଶ୍ୱର, ୨୦।୬(ନବୀନ ସାହୁ)

ଗୁରୁବାର ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ନେତୃତ୍ୱରେ ଜଳେଶ୍ୱର ଖାଦ୍ୟ ସୁରକ୍ଷା ଅଧିକାରୀ ଶଶିକାନ୍ତ ବେହେରା ଜଳେଶ୍ୱରର ଆହାର କେନ୍ଦ୍ର, ନନ୍ଦିକାସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ ଶାନ୍ତିଆ ସେବାଶ୍ରମ ପରିକ୍ରମା କରି ବ୍ଲିଚିଂ ପ୍ୟାକେଟ, ହାଲେଜିନ ବାଟିକା ପ୍ରଦାନ କରିବା ସହ ପାଣି ନମୁନା ଆଣି ଭୁବନେଶ୍ୱର ପରୀକ୍ଷା ପାଇଁ ପୌର ଅଧିକାରୀ ପଠାଇଛନ୍ତି। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଜଳେଶ୍ୱର ସହର ମଧ୍ୟରେ ଥିବା ବିଭିନ୍ନ ମିଠା ଏବଂ ଜଳଖିଆ ଏବଂ ଉଠା ଦୋକାନ ଯଥା ଜଳେଶ୍ୱର ଷ୍ଟେଶନ୍ ପାଖରେ ଥିବା ଅନ୍ନପୂର୍ଣ୍ଣା ହୋଟେଲ, ବିଷ୍ଣୁପ୍ରିୟା ମିଷ୍ଟାନ୍ନ ଭଣ୍ଡାର, ଜଳେଶ୍ୱର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ସାମ୍ନାରେ ଥିବା ରିକି ଚାଟ, ଥାନା ସମ୍ମୁଖରେ ଥିବା ବିଭିନ୍ନ ହୋଟେଲରେ ଚଢାଉ କରିଥିଲେ। ଚଢାଉ ବେଳେ ଖାଦ୍ୟ ତିଆରି ପାଇଁ ପୋଡ଼ା ତେଲ, ଫ୍ରିଜ୍‌ରେ ଥିବା ବାସି ଖାଦ୍ୟ ଏବଂ ବିଷାକ୍ତ ମସଲାର ବ୍ୟବହାର ହେଉଥିବା ଦେଖିବାକୁ ପାଇଥିଲେ। ଉକ୍ତ ଖାଦ୍ୟକୁ ନଷ୍ଟ କରାଯାଇଥିଲା। ଚଢାଉ ବେଳେ ଏମଟିଏସ ଗଣେଶ ଦାସ୍ ଓ କିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ସୋର, ୨୦।୬(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶୃଙ୍ଖଳିତ ରଥଯାତ୍ରା ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ ମନ୍ଦିର କମିଟି ସଭାପତି ନିତ୍ୟାନନ୍ଦ କରଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୋର ତହସିଲଦାର ଦୈତାରୀ ମଲିକ, ସୋର ଫାଣ୍ଡି ପ୍ରତିନିଧି, ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତିନିଧି, ଜିଲା ପରିଷଦ ସଭ୍ୟ ଜୟରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂଜ୍ୟପୂଜା ସେବା ସଙ୍ଗଠନ ରେଓଦା, ମା' ତାରିଣୀ ମନ୍ଦିର କମିଟି ଅନନ୍ତପୁର, ମା' ମଙ୍ଗଳା ମନ୍ଦିର କମିଟି ଅନନ୍ତପୁରର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଚିତ୍ତୋଳ ଭାଗବତ ଗାଦି ମନ୍ଦିରର ମଠାଧୀଶ ବଂଶୀଧର ରାଉତ ଜୀଉମାନଙ୍କୁ ରଥାରୁଢ଼ କରିବା ସହ, ଛେରାପହଁରା ଉପରେ ଆଲୋଚନା କରିଥିଲେ। ଅପରାହ୍ନ ୪ଟାରେ ରଥ ଟଣା ଆରମ୍ଭ କରିବା ପାଇଁ ସଭ୍ୟ ବିରଞ୍ଚି ନାରାୟଣ ପଣ୍ଡା ଅନୁରୋଧ କରିଥିଲେ। ଜଳଯୋଗାଣ, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ସହ ଇଲେକ୍ଟ୍ରି ତାର ଯେପରି ରଥ ଟଣା ସମୟରେ ନ ଲାଗେ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ବସନ୍ତ କୁମାର କର, ଚିତ୍ତରଞ୍ଜନ ଦାଶ, ଅଜୟ କୁମାର ଦାଶ, ଅରୂପ କୁମାର ଦାସ, ଭୀମ ଚରଣ କର, ସୁଧାଂଶୁ ଶେଖର କର, ନକୁଳ ଚରଣ କର, ଲକ୍ଷ୍ମଣ କୁମାର ପାତ୍ର, ରବୀନ୍ଦ୍ର ମହାନ୍ତି, ଜଗନ୍ନାଥ ଶଙ୍ଖୁଆ, ରମାକାନ୍ତ ସେଣ, ସରୋଜ କୁମାର କର, ଗଜେନ୍ଦ୍ର ସାହୁ, ରଜନୀ କାନ୍ତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭ୍ୟ ବିଜୟ କୁମାର କର ସହଯୋଗ ପାଇଁ ଅନୁରୋଧ କରିଥିଲେ।



# ତଳିଆ ଅଞ୍ଚଳରେ ସ୍ଥିତି ପରଖିଲେ ଅଧିକାରୀ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୨୦।୬

ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ପାଉଥିବାରୁ ଝାଡ଼ଖଣ୍ଡ ଗାଲୁଡ଼ିହା ବ୍ୟାରେଜରୁ ବନ୍ୟା ପାଣି ଛଡ଼ାଯାଉଛି। ଫଳରେ ଶୁକ୍ରବାର ସକାଳୁ ତଳିଆ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବାରୁ ସୁବର୍ଣ୍ଣରେଖାରେ ଚଳିତ ବର୍ଷ ପ୍ରଥମ ବନ୍ୟା ଆସିଛି। ନଦୀରେ ଅନେକ ସ୍ଥାନରେ ବନ୍ଧ ନ ଥିବାରୁ ବାଲିଆପାଳ ଅଞ୍ଚଳରେ ୬ଟି ପଞ୍ଚାୟତର ତଳିଆ ଅଞ୍ଚଳ ଲୋକେ ଚିନ୍ତାରେ ରହିଛନ୍ତି। ନଦୀ ବର୍ତ୍ତମାନ ଶୁଷ୍କ ଅବସ୍ଥାରେ ରହିଥିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହେବ ନାହିଁ ବୋଲି ଜଳସେଚନ ବିଭାଗର ଅଧିକାରୀ କହିଛନ୍ତି। ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଜଳସ୍ତର ବୃଦ୍ଧିକୁ ନେଇ ସକାଳେ ଜିଲାପାଳ ଆଭାସୀ ମାଧ୍ୟମରେ ବନ୍ୟା ପ୍ରଭାବିତ ବ୍ଲକ ଅଧିକାରୀମାନଙ୍କୁ ନେଇ ବୈଠକ କରିଥିଲେ। ପରେ ଅପରାହ୍ନରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ବାଲିଆପାଳ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ସମେତ ତହସିଲ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ, ପଞ୍ଚାୟତ କ୍ଷେତ୍ର କର୍ମଚାରୀ ଓ ଇରିଗେଶନ ବିଭାଗର କର୍ମଚାରୀଙ୍କୁ ସଜାଗ ରଖାଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ପାଣି ଜନବସତି ଆଡ଼କୁ ଆସିଲେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ନାୟକ କହିଛନ୍ତି।



ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି ଅତିରିକ୍ତ ଜିଲାପାଳ।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଯୋଜନା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ବିଧାୟକ ମାନସ ଦତ୍ତ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର, ୨୦।୬(ବାଞ୍ଛାନିଧି ଦେ)

## ଭାଜପା ଜିଲାସ୍ତରୀୟ ପ୍ରଫେଶନାଲ ମିଟ୍

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଗୁରୁବାର ଜିଲାସ୍ତରୀୟ ପ୍ରଫେସନାଲ ମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ମଞ୍ଚ ଆହ୍ୱାନ ଓ କାର୍ଯ୍ୟକ୍ରମର ସଂଯୋଜକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ୧୧ ବର୍ଷର ଐତିହାସିକ ଉପଲବ୍ଧିକୁ ବଖାଣିଥିଲେ। ବିଶ୍ୱ ଅର୍ଥନୀତିରେ ଭାରତର ଅବସ୍ଥାନ ୧୦ମରୁ ୪ର୍ଥ ସ୍ଥାନକୁ ଆସିପାରିଛି। ପ୍ରତିରକ୍ଷା କ୍ଷେତ୍ରରେ ଦେଶର ବିକାଶ ଘଟିଛି। କୃଷି ଓ କୃଷକର ମାନ ବୃଦ୍ଧି, ମେକ୍ ଇନ୍ ଭାରତ ଯୋଜନା, କ୍ୟାସଲେସ୍ ଇକୋନୋମି, ମହିଳା ସଶକ୍ତିକରଣ, ନୂତନ ଶିକ୍ଷାନୀତି, ଉନ୍ନତ ସ୍ୱାସ୍ଥ୍ୟ ସେବା, ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ, ମାଓବାଦୀ ଦମନ ନୀତି ଆଦି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ସମ୍ପର୍କରେ ଏମ୍‌ପି ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ସରକାରଙ୍କ 'ବର୍ଷ ଏକ ଉପଲବ୍ଧି ଅନେକ' ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଆଇନଜୀବୀ ଶୋଭନା ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁବିଧ ଯୋଜନା ଓ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ବିକାଶ ମେଳା ସରିଲା

ବାଲେଶ୍ୱର, ୨୦।୬(ବାଞ୍ଛାନିଧି ଦେ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆଠାରେ ୮ଦିନ ବ୍ୟାପୀ ଅନୁଷ୍ଠିତ ଜିଲାସ୍ତରୀୟ ବିକାଶ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ସମସ୍ତ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ମେଳାରେ ୫୦ଟି ଷ୍ଟଲ୍ ପ୍ରଦର୍ଶନ ହୋଇଥିଲା। ବିଭିନ୍ନ ବ୍ଲକର ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ସରକାରୀ ବିଭାଗ ପକ୍ଷରୁ ଷ୍ଟଲ୍‌ମାନଙ୍କରେ ସଚେତନତାଧର୍ମୀ ବାର୍ତ୍ତା ଓ ଯୋଜନାର ପ୍ରଚାର ଓ ପ୍ରସାର ହୋଇଥିଲା। ଶେଷ ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଏହି ଅବସରରେ ଜିଲା ଅଧୀନ ବିଭିନ୍ନ ଗ୍ରାମପଞ୍ଚାୟତ ଓ ୱାର୍ଡରେ ବିକାଶ ବାହାନ ରଥ ପରିକ୍ରମା କରି ସରକାରଙ୍କ ସଫଳତାର ବାର୍ତ୍ତା ପ୍ରଦାନ କରୁଛି।

# ଗୁଟ୍‌ଖା ଦୋକାନରେ ପ୍ରଶାସନର ଚଢ଼ାଉ

ନୀଳଗିରି, ୨୦।୬(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବଜାରରେ ଶୁକ୍ରବାର ବିଭିନ୍ନ ଦୋକାନ ଉପରେ ସ୍ୱାସ୍ଥ୍ୟ ବିଭାଗ, ନୀଳଗିରି ପୋଲିସ, ନୀଳଗିରି ଅବକାରୀ ବିଭାଗ ସହାୟତାରେ ଏକାଧିକ ବ୍ୟବସାୟୀଙ୍କ ଉପରେ ପ୍ରଶାସନର ମିଳିତ ଚଢ଼ାଉ କରାଯାଉଛି। ସହରରେ ଗୁଟ୍‌ଖା ଥିବା ପାନ ଦୋକାନ, ଜଳଖିଆ ଦୋକାନ, ଗ୍ରୋସେରୀ ପ୍ରମୁଖ ଦୋକାନରେ ଯାଞ୍ଚ କରିଥିଲେ। ବିଶେଷ କରି ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଏଭଳି ଜିନିଷ ବିକ୍ରି ନ କରିବା, ତମାଖୁ ଷ୍ଟିକର ଦୋକାନରେ ନ ମାରିବାକୁ ଦୋକାନୀଙ୍କୁ ବାରଣ କରିଥିଲେ। ଏପିଡ଼େମୋଲିଷ୍ଟ ଅରୂପ ଅଭିଷେକ, ନନ୍ କମ୍ୟୁନିକେବଲ ଡିଜିଜ୍‌ର ସହକାରୀ ପ୍ରବନ୍ଧକ ମୌସୁମୀ ସାମଲ, ନୀଳଗିରି ପୋଲିସ ଓ ନୀଳଗିରି ଅବକାରୀ ବିଭାଗ ଏହି ଚଢ଼ାଉରେ ସାମିଲ ଥିଲେ। ଏହି ଚଢ଼ାଉ ଏବେ ନିୟମିତ ଶିକ୍ଷାନୁଷ୍ଠାନ ପାଖ ଦୋକାନରେ କରାଯିବ ଏବଂ ପରେ ଅନ୍ୟ ସ୍ଥାନରେ କରାଯିବ ବୋଲି ସେ କହିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ହଟୁନି ଜବରଦଖଲ

## ଗାଁକୁ ପଶିପାରୁନି ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡି

ଖଇରା, ୨୦।୬(ଉତ୍କଳବନ୍ଧୁ ପଣ୍ଡା)



ସରକାରୀ ଜାଗାରେ କରାଯାଇଥିବା ବେଆଇନ ନିର୍ମାଣ।

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମ ମହରଣା ସାହିରେ ଜଣେ ବ୍ୟକ୍ତି ସରକାରୀ ଜାଗାକୁ ମାଡିବସି ବେଆଇନ ନିର୍ମାଣ କରିଥିବା କାରଣରୁ ଏହି ସାହିର ୨୦ ପରିବାର ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବଲାନ୍ସ କି ଅଗ୍ନିଶମ ବିଭାଗ ଗାଡି ଗାଁ ଭିତରକୁ ପଶିପାରୁନି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ପ୍ରଶାସନ ଉଚ୍ଛେଦ ପାଇଁ କୁଣ୍ଠାବୋଧ କରୁଛି। ଭୋଟବ୍ୟାଙ୍କ ହାତଛଡା ହେବା ଆଶାରେ ନେତା ଚାପ ପ୍ରୟୋଗ କରି ଉଚ୍ଛେଦକୁ ଅଟକାଇ ରଖିଛନ୍ତି। ଯଦି ରାଜସ୍ୱ ବିଭାଗ ଏହା ଉପରେ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଏହି ୨୦ ପରିବାର ପୁନଶ୍ଚ ଅଦାଲତକୁ ଯିବା ସହ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ସାହି ସମ୍ମୁଖରେ ଥିବା ସରକାରୀ ଜାଗା (ଖାତା ନଂ. ୧୮୩ ପ୍ଲଟ ନଂ. ୭୧୯)କୁ ଗୋଟିଏ ପରିବାର ଜବରଦଖଲ କରି ବିଭିନ୍ନ ପ୍ରକାର ବେଆଇନ ନିର୍ମାଣ କରିଥିଲେ। ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ଗଣ୍ଡିବେଡ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ଦ୍ୱାରା ମାପ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ କ ଓ ଖ ଫର୍ମରେ ଜବଦଖଲକାରୀଙ୍କୁ ନୋଟିସ୍ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରିବା ପରେ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ୨୦୨୫ ଜାନୁଆରୀ ୧୫ ତାରିଖରେ ଉକ୍ତ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁ(ପି)୯୪୭ଅଫ୨୦୨୫)ର ବିଚାର କରି ୩ମାସ ମଧ୍ୟରେ ଫଇସଲା କରିବାକୁ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ତହସିଲଦାର ଗ ଫର୍ମରେ କେବଳ ନୋଟିସ କରିଥିଲେ ହେଁ ଜବରଦଖଲ ହଟାଇବାକୁ ପଛଘୁଞ୍ଚା ଦେଇଥିଲେ। ଏଥିରୁ ବଞ୍ଚିତ ହେବା ପରେ ପୁନଶ୍ଚ ନ୍ୟାୟ ଆଶାରେ ଗ୍ରାମବାସୀ ୨୦୨୫ ମେ ୧୩ତାରିଖରେ ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନ ଚୁପ୍ ହୋଇରହିବା ନେଇ ବର୍ତ୍ତମାନର ସରକାରୀ ବ୍ୟବସ୍ଥା ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ବହୁ ସମୟରେ ଗ୍ରାମବାସୀ ଆମ୍ବୁଲାନ୍ସ ସେବା ପାଇବାକୁ ଅକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନର ତହସିଲଦାର ଅମିତ ରଞ୍ଜନ ହୋତାଙ୍କୁ ଯୋଗାଯୋଗ କରିବାରେ ଏହା ପୂର୍ବରୁ ଉଚ୍ଛେଦ ପାଇଁ ଯେଉଁ ତାରିଖ ସ୍ଥିର ହୋଇଥିଲା ମହିଳା ପୋଲିସ ପହଞ୍ଚି ନ ପାରିବାରୁ ସ୍ଥଗିତ ରହିଥିଲା। ଖୁବ୍‌ଶୀଘ୍ର ତାରିଖ ସ୍ଥିର କରାଯାଇ ଏହାକୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ନିଖିଳ ଓଡ଼ିଶା ପାକ୍ସ, ଲ୍ୟାମ୍ପସ୍ କର୍ମଚାରୀ ମହାସଂଘ

ବାହାନଗା, ୨୦।୬(ଅରୂପ୍ କୁମାର ଦାସ)

## କ୍ୟାଡର ରୁଲ୍ ଲାଗୁ

କ୍ୟାଡର ରୁଲ୍ ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛି ନିଖିଳ ଓଡିଶା ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀ ମହାସଂଘ। ଗତ ୧୭ତାରିଖରେ ନିଖିଳ ଓଡିଶା ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାର ମହାସଂଘର ଦୀର୍ଘଦିନର ଦାବି ସମବାୟ ସମିତିର ସମ୍ପାଦକମାନଙ୍କ କ୍ୟାଡର ରୁଲ ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତାଧୀନ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିନେଇ ମହାସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସୀତାରାମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମହାସଂଘର ପରବର୍ତ୍ତୀ ସଭାପତି ଭାବେ ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ନିରଞ୍ଜନ ମଙ୍ଗରାଜଙ୍କୁ ସର୍ବସମ୍ମତି ଭାବେ ନୂତନ ସଭାପତି ଘୋଷଣା କରାଯାଇଥିଲା। ବିକଶିତ ଓଡ଼ିଶା ନିର୍ମାଣରେ ସମବାୟର ଭାଗିଦାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯେଉଁ ଆହ୍ୱାନ ଦେଇଛନ୍ତି ତାକୁ ଗ୍ରାମାଞ୍ଚଳରେ କିପରି କାର୍ଯ୍ୟକାରୀ କରାଯିବ ସେଥିପାଇଁ ଭିନ୍ନ ଏକ ସମବାୟ ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ସମ୍ପାଦକମାନଙ୍କୁ ନୂତନ ସଭାପତି ଆହ୍ୱାନ ଦେଇଥିଲେ। ଓଡିଶା ପାକ୍ସ ଓ ଲ୍ୟାମ୍ପ୍ କର୍ମଚାରୀ ସଂଘ ଉପସଭାପତି ଚନ୍ଦ୍ରଶେଖର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି ମୁଖ୍ୟଅତିଥି ଏବଂ ବରିଷ୍ଠ ସମବାୟ ସ୍ତମ୍ଭକାର ପ୍ରତାପ ଚନ୍ଦ୍ର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟର ସଫଳତା ସମ୍ପର୍କରେ ନିଜର ଅନୁଭୂତି ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମବାୟ ବ୍ୟାଙ୍କର ଜେନେରାଲ ମ୍ୟାନେଜର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରବୋଧ ମିଶ୍ର, ଭାଜପା ରାଜ୍ୟ ପ୍ରବକ୍ତା ଭିତେଶ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ କାନୁନଗୋ, ସୁକାନ୍ତ ଦାସ ଓ ରାଧାମୋହନ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ନିରଞ୍ଜନ ବାଗ୍ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ସଂଘର ସାଙ୍ଗଠନିକ ସମ୍ପାଦକ ବିଧାନ ଚନ୍ଦ୍ର ଘୋଷ, ଉପସଭାପତି ଅରୁଣ ଉଦୟ ପାତ୍ର, ଦୁଷ୍ମନ୍ତ ମହାପାତ୍ର ଓ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାହାଘରରୁ ଫେରିବାବେଳେ ଦୁର୍ଘଟଣା: ୯ ମୃତ

ରାଞ୍ଚି,୨୦।୬

ପଶ୍ଚିମବଙ୍ଗର ପୁରୁଲିଆରେ ଏକ ବିବାହ ଶୋଭାଯାତ୍ରାରୁ ଫେରୁଥିବାବେଳେ ଶୁକ୍ରବାର ସକାଳେ ଝାଡ଼ଖଣ୍ଡ-ପଶ୍ଚିମବଙ୍ଗ ସୀମାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ନିମଡିହ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୯ ଜଣ ଯାକ ଟିଲାଇଟାନ ଗ୍ରାମରେ ବିବାହ ଉତ୍ସବରେ ଯୋଗଦେଇ ଏକ ମହିନ୍ଦ୍ରା ବୋଲେରୋରେ ଫେରୁଥିବାବେଳେ ପଶ୍ଚିମବଙ୍ଗର ବଳରାମପୁର ଥାନା ଅନ୍ତର୍ଗତ ନମଶୋଲଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବୋଲେରୋଟି ଚାନ୍ଦିଲ-ପୁରୁଲିଆ ଜାତୀୟ ରାଜପଥରେ ପହଞ୍ଚିବା ପରେ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଟ୍ରେଲର ଏହାକୁ ମୁହାଁମୁହିଁ ଧକ୍କା ଦେଇଥିଲା। କାର୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଘଟଣାସ୍ଥଳରେ ୮ ଜଣ ଓ ହସ୍ପିଟାଲରେ ଅନ୍ୟ ଜଣେ ଗୁରୁତରଙ୍କର ମୃତ୍ୟୁ ଘଟିଥିଲା।

### ଇରାନରୁ ଫେରୁଛନ୍ତି ୧,୦୦୦ ଭାରତୀୟ

ନୂଆଦିଲ୍ଲୀ,୨୦।୬

ଯୁଦ୍ଧ ପ୍ରଭାବିତ ଇରାନରେ ଫସି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଅପରେଶନ ସିନ୍ଧୁ ଆରମ୍ଭ କରିଥିବାବେଳେ ଏଥିପାଇଁ ତେହରାନ ଏହାର ବାୟୁସୀମା କଟକଣା କୋହଳ କରିଛି। ମଶହାଦରୁ ୧,୦୦୦ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ମାହାନ ଏୟାରର ଚାର୍ଟର୍ଡ ବିମାନକୁ ନିୟୋଜିତ କରାଯାଇଛି। ଆଞ୍ଚଳିକ ଉତ୍ତେଜନା ବଢୁଥିବାବେଳେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଆମର ଲକ୍ଷ୍ୟ ବୋଲି ଜଣେ ଅଧିକାରୀ କହିଛନ୍ତି। 'ଅପରେଶନ ସିନ୍ଧୁ'ର ପ୍ରଥମ ଉଦ୍ୟମରେ ଇରାନରୁ ଗୁରୁବାର ୧୧୦ ଜଣ ଛାତ୍ରୀଛାତ୍ରଙ୍କୁ ଭାରତ ଅଣାଯାଇଥିଲା।

### ଟ୍ରେନ୍ ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ପାଟନା,୨୦।୬

ବିହାରର କଟିହାର ଜିଲାରେ ଶୁକ୍ରବାର ୧୫୯୧୦ ଅଓ୍ୱଧ ଆସାମ ଏକ୍ସପ୍ରେସ୍ ଏକ ରେଲୱେ ଟ୍ରଲିକୁ ଧକ୍କା ଦେବାରୁ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ସୋନପୁର ରେଲୱେ ଡିଭିଜନ ଅନ୍ତର୍ଗତ ବରାଉନି-କଟିହାର ଡାଉନ୍‌ଲାଇନରେ କଢ଼ାଗୋଲା ଏବଂ ସେମାପୁର ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କ ଚିକିତ୍ସା ପାଇଁ କଟିହାର ଜିଲାରୁ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇଛି। ରେଲୱେ ଟ୍ରଲିରେ ୫ ଜଣ କର୍ମଚାରୀ ଟ୍ରାକ୍ ଅନୁଧ୍ୟାନ କରୁଥିବାବେଳେ ଅଓ୍ୱଧ ଆସାମ ଏକ୍ସପ୍ରେସ୍ ପଛପଟୁ ଆସି ଧକ୍କା ଦେଇଥିଲା।

# ପାକିସ୍ତାନକୁ ୪୦ ଜେ-୩୫ ଦେବ ଚାଇନା

## ଭାରତର ଚିନ୍ତା ବଢ଼ିଲା

**୨୦୨୪ ନଭେମ୍ବରରେ ଚାଇନା ପଞ୍ଚମ ପିଢ଼ିର ଜେ-୩୫ ଯୁଦ୍ଧବିମାନ ନିର୍ମାଣ କରିଛି। ଶେନ୍‌ୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ଦ୍ୱାରା ବହୁମୁଖୀ ଭୂମିକା ପାଇଁ ବିକଶିତ ଏହି ଟୁଇନ୍-ଇଞ୍ଜିନ୍, ସିଙ୍ଗଲ-ସିଟର ସୁପରସୋନିକ୍ ଫାଇଟର ଜେଟ୍‌କୁ ବିଶ୍ୱର ସବୁଠୁ ଦାମୀ ଏୟାରକ୍ରାଫ୍ଟ ଆମେରିକାର ଏଫ୍-୩୫ ସହ ତୁଳନା କରାଯାଉଛି। ଜେ-୩୫ର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର୍ସ ଯୋଗୁ ଏହା ଶତ୍ରୁପକ୍ଷର ରାଡାର ଭିତରକୁ ଆସି ନ ଥାଏ। ସୀମାପାର ଆତଙ୍କବାଦକୁ ନେଇ ଭାରତ ସହ ଅନେକ ସମୟରେ ମୁହାଁମୁହିଁ ହେଉଥିବା ପାକିସ୍ତାନ ଆସନ୍ତା ଡିସେମ୍ବରରେ ଏଫ୍‌ସି-୩୧ ଭାରିଆଣ୍ଟର ଏଭଳି ୪୦ଟି ଜେ-୩୫ ଏୟାରକ୍ରାଫ୍ଟ ଚାଇନାଠାରୁ କିଣିବ। ଏହି ଯୁଦ୍ଧବିମାନ ଚଳାଇବା ସକାଶେ ପାକିସ୍ତାନୀ ପାଇଲଟ୍‌ମାନେ ଗତ ୬ ମାସରୁ ଅଧିକ ସମୟ ଧରି ଚାଇନାରେ ତାଲିମ ନେଇଛନ୍ତି। ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଡ୍‌ଭାନ୍ସ ମିଡିୟମ୍ କମ୍ବାଟ ଏୟାରକ୍ରାଫ୍ଟ (ଏମ୍‌ଏମ୍‌ସିଏ) ଷ୍ଟିଲ୍‌ଥ ଫାଇଟର ୨୦୩୫ ମସିହାରେ ଆସିପାରେ ବୋଲି ଅନୁମାନ କରାଯାଉଥିବାବେଳେ ଏହାର ଦଶନ୍ଧି ପୂର୍ବରୁ ପାକିସ୍ତାନ ନିଜ ଚିର ସହଯୋଗୀ ଚାଇନାଠାରୁ ଜି-୩୫ ହାତେଇବା ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଷ୍ଟିଲ୍‌ଥ ଟେକ୍ନୋଲୋଜି ସମ୍ପନ୍ନ ହାତଗଣତି ରାଷ୍ଟ୍ର ଗୋଷ୍ଠୀରେ ପାକିସ୍ତାନ ସାମିଲହେବାକୁ ଯାଉଛି।**



ନୂଆଦିଲ୍ଲୀ,୨୦।୬

ପାକିସ୍ତାନ ୪୦ଟି ଜେ-୩୫ ଫାଇଟର ଜେଟ୍ ସହ କେଜେ-୫୦୦ ଏୟାରବୋର୍ନ ଆର୍ଲି ୱାର୍ନିଂ ଆଣ୍ଡ୍ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ଏବଂ ଏଚ୍‌କ୍ୟୁ-୧୯ ବାଲିଷ୍ଟିକ୍ ମିଶାଇଲ୍ ସିଷ୍ଟମ୍ସ କିଣିବାକୁ ଯାଉଛି ବୋଲି ସେଠାକାର ସରକାର ଚଳିତମାସରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି। ଚାଇନା ପଞ୍ଚମ ପିଢ଼ିର ୪୦ ଶେନ୍‌ୟାଙ୍ଗ୍ ଜେ-୩୫ ପାକିସ୍ତାନକୁ ଦେବାକୁ ଯାଉଥିବାରୁ ଭାରତୀୟ ବାୟୁସେନାର ଅନେକ ଭେଟେରାନ୍ ଚିନ୍ତା ବ୍ୟକ୍ତ କରିଛନ୍ତି।

ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ପକ୍ଷରୁ ପାକିସ୍ତାନକୁ ପ୍ରଥମ ଥର ପଞ୍ଚମ ପିଢ଼ିର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର ଥିବା ଜେଟ୍ ଜେ-୩୫ ବିକ୍ରି କରାଯିବ। ଏହି ଜେଟ୍ ଶେନ୍‌ୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ପକ୍ଷରୁ ବିକଶିତ କରାଯାଇଛି, ଯାହାକି ୨୦୨୪ରେ ଝୁହାଇ ଏୟାରଶୋ' ବେଳେ ପ୍ରଦର୍ଶନ କରାଯାଇଥିଲା। ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଜେ-୩୫କୁ ଆମେରିକାର ଏଫ୍-୩୫ ସହ ତୁଳନା କରିଛି। ପାକିସ୍ତାନ ନିକଟରେ ପୂର୍ବରୁ ୨୦ଟି ଚାଇନିଜ୍ ଜେ-୧୦ସି ଏବଂ ଜେଏଫ୍-୧୭ ଫାଇଟର୍ସ ରହିଥିବାବେଳେ ଚଳିତବର୍ଷ ଶେଷ ଆଡ଼କୁ ଷ୍ଟିଲ୍‌ଥ ଫାଇଟର ଜେଟ୍ ଅପରେଟିଂର ଏଲିଟ୍ କ୍ଲବ୍‌ରେ ଏହା ସାମିଲ ହେବାକୁ ଯାଉଛି।

ପୂର୍ବତନ ଆଇଏଏଫ୍ ଫାଇଟର ପାଇଲଟ୍ ତଥା ପ୍ରତିରକ୍ଷା ବିଶେଷଜ୍ଞ ଗ୍ରୁପ୍ କ୍ୟାପ୍‌ଟେନ୍ (ଅବସରପ୍ରାପ୍ତ) ଅଜୟ ଅହଲୱାତ୍ ଏନେଇ କହିଛନ୍ତି, ଏହି ଘଟଣାକ୍ରମକୁ ନେଇ ବିସ୍ମିତ ହେବାର ନାହିଁ। କାରଣ ପାକିସ୍ତାନ ମନୋନୀତ ପାଇଲଟମାନେ ଚାଇନାରେ ୬ ମାସରୁ ଅଧିକ ସମୟ ଧରି ତାଲିମ ନେଉଛନ୍ତି। ପାକିସ୍ତାନୀ ବାୟୁସେନାରେ ଜେ-୩୫କୁ ସାମିଲ କରାଯିବା ପୂର୍ବରୁ ସେମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି। ଏହାର ଏଫ୍‌ସି-୩୧ ଭର୍ସନ ଜେ-୩୫ଠାରୁ ସାମାନ୍ୟ କମ୍ ସାମର୍ଥ୍ୟ ବହନ କରିଥାଏ। କେହି ସମ୍ପୂର୍ଣ୍ଣ ଭର୍ସନ ଦେଇ ନ ଥାନ୍ତି। ତେବେ ଏହା ଭାରତ ପାଇଁ ଚିନ୍ତାଜନକ ଖବର। ସ୍ୱାଧୀନତା ପରଠୁ ପାକିସ୍ତାନଠାରୁ ଆଗରେ ରହିବା ପାଇଁ ଯୁଦ୍ଧବିମାନ କିଣିବାରେ ଆମକୁ ଅନେକ ଲଢ଼େଇ କରିବାକୁ ପଡ଼ିଛି। ସେହିପରି ଏୟାର ମାର୍ଶାଲ (ଅବସରପ୍ରାପ୍ତ) ସଞ୍ଜୀବ କପୁର ମଧ୍ୟ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରି କହିଛନ୍ତି, ଭାରତକୁ ନିଜସ୍ୱ ପ୍ଲାଟ୍‌ଫର୍ମରେ ନିର୍ମିତ ଯୁଦ୍ଧବିମାନ ଆବଶ୍ୟକ। ଆଇଏଏଫ୍‌କୁ ଏଏମ୍‌ସିଏ ସାମିଲ କରିବାପାଇଁ ଅନ୍ୟୂନ ୯ରୁ ୧୦ ବର୍ଷ ଲାଗିପାରେ। ଚାଇନାର ନୂଆ ଷ୍ଟିଲ୍‌ଥ ଫାଇଟରକୁ ଏକ 'ବ୍ଲାକ୍ ବକ୍ସ' ରୂପେ ବିବେଚନା କରାଯାଉଛି। କାରଣ ଏହାର ସାମର୍ଥ୍ୟ ସମ୍ପର୍କରେ ବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ। ତେବେ ଏହାର ପ୍ରଦର୍ଶନକୁ ୟୁଏସ୍‌ର ଏଫ୍-୩୫ ସହ ସମତୁଲ୍ୟ ବୋଲି ମନେକରାଯାଏ। ଏପରି କି କେତେକେ ଏହାକୁ ଆମେରିକୀୟ ଜେଟ୍ ତୁଳନାରେ ଅଧିକ ତୀବ୍ରତର ବୋଲି କହୁଛନ୍ତି। ଜେ-୩୫ର ଦୁଇଟି ଭାରିଆଣ୍ଟ ରହିଛି। ଗୋଟିଏ ନୌସେନା ପାଇଁ ଉଦ୍ଦିଷ୍ଟ ଓ ଅନ୍ୟଟିକୁ ପାରମ୍ପରିକ ଗ୍ରାଉଣ୍ଡ-ବେସ୍‌ଡ ଅପରେଶନ୍ ଓ ଏକ୍ସପୋର୍ଟ ନିମନ୍ତେ ଡିଜାଇନ୍ କରାଯାଇଛି। ପାକିସ୍ତାନ ଦ୍ୱିତୀୟ ଭାରିଆଣ୍ଟର ଜେଟ୍ ପାଇବାକୁ ଯାଉଛି। ଏଥିରେ ଥିବା ଇନ୍‌ଫ୍ରାରେଡ୍ ସର୍ଚ୍ଚ-ଆଣ୍ଡ-ଟ୍ରାକ୍ ସିଷ୍ଟମ୍ ଯୋଗୁ ଜେ-୩୫କୁ ଆମେରିକୀୟ ଏଫ୍-୩୫ ଏବଂ ରୁଷୀୟ ଏସ୍‌ୟୁ-୫୭ ସହ ତୁଳନା କରାଯାଇଥାଏ।

### ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲା

## ସିସୋଡିଆଙ୍କୁ ଏସିବିର ୩ ଘଣ୍ଟା ଜେରା

ନୂଆଦିଲ୍ଲୀ,୨୦।୬(ପି.ଟି.)

ସରକାରୀ ସ୍କୁଲଗୁଡ଼ିକର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ଅଭିଯୋଗରେ ଦୁର୍ନୀତି ନିବାରଣ ବିଭାଗ (ଏସିବି) ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଶୁକ୍ରବାର ୩ ଘଣ୍ଟା ଜେରା କରିଛି। ବହୁ କୋଟି ଟଙ୍କାର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଏସିବି ଆପ୍ ନେତା ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ କରିଥିଲା। ଗତ ୬ ତାରିଖରେ ଜୈନ ଏସିବି ଆଗରେ ହାଜର ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସିସୋଡିଆ ଏଜେନ୍ସି ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିବା ଏସିବି ଯୁଗ୍ମ ପୋଲିସ କମିଶନର ମଧୁର ବର୍ମା କହିଛନ୍ତି। ସାକ୍ଷୀମାନଙ୍କ ଉପସ୍ଥିତିରେ ତାଙ୍କୁ ଜେରା କରାଯାଇ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ଦିଲ୍ଲୀର ସରକାରୀ ସ୍କୁଲ୍‌ଗୁଡ଼ିକରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଶ୍ରେଣୀଗୃହ ନିର୍ମାଣ ଲାଗି ୨,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଆଧାରରେ ଏସିବି ଗତ ଏପ୍ରିଲ ୩୦ରେ ଏତଲା ଦାଏର କରିଥିଲା।



ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣରେ ନିହତ ରିଭୋଲ୍ୟୁଶନାରି ଗାର୍ଡ ଏରୋସ୍ପେସ୍ ଡିଭିଜନ୍ କମାଣ୍ଡର ଜେନେରାଲ ଆମିର ଅଲୀ ହାଜିଜାଦେହଙ୍କ ଫଟୋ ଧରି ଶୁକ୍ରବାର ତେହରାନ୍‌ରେ ସମୂହ ନମାଜ ପାଠ ପରେ ବିକ୍ଷୋଭ କରୁଛନ୍ତି ଇରାନୀୟ।

# ବିହାର ଦୁଃସ୍ଥିତି ପାଇଁ ଆର୍‌ଜେଡି-କଂଗ୍ରେସକୁ ମୋଦିଙ୍କ ସମାଲୋଚନା

ପାଟନା,୨୦।୬



ସିୱାନରେ ରୋଡ୍ ଶୋ'ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ।

ବିହାରର ଶୋଚନୀୟ ସ୍ଥିତି ପାଇଁ ବିରୋଧୀ ଦଳ ଆର୍‌ଜେଡି ଏବଂ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ରାଜ୍ୟକୁ ଉନ୍ନତ ସ୍ଥିତିକୁ ଆଣିବା ସହ ଏହାକୁ 'ମେକ୍ ଇନ୍ ଇଣ୍ଡିଆ'ର ଏକ ବଡ଼ କେନ୍ଦ୍ରରେ ପରିଣତ କରିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସିୱାନ ଜିଲାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଆର୍‌ଜେଡି ଏବଂ କଂଗ୍ରେସ ବିହାରକୁ ଜଙ୍ଗଲ ରାଜ୍ ମଧ୍ୟକୁ ଠେଲିଦେଇଥିଲେ। ସେମାନଙ୍କ ଶାସନରେ ରାଜ୍ୟରେ ଆଇନ ନ ଥିଲାବେଳେ ଦାରିଦ୍ର୍ୟ ଓ ଆପ୍ରବାସନ ବଢ଼ିଥିଲା। ଜନସାଧାରଣ ଉକ୍ତ ଅନ୍ଧକାର ଯୁଗରୁ ରାଜ୍ୟକୁ ମୁକ୍ତ କରିବା ପାଇଁ ଏନ୍‌ଡିଏକୁ ସୁଯୋଗ ଦେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ବାବା ସାହେବ ଭୀମରାଓ ଆମ୍ବେଡ୍‌କରଙ୍କୁ ଅପମାନିତ କରିଥିବା ଆର୍‌ଜେଡିକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ଦଳିତ ନେତାଙ୍କ ପ୍ରତି ଅପମାନକୁ ବିହାରବାସୀ ଆଦୌ ବରଦାସ୍ତ କରିବେ ନାହିଁ ବୋଲି କହିଛନ୍ତି।

ବିହାରରେ ୫,୯୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉନ୍ମୋଚନ କରିବା ସହ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ପାଖାପାଖି ୪୫ ମିନିଟ୍ ଭାଷଣ ଦେଇଥିଲେ। ଚଳିତ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଆର୍‌ଜେଡି ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ବିହାରର ଆର୍ଥିକ ସମ୍ବଳକୁ ପୁନଃ ଦଖଲ କରିବାକୁ ଉଦ୍ୟମ କରୁଥିବା ନେଇ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲିଶ୍ ଲଜ୍ଜିତ ନୁହେଁ, ସଶକ୍ତ କରାଏ: ରାହୁଲ

ନୂଆଦିଲ୍ଲୀ,୨୦।୬(ପି.ଟି.)



ରାହୁଲ ଗାନ୍ଧୀ

ଇଂଲିଶ୍ ଶିକ୍ଷା ଗ୍ରହଣ କାହାକୁ ଲଜ୍ଜିତ କରାଏ ନାହିଁ, ବରଂ ସଶକ୍ତ କରାଏ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିବା ସହ ପ୍ରତ୍ୟେକ ପିଲା ଇଂଲିଶ ପଢ଼ିବା ଜରୁରୀ ବୋଲି କହିଛନ୍ତି। ଗରିବ ପିଲା ଇଂଲିଶ ଶିକ୍ଷା ଗ୍ରହଣ କରନ୍ତୁ, ଏହା ଭାଜପା-ଆର୍‌ଏସ୍‌ଏସ୍ ଚାହାନ୍ତି ନାହିଁ। କାରଣ ସେମାନେ ପ୍ରଶ୍ନ କରନ୍ତୁ ଏବଂ ସମାନତା ହାସଲ କରନ୍ତୁ, ଏହା ଶାସନରେ ଥିବା ଦଳର ପସନ୍ଦ ନୁହେଁ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ଭାରତୀୟ ଭାଷା ରାଷ୍ଟ୍ର ପରିଚୟର ଆତ୍ମା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର କହିବା ସହ ଦେଶରେ ଯେଉଁମାନେ ଇଂଲିଶରେ କଥା ହେଉଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ଅନୁଭବ କରିବେ ବୋଲି ସେ କହିଥିଲେ। ଏହାର ଜବାବରେ ରାହୁଲ ଏକ୍ସ'ରେ ଲେଖିଛନ୍ତି, ଇଂଲିଶ ଏକ ବନ୍ଧ ନୁହେଁ ଏହା ଏକ ବ୍ରିଜ୍। ଇଂଲିଶ ଲଜ୍ଜାଜନକ ନୁହେଁ, ଏହା ସଶକ୍ତ କରାଇଥାଏ। ଇଂଲିଶ ଏକ ଶୃଙ୍ଖଳ ନୁହେଁ, ବରଂ ଶୃଙ୍ଖଳ ଭାଙ୍ଗିବାର ଏକ ଉପକରଣ। ଆଜିର ଦୁନିଆରେ ମାତୃଭାଷା ଭଳି ଇଂଲିଶ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ନିଯୁକ୍ତି ପ୍ରଦାନ କରିବା ସହ ଆତ୍ମବିଶ୍ୱାସ ବଢ଼ାଇଥାଏ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି।

# ମିଶାଇଲ୍‌କୁ ଡରି ଭୂତଳ ରେଳଷ୍ଟେଶନରେ ଶୋଉଛନ୍ତି ଇସ୍ରାଏଲୀ

ରମତ୍ ଗନ୍(ଇସ୍ରାଏଲ୍),୨୦।୬

ଇରାନର ମିଶାଇଲ୍ ଆକ୍ରମଣକୁ ଡରି ଇସ୍ରାଏଲ୍‌ର ଜନସାଧାରଣ ଭୂତଳ ରେଳଷ୍ଟେଶନରେ ଶୋଉଥିବା ଜଣାପଡ଼ିଛି। ମିଶାଇଲ୍ ଆକ୍ରମଣ ଶବ୍ଦ ଓ ସାଇରନ ସତର୍କ ସୂଚନା ମିଳିବା ମାତ୍ରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଧାଇଁବାକୁ ପଡୁଥିଲା। ଭୂତଳ ରେଳଷ୍ଟେଶରେ ସେ ଚିନ୍ତା ନାହିଁ ବୋଲି ଆଜିଜା ମେଲେଚା ନାମ୍ନୀ ଜଣେ ୩୪ ବର୍ଷୀୟ ଇଭେଣ୍ଟ ପ୍ଲାନର କହିଛନ୍ତି। ସପ୍ତାହେ ପୂର୍ବରୁ ଇସ୍ରାଏଲ୍ ଇରାନ ଉପରେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିବା ପରେ ତେହରାନ୍ ପ୍ରତି ଆକ୍ରମଣ କରିଥିଲା। ମିଶାଇଲ୍ ଭୟରେ ଛୋଟ ପିଲା ଥିବା ପରିବାର, ବିଦେଶୀ ଶ୍ରମିକ ଓ ଯୁବ ପେସାଦାରମାନେ ସେମାନଙ୍କ ବିଛଣା, ସ୍ଲିପିଙ୍ଗ୍ ବ୍ୟାଗ୍, ସ୍ନାକ୍ସ ଧରି ପ୍ରତି ସନ୍ଧ୍ୟାରେ ଭୂତଳ ରେଳଷ୍ଟେଶନକୁ ପଳାଉଛନ୍ତି। ଗତ ୧୩ ତାରିଖରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ତେହରାନର ଆଣବିକ ସ୍ଥଳ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ କେତେଜଣ ଶୀର୍ଷ ଜେନେରାଲ ଏବଂ ଆଣବିକ ବୈଜ୍ଞାନିକ ନିହତ ହୋଇଥିଲେ। ଇସ୍ରାଏଲ୍ ଆକ୍ରମଣରେ ଇରାନର ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨,୦୦୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨୦୦ ସାଧାରଣ ଲୋକ ରହିଥିବା ୱାଶିଂଟନସ୍ଥିତ ଇରାନୀୟ ମାନବାଧିକାର ସଂଗଠନ କହିଛି। ଏହାର ଜବାବରେ ଇରାନ ୪୫୦ ମିଶାଇଲ୍ ଏବଂ ୧,୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍‌ରେ ଇସ୍ରାଏଲ୍‌କୁ ଆକ୍ରମଣ କରିଛି। ତେଲ୍ ଆଭିଭ୍‌ର ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ତେହରାନ୍ ମିଶାଇଲ୍ ମାଡ଼ କରିଥିବାବେଳେ ଅନ୍ୟୂନ ୨୪ ଜଣ ନିହତ ହେବା ସହ ଶତାଧିକ ଆହତ ହୋଇଛନ୍ତି।

# ଏୟାରବସ୍‌ରେ ସୁରକ୍ଷା ପ୍ରୋଟୋକଲ୍ ଉଲ୍ଲଂଘନ ନେଇ ଏୟାର ଇଣ୍ଡିଆକୁ ସତର୍କ କରାଇଥିଲା ଡିଜିସିଏ

ନୂଆଦିଲ୍ଲୀ,୨୦।୬

ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଏହାର ୩ଟି ଏୟାରବସ୍ ବିମାନରେ ସୁରକ୍ଷା ପ୍ରୋଟୋକଲ୍‌ର ଉଲ୍ଲଂଘନ ହୋଇଥିବା ନେଇ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସତର୍କ କରାଇଥିଲା। ବିମାନଗୁଡ଼ିକର ସୁରକ୍ଷା ଯାଞ୍ଚ ନ ହୋଇ ଉଡ଼ାଣ କରାଯାଉଥିଲା। ସରକାରୀ ଦସ୍ତାବିଜ୍‌ରୁ ଏହା ଜଣାପଡ଼ିଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ସୁରକ୍ଷା ଯାଞ୍ଚ ଗୋଟିଏ ମାସରୁ ଅଧିକ ବିଳମ୍ବ ହୋଇଥିଲେ ମଧ୍ୟ ଏୟାରବସ୍ ଏ୩୨୦ ବିମାନ ଦୁବାଇ, ରିୟାଧ ଏବଂ ଜେଦାହକୁ ଉଡ଼ାଣ କରୁଥିଲା। ସେହିପରି ଘରୋଇ ରୁଟ୍‌ରେ ଉଡ଼ାଣ କରୁଥିବା ଏୟାରବସ୍ ଏ୩୧୯ରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ ହୋଇ ନ ଥିଲାବେଳେ ତୃତୀୟ ବିମାନର ସୁରକ୍ଷା ଯାଞ୍ଚ ୨ ଦିନ ବିଳମ୍ବ ହୋଇଥିଲା। ତେଣୁ ମିଆଦ ପୂରିଥିବା କିମ୍ବା ଯାଞ୍ଚ ହୋଇ ନ ଥିବା ଜରୁରୀ ଉପକରଣ ସହ ବିମାନ ଚଳାଚଳ କରୁଥିଲା ବୋଲି ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି। ଏହା ମାନକ ଉଡ଼ାଣ ଯୋଗ୍ୟତା ଓ ନିରାପତ୍ତାର ଉଲ୍ଲଂଘନ ବୋଲି ଡିଜିସିଏ ରିପୋର୍ଟରେ କୁହାଯାଇଛି।

## ଏୟାର ଇଣ୍ଡିଆ ବୁକିଂ ୨୦% ହ୍ରାସ




ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଏୟାରଲାଇନ୍ସର ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ରୁଟ୍‌ରେ ବୁକିଂ ପ୍ରାୟ ୨୦ ପ୍ରତିଶତ କମିଥିବା ଜଣାପଡ଼ିଛି। ଇଣ୍ଡିଆନ୍ ଆସୋସିଏଶନ ଅଫ୍ ଟୁର୍ ଅପରେଟର୍ସ (ଆଇଏଟିଓ) ଅଧ୍ୟକ୍ଷ ରବି ଗୋସାଇଁଙ୍କ କହିବା ଅନୁଯାୟୀ, ଅନ୍ତର୍ଜାତୀୟ ବିଭାଗରେ ଟିକେଟ ବୁକିଂ ୧୮ରୁ ୨୨% ହ୍ରାସ ପାଇଥିବାବେଳେ ଘରୋଇ ରୁଟ୍‌ରେ ୧୦ରୁ ୧୨ ପ୍ରତିଶତ ହ୍ରାସ ପାଇଛି। ପରିଚାଳନାଗତ କାରଣରୁ ଅନେକ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ଚଳାଚଳ ବାତିଲ କରାଗଲାଣି। ଏୟାର ଇଣ୍ଡିଆ ବିଭିନ୍ନ ଘରୋଇ ରୁଟ୍‌ରେ ଏହାର ବିମାନ ଭଡ଼ା ୮ରୁ ୧୨ ପ୍ରତିଶତ ହ୍ରାସ କରିଛି। ସେହିପରି ୟୁରୋପ ଏବଂ ଦକ୍ଷିଣପୂର୍ବ ଏସିଆକୁ ଯାଉଥିବା ଏୟାର ଇଣ୍ଡିଆ ବିମାନର ଟିକେଟ ମୂଲ୍ୟ ୧୦ରୁ ୧୫ ପ୍ରତିଶତ ହ୍ରାସ ପାଇଛି।

## ଦିଲ୍ଲୀ-ପୁଣେ ବିମାନ ଉଡ଼ାଣ ପକ୍ଷୀ ମାଡ଼ ଯୋଗୁ ରଦ୍ଦ

### ଦିନକରେ ୯ ଏୟାର ଇଣ୍ଡିଆ ବିମାନ ବାତିଲ

ନୂଆଦିଲ୍ଲୀ,୨୦।୬

ଏୟାର ଇଣ୍ଡିଆର ମୋଟ ୯ଟି ବିମାନର ଉଡ଼ାଣକୁ ଶୁକ୍ରବାର ବାତିଲ କରାଯାଇଛି। ଦିଲ୍ଲୀରୁ ପୁଣେ ଯାଉଥିବା ବିମାନ ଏଆଇ୨୪୭୦ରେ ପକ୍ଷୀ ମାଡ଼ ହେବାରୁ ଏହାର ଫେରନ୍ତା ଉଡ଼ାଣକୁ ବାତିଲ କରିଦିଆଯାଇଛି। ଏହା ବ୍ୟତୀତ ପରିଚାଳନାଗତ କାରଣ ପାଇଁ ୪ଟି ଅନ୍ତର୍ଜାତୀୟ ବିମାନ ସମେତ ୮ଟି ବିମାନର ଉଡ଼ାଣକୁ ବନ୍ଦ କରାଯାଇଛି। ବାତିଲ ହୋଇଥିବା ଘରୋଇ ରୁଟ୍‌ର ଅନ୍ୟ ବିମାନ ମଧ୍ୟରେ ପୁଣେରୁ ଦିଲ୍ଲୀ ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଏଆଇ୪୫୬, ହାଇଦ୍ରାବାଦରୁ ମୁମ୍ବାଇ ଏଆଇ୨୮୭୨ ଏବଂ ଚେନ୍ନାଇରୁ ମୁମ୍ବାଇ ଏଆଇ୫୭୧ ରହିଛି।

# ଝାଳ ବୁହାଉଛନ୍ତି ସଲମାନ

ମୁମ୍ବାଇ



ବଲିଉଡର ଭାଇଜାନ୍ ସଲମାନ ଖାନ୍ ନିଜର ଅପକମିଂ ଫିଲ୍ମ ପାଇଁ ଏବେ ଭାରି ବ୍ୟସ୍ତ। ଏଥିପାଇଁ ସେ ଝାଳ ବୁହାଉଛନ୍ତି। ଗଲୱାନ ଘାଟି ଉପରେ ନିର୍ମାଣ ହେଉଥିବା ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ନଜର ଆସିବେ, ଯେଉଁଥିରେ ତାଙ୍କ ଚରିତ୍ର ଜଣେ ଆର୍ମୀ ଅଫିସର ଭାବେ ରହିବ। ଦିନରାତି ଏକକରି ସେ ଏବେ ଏହାର ପ୍ରସ୍ତୁତିରେ ବ୍ୟସ୍ତ।

ସଲମାନଙ୍କ ଫିଲ୍ମର କାହାଣୀ ବହୁଳ ବିକ୍ରି ହୋଇଥିବା ପୁସ୍ତକ 'ଇଣ୍ଡିଆଜ ମୋଷ୍ଟ ଫିଅରଲେସ୍' ଉପରେ ପର୍ଯ୍ୟବଶିତ। ବୟସ ଅଧିକ ହୋଇଥିବା ହେତୁ ସେ ନିଜର ଦୈନିକ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିଛନ୍ତି। ସେ ନିଜକୁ ପତଳା କରିବାକୁ ଜିମ୍‌ରେ ଅଧିକ ସମୟ ଦେଉଛନ୍ତି। ଜୁଲାଇରୁ ଫିଲ୍ମର ଶୁଟିଂ ଆରମ୍ଭ ହୋଇପାରେ। ଏହାର ପ୍ରଥମ ସିଡ୍ୟୁଲ ଲଦାଖରେ ଓ ପରେ ମୁମ୍ବାଇରେ ଶୁଟିଂ ହେବ। ଏହାର ଟାଇଟଲ ଫାଇନାଲ ହୋଇ ନ ଥିବା ବେଳେ ଆଗାମୀ ଦିନରେ ତାହା ଜଣାଇ ଦିଆଯିବ। ଭାଇଜାନ୍‌ଙ୍କ ପ୍ରଶଂସକମାନେ ଏହି ଖବର ପାଇବା ପରେ ବେଶ୍ ଉତ୍ସାହିତ ହୋଇଛନ୍ତି।

# ଅଭିଯୁକ୍ତଙ୍କୁ ଚିହ୍ନଟ କଲେ ପୀଡ଼ିତା

## ଗୋପାଳପୁର ଗଣବଳାତ୍କାର: ଟିଆଇ ପରେଡ୍

ବ୍ରହ୍ମପୁର,୨୦।୬
(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଏହି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଟିଆଇ ପରେଡ୍‌ରେ ପୀଡ଼ିତା ଚିହ୍ନଟ କରିଛନ୍ତି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚ ଏ ନେଇ ଅଧିକ ତଥ୍ୟ ଦେବାକୁ ମନା କରିଛି। ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ପୀଡ଼ିତାଙ୍କ ମନୋବଳ ବଢ଼ାଇବା ପାଇଁ ତାଙ୍କର କାଉନସେଲିଂ କରାଯାଉଥିବା ଜଣାପଡ଼ିଛି।

ବେଳାଭୂମିରେ ଗତ ୧୫ ତାରିଖରେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଗୋପାଳପୁର ଥାନାରେ ପୀଡ଼ିତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ୧୭ ତାରିଖରେ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ୧୮ ତାରିଖରୁ କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ କରୁଛି। ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲ୍‌ଆର୍ ଆଣ୍ଡ ଏଲ୍‌ଟିଭି) ଅନ୍ବେଷା ଦାଶଙ୍କ କୋର୍ଟରେ ଆବେଦନ କରିଥିବା ବେଳେ ତାହା ମଞ୍ଜୁର ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ଟିଆଇ ପରେଡ୍ ପାଇଁ ଶୁକ୍ରବାର ଜେଲ ପରିସରରେ ଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଥିଲା। ପୀଡ଼ିତା ସେଠାରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛନ୍ତି। ଅନ୍ୟପଟେ ଘଟଣା ପରେ ପୋଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ଟିମ ସେଗୁଡିକ ସିଏସ୍ଆଇ ପୋଲିସ ଜରିଆରେ ଶୁକ୍ରବାର କୋର୍ଟରେ ଦାଖଲ କରିଛି।

# ସାଙ୍ଗ ଜନ୍ମଦିନକୁ ଡାକି ନେଇ ଯୁବକଙ୍କୁ ହତ୍ୟା

କବିସୂର୍ଯ୍ୟନଗର,୨୦।୬(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ଜନ୍ମଦିନ ପାଳନରେ ସାମିଲ ହେବାକୁ ଡାକିନେଇ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କବିସୂର୍ଯ୍ୟନଗର ଆଠଗଡ଼ ପାଟଣାର ସାଗର ନାହାକ (୨୨)। ତେବେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଆଠଗଡ଼ ପାଟଣା ବାଉରୀ ସାହିର ଉପେନ୍ଦ୍ର ନାହାକଙ୍କ ଏକମାତ୍ର ପୁଅ ସାଗର। ଗୁରୁବାର ଅପରାହ୍ନରେ ଜଣେ ସାଙ୍ଗର ଜନ୍ମଦିନ ପାଳନ କରିବା ପାଇଁ ସାଗରଙ୍କୁ ଅନ୍ୟ ୨ଜଣ ସାଙ୍ଗ ଆସି ଘରୁ ଡାକି ନେଇଥିଲେ। ସାଗର ଘରୁ ବାହାରିବା ବେଳେ ତାଙ୍କ ଭଉଣୀଙ୍କୁ ୫୦ଟଙ୍କା ମାଗିଥିଲେ। ଭଉଣୀ ୩୯ ଟଙ୍କା ଦେଇଥିଲେ। ସାଗର ତାହାକୁ ନେଇ ୨ ସାଙ୍ଗଙ୍କ ସହ ତାଲିଆମାପଲ୍ଲୀ ଯାଇ ସେଠାରେ ଜନ୍ମଦିନ ପାଳନରେ ସାମିଲ ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ଜରଡ଼ ଛକରେ ଥିବା ଏକ ଗଛ ମୂଳେ ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ନେଇ ଘର ଲୋକଙ୍କୁ ଫୋନ କଲ ଆସିଥିଲା। ପରିବାର ଲୋକେ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରଙ୍କ ମୁଣ୍ଡ ଓ ଛାତିକୁ ପଥରରେ ଛେଚା ଯାଇଥିବା ଦେଖାଯାଇଥିଲା। ଏ ନେଇ ତାଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ପ୍ରକାରେ ପୋଲିସ ନଂ. ୪୩୬/୨୫ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମା’, ବାପା ଓ ୪ ଭଉଣୀଙ୍କ କାନ୍ଦରେ ସାହି ଫାଟି ପଡୁଛି।

# ବାପାଙ୍କୁ ବନ୍ଧୁକ ଦେଖାଇ ଧମକ

ଭୁବନେଶ୍ୱର,୨୦।୬
(ସତ୍ୟଜିତ୍ ରାଉତ)

ପାରିବାରିକ ବିବାଦକୁ କେନ୍ଦ୍ର କରି ବାପାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଛନ୍ତି ପୁଅ। ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ନୂଆସାହିର ସୋହମ ଶ୍ରୀ ପାତ୍ର (୨୧)। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ୨ଟି ଗୁଳି ଜବତ ହୋଇଛି। ଶୁକ୍ରବାର କୋର୍ଟଚାଲାଣ ପରେ ସୋହମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ଅଭିଯୁକ୍ତ ସୋହମ ଓ ଜବତ ବନ୍ଧୁକ, ଗୁଳି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ତଥା ଅଭିଯୁକ୍ତଙ୍କ ବାପା ମହେଶ୍ୱର ସ୍ତ୍ରୀ ଓ ପୁଅଙ୍କ ସହ ନୂଆସାହିରେ ରୁହନ୍ତି। ବିଭିନ୍ନ କାରଣକୁ ନେଇ ମହେଶ୍ୱର ଓ ସ୍ତ୍ରୀଙ୍କ ମଧ୍ୟରେ ବହୁ ସମୟରେ ଝଗଡା ହେଉଥିଲା। ଏହାକୁ ନେଇ ସୋହମ ତାଙ୍କ ବାପାଙ୍କୁ ବିରୋଧ କରିଆସୁଥିଲେ। ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ପାରିବାରିକ ବିବାଦକୁ କେନ୍ଦ୍ର କରି ସୋହମଙ୍କୁ ମହେଶ୍ୱର ଗାଳି କରିଥିଲେ। ଏହି ସମୟରେ ସୋହମ ତାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୨୯୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ବ୍ୟବସାୟୀଙ୍କ ଘରେ ଶିକୁଳି ଦେଇ ଚୋରି

ଢେଙ୍କିକୋଟ,୨୦।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ୍‌ଠାରୁ ମାତ୍ର ୫୦୦ ମିଟର ଦୂରରୁ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ଘର ବାହାର ପଟରୁ ଶିକୁଳି ଦେଇ ଲକ୍ଷାଧିକ ଟଙ୍କା ସମେତ ସୁନା, ରୂପ ଅଳଙ୍କାର ନେଇଯାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଢେଙ୍କିକୋଟ ବଜାରର ବ୍ୟବସାୟୀ ସୁକୁମାର ପରିଡ଼ା ଗହଣା ବ୍ୟବସାୟ କରନ୍ତି। ସେ ଗୁରୁବାର ରାତିରେ ପରିବାର ସହ ଖାଇପିଇ ଘରେ ଶୋଇଥିଲେ। ଦୁର୍ବୃତ୍ତମାନେ ରାତି ସାଢ଼େ ୧ଟା ବେଳେ ତାଙ୍କ ଘରେ ପଶି ସମସ୍ତେ ଶୋଇଥିବା ଘର ବାହାର ପଟରୁ ଶିକୁଳି ଦେଇଦେଇଥିଲେ। ପରେ ଠାକୁର ଘରେ ଥିବା ଏକ ବାକ୍ସରୁ ନଗଦ ୮୦ ହଜାର, ସୁନା ଅଳଙ୍କାର ୨୦ ଗ୍ରାମ, ରୁପା ଅଳଙ୍କାର ୮୦୦ ଗ୍ରାମ ସହ ବାକ୍ସକୁ ଟେକି ନେଇଯାଇଛନ୍ତି। ଶବ୍ଦ ଶୁଣି ସୁକୁମାର ଉଠିଲା ବେଳକୁ ଘର କବାଟ ଖୋଲି ନ ଥିଲା। ସୁକୁମାର ପଡ଼ୋଶୀ ଘର ଲୋକଙ୍କୁ ଫୋନ କରି ଡାକିବା ସହ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଜଣାଇଥିଲେ। ଖବର ପାଇ ତ୍ରିନାଥ ନାୟକ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଆନୁମାନିକ ଅଢ଼େଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଚୋରି ହୋଇଛି। ଢେଙ୍କିକୋଟ ବଜାରରେ ରାତ୍ର ପାଟ୍ରୋଲିଂ ସାଙ୍ଗକୁ ଢେଙ୍କିକୋଟରେ ଥାନା ପ୍ରତିଷ୍ଠା ପାଇଁ ଢେଙ୍କିକୋଟ ବିକାଶମଞ୍ଚ, ଢେଙ୍କିକୋଟ ବଣିକ ସଂଘ ତରଫରୁ ଦାବି କରିଛି। ଏଥିସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୨୦।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ଲୁହାପଥର ଚୋରାଚାଲଣ ବେଳେ ଚଢ଼ାଉକରି ୨ ଟ୍ରକ୍ ଜବତ କରିଛି। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋର ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ପୋଲିସ ୨ ଖଣିଜ ବୋଝେଇ ଟ୍ରକ୍‌କୁ ଥାନାକୁ ଆଣି ତଦନ୍ତ ଚଳାଇଛି। ବନ ବିଭାଗ, ପୋଲିସ, ଖଣି ବିଭାଗ, ରେଳ ବାଇର ସମନ୍ୱୟ ଅଭାବରୁ ଖଣି ଚୋରି ବୃଦ୍ଧି ପାଉଥିବା କୁହାଯାଉଛି।

ସୂଚନା ମୁତାବକ, ଥାନା ଅନ୍ତର୍ଗତ ବାଂଶପାଣି ଚାନ୍ଦ ଗ୍ୟାରେଜ ପଛ ପାର୍ଶ୍ୱରେ ଗଚ୍ଛିତ ଥିବା ଗୁଣ୍ଡ ଲୁହାପଥର ଟ୍ରକ୍ ଯୋଗେ ଚୋରାଚାଲାଣ ହେଉଥିଲା। ପୋଲିସ ଖବର ପାଇ ଶୁକ୍ରବାର ଭୋର ସମୟରେ ଅତର୍କିତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଗୁଣ୍ଡ ଲୁହାପଥର ବୋଝେଇ ହୋଇଥିବା ୨ ଟ୍ରକ୍ (ଓଆର୍ ୦୧ ଜିକେ ୧୦୯୦ ଓ ଡବ୍ଲ୍ୟୁବି ୫୧ ସି ୬୭୪୩) ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୧୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଏକ



ଜବତ ଲୁହାପଥର ବୋଝେଇ ଟ୍ରକ୍।

ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ବାଂଶପାଣି, ଜୁରୁଡି, ନୟାଗଡ଼ ପ୍ରଭୃତି ଖଣି ସଂଲଗ୍ନ ଅଞ୍ଚଳରେ ପ୍ରାୟ ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଦାବିଦାର ନ ଥିବା ଲୁହାପଥର ପଡ଼ିରହିଛି। ଏହାକୁ ସୁରକ୍ଷିତ ରଖାଯାଉ ନାହିଁ କି ଜଗୁଆଳି ମଧ୍ୟ ନିୟୋଜିତ କରାଯାଉନାହିଁ। ତେବେ ଏହି ଲୁହାପଥରକୁ ଖଣି ବିଭାଗ କଷ୍ଟୋଡିଆନ ଦାୟିତ୍ୱରେ ରଖିଥିବା ସଂସ୍ଥାଙ୍କୁ ମଧ୍ୟ ଯାଞ୍ଚର ପରିଧିକୁ ନେଉନାହିଁ। ଫଳରେ ଚୋରା କାରବାର ବଢୁଛି। ବିଗତ ୩ ମାସ ମଧ୍ୟରେ ବନ ବିଭାଗ, ପୋଲିସ ୧ ଡଜନରୁ ଅଧିକ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ କରିସାରିଲାଣି।

## Business

# ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ବେଦାନ୍ତ ଲାଞ୍ଜିଗଡ଼ ଚାମ୍ପିୟନ

ଭୁବନେଶ୍ୱର,୨୦।୬: (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ଏପରିକି ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପ୍‌କୁ ଆକର୍ଷଣୀୟ କଳାକୃତିରେ ପରିଣତ କରିବା ପାଇଁ ନିକଟରେ ଏକ ଅନନ୍ୟ ସ୍କ୍ରାପ୍ ଆର୍ଟ ଚମତ୍କାରକ ପ୍ରତିଯୋଗିତା ଆୟୋଜନ କରିଥିଲା। ବିଶେଷକରି ନବସୃଜନ, ସ୍ଥିରତା ଏବଂ ଦଳଗତ କାର୍ଯ୍ୟର ଏହି ଜୀବନ୍ତ ଉତ୍ସବ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କୁ ନେଇ ଆୟୋଜିତ ହୋଇଥିବାବେଳେ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ କଳ୍ପନା ଏବଂ ସହଯୋଗର ଉତ୍ସାହୀ ପ୍ରଦର୍ଶନରେ ପରିଣତହୋଇଥିଲା। ସେହିଭଳିକର୍ମସ୍ଥଳକୁ ଉନ୍ନତ କରିବା ପାଇଁ ଦଳଗୁଡ଼ିକ ଦୈନନ୍ଦିନ



ଶିଳ୍ପ ବର୍ଜ୍ୟକୁ ଆକର୍ଷଣୀୟ କଳାକୃତିରେ ପରିଣତ କରିଥିଲେ। ଏପରିକି ପ୍ରତ୍ୟେକ ସୃଷ୍ଟି ବେଦାନ୍ତର ସମ୍ପଦ ଉତ୍ତମୀକରଣ, ସୃଜନଶୀଳ ଚିନ୍ତାଧାରା ଏବଂ ସ୍ଥିରତାର ମୂଲ୍ୟମୂଲ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏ ସମ୍ପର୍କରେ ବେଦାନ୍ତର ସିଇଓ (ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ଼) ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମର ଲୋକମାନେ ଭିନ୍ନଭାବରେ ଚିନ୍ତା କରିବାକୁ ସଶକ୍ତ ହୁଅନ୍ତି। ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁଏକାଠି କରିନାହିଁ ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଏବଂ ସ୍ଥାୟୀ ଚିନ୍ତା ଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍ରେକ କରିଛି। ଆମେ ଏକ କର୍ମକ୍ଷେତ୍ରକୁ ପୋଷଣ କରିବାରେ ଗର୍ବିତ ଅଛୁ। ଯେଉଁଠାରେ ସୃଜନଶୀଳତା ପାଳନ କରାଯାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ, ପ୍ରଭାବଶାଳୀ ଉପାୟରେ ଯୋଗଦାନ ଦେବାର ସ୍ୱାଧୀନତା ପାଏ।

ସେହିପରି କଳା ପ୍ରତିଯୋଗିତା ବ୍ୟତିରେକ ଏହି କାର୍ଯ୍ୟକ୍ରମ ଆନ୍ତଃ ବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା ଏବଂ ବର୍ଜ୍ୟରୁ ସମ୍ପଦ ଅଭ୍ୟାସକୁ ନେଇ ଅର୍ଥ ପୂର୍ଣ୍ଣ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଜଭୁତ ମଞ୍ଚ ଭାବେ କାର୍ଯ୍ୟ କରିଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦୪୬ (୧୦୪୬.୩୦) ପଏଣ୍ଟ ବୃଦ୍ଧି ଘଟି ୮୨,୪୦୮ (୮୨,୪୦୮.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୧୯ (୩୧୯.୧୫) ପଏଣ୍ଟ ବଢ଼ି ୨୫,୧୧୨ (୨୫,୧୧୨.୪୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ଏସିଆନ୍ ପେଣ୍ଟସ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୦।୬

ଦେଶର ପ୍ରମୁଖ ପେଣ୍ଟ୍ ଆଣ୍ଡ ଡେକର ବ୍ରାଣ୍ଡ୍ ‘ଏସିଆନ୍ ପେଣ୍ଟସ୍’ର ନୂତନ ଉତ୍ପାଦ ତଥା ରାୟାଲ ଗ୍ଲିଟ୍ସ ଲକ୍ସୁରି ରେଞ୍ଜ ‘ଟ୍ରିବ୍ୟୁଟ୍ ଟୁ ଓଡ଼ିଶା’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଆକର୍ଷଣୀୟ ଏବଂ ନୂଆ ବିଶେଷ ଏଡିଶନ୍‌କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତା’ର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରିଛି। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡ଼ିକ ପଟ୍ଟଚିତ୍ରରୁ ପ୍ରେରିତ ହୋଇଛି। ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଏହାର ଚିତ୍ରକଳା ଓଡ଼ିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରିଥାଏ। ଏହି ପ୍ୟାକ୍‌ରେ ଶାଳୀନ ଓଡ଼ିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ ରହିଛି। ପ୍ରତ୍ୟେକ ପ୍ରତୀକ ଓଡ଼ିଶାର ଓ




ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ ବୋଲି କୁହାଯାଇଛି। ଏସିଆନ୍ ପେଣ୍ଟସ୍‌ର ଏମ୍‌ଡି ତଥା ସିଇଓ ଅମିତ ସିଙ୍ଗଲ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ଓ ଏଡିଶନକୁ ଓଡ଼ିଶା ବଜାରରେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ପ୍ରତ୍ୟେକ ରାଜ୍ୟ ଆମ ପାଇଁ କେବଳ ଏକ ବଜାର ନୁହେଁ, ଏହା ଏକ ଜୀବନ୍ତ କାହାଣୀ। ଆମର ‘ରୋୟାଲ୍ ଗ୍ଲିଟ୍ସ-ଟ୍ରିବ୍ୟୁଟ୍ ଟୁ ଓଡ଼ିଶା’ ପ୍ୟାକ୍ ହେଉଛି ଓଡ଼ିଶାର କଳା, ଆଧାତ୍ମିକ ଶକ୍ତି ଓ ସଂସ୍କୃତିର ଏକ ଉତ୍ସବ। ଏହି ପଦକ୍ଷେପ ଆମର ଇନୋଭେଶନ୍ ଓ ଡିଜାଇନ୍ ଉପରେ ନଜରକୁ ପ୍ରତିବିମ୍ବିତ କରିଥାଏ ଓ ସ୍ଥାନୀୟ ପରମ୍ପରା ପ୍ରତି ଏକ ଅନୁଭୂତିମୂଳକ ସମ୍ମାନ ଭାବେ ଦିଆଯାଇଛି।

# ଭୁବନେଶ୍ୱରରେ ହିଟାଚି ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର,୨୦।୬

ଜନ୍‌ସନ୍ କଣ୍ଟ୍ରୋଲ୍ସ-ହିଟାଚି ଏୟାର କଣ୍ଡିସନିଂ ଇଣ୍ଡିଆ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କର୍ମଶାଳା ତଥା ଏକ ଚିନ୍ତାଶୀଳ ନେତୃତ୍ୱ କାର୍ଯ୍ୟକ୍ରମ ‘ହିଟାଚି ଏକ୍ସଚେଞ୍ଜ ପ୍ରୋଗ୍ରାମ’ କୁ ଭୁବନେଶ୍ୱରଠାରେ ଆୟୋଜନ କରାଯାଇଛି। ବିଶେଷକରି ଆର୍କିଟେକ୍ଟ ଓ ଏଚ୍‌ଭିଏସି କନ୍‌ସଲ୍‌ଟାଣ୍ଟଙ୍କୁ ସଶକ୍ତ କରିବା ସହ ଇଣ୍ଡଷ୍ଟ୍ରି ଇନ୍‌ଫ୍ଲୁଏନ୍ସରଙ୍କ ସହ ମଜଭୁତ ସମ୍ପର୍କ ବିକଶିତ କରିବାକୁ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଥିଲା। ଏପରିକି ଶକ୍ତି-ଦକ୍ଷ କୁଲିଂ ସଲ୍ୟୁସନ, ଆଡ୍‌ଭାନ୍ସଡ ଏଚ୍‌ଭିଏସି ଟେକ୍ନୋଲୋଜି ଏବଂ ସ୍ଥାୟୀ ସହରାଞ୍ଚଳ ଯୋଜନାରେ ଏୟାର କଣ୍ଡିସନିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡରଙ୍କ ପାଇଁ ଏହି କର୍ମଶାଳା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିଥିଲା। ଅପରପକ୍ଷରେ ଏହା ଉନ୍ନତ ଉତ୍ପାଦନ କ୍ଷମତା, ଏକ ଗ୍ଲୋବାଲ ଡେଭ୍‌ଲପମେଣ୍ଟ ସେଣ୍ଟର ଓ ଅତ୍ୟାଧୁନିକ ଲାବ୍ ଭିତ୍ତିଭୂମି ପ୍ରଦର୍ଶିତ କରିବା ପାଇଁ ସୁଯୋଗ ଦେଇଥିଲା। ନାଗରିକଙ୍କ ପାଇଁ ଏକ ସବୁଜ, ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ନିର୍ମାଣ କରିବା ଲାଗି ସରକାରଙ୍କ ପରିବର୍ତ୍ତନଶୀଳ ନୀତିଗୁଡିକ ସମର୍ଥନରେ ବିଭିନ୍ନ ଶିଳ୍ପ ବର୍ତ୍ତମାନ ସମୟରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ରୋଡ୍‌ମ୍ୟାପ ବିକଶିତ କରୁଛନ୍ତି। ଓଡ଼ିଶା ମଧ୍ୟ ସ୍ଥାୟିତ୍ୱ ଓ ସବୁଜ ନିର୍ମାଣ ଦିଗରେ ଦ୍ରୁତବେଗରେ ପ୍ରଗତି କରୁଛି। ବିଶେଷକରି ଭୁବନେଶ୍ୱର ଓ କଟକ ଭଳି ସହରରେ ଏହାର ପ୍ରଭାବ ବେଶି ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜନ୍‌ସନ୍ କଣ୍ଟ୍ରୋଲ୍ସ-ହିଟାଚି ଏୟାର କଣ୍ଡିସନିଂ ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ଫିଲ୍ଡ ଅପରେଶନ୍ସ ବିଭାଗ) ଭର୍‌ଗିସ ଯୋଶେଫ କହିଛନ୍ତି, ଭୁବନେଶ୍ୱରରେ ଆମର ଏକ୍ସଚେଞ୍ଜ ଅଭିଯାନ ଅନ୍ତର୍ଜାତୀୟ ମାନକକୁ ପୂରଣ କରୁଥିବାବେଳେ ଏହି ଅଞ୍ଚଳରେ ଏକ ସ୍ଥାୟୀ ପରିବେଶ ସୃଷ୍ଟି କରୁଥିବା ଏୟାର କଣ୍ଡିସନିଂ ସମାଧାନର ଶୁଭାରମ୍ଭକରି ଆମେ ସାର୍ଥକ ପ୍ରଭାବ ସୃଷ୍ଟିକରିବା ପାଇଁ ସୁସଜ୍ଜିତ ରହିଛୁ। ସେହିଭଳି ଆମେ ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ଅଗ୍ରସର ହେଉଥିବାରୁ ଆମକୁ ଆର୍କିଟେକ୍ଟ ଓ ଏଚ୍‌ଭିଏସି କନ୍‌ସଲ୍‌ଟାଣ୍ଟଙ୍କୁ ଶକ୍ତି-ଦକ୍ଷ କୁଲିଂ ସମାଧାନ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ଓ ଉଦ୍ଭାବନଗୁଡିକ ସହ ସଶକ୍ତ କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ମାଲାବାରରେ ଆର୍ଟିଷ୍ଟ୍ରି ଶୋ’ର ଶୁଭାରମ୍ଭ

ଭୁବନେଶ୍ୱର,୨୦।୬

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ‘ଆର୍ଟିଷ୍ଟ୍ରି ଶୋ’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ସମ୍ବଲପୁରସ୍ଥିତ ବୁଢାରାଜା ଶୋ’ରୁମ୍‌ରେ ଏକ ୪ ଦିନିଆ ପ୍ରଦର୍ଶନୀ (ଆର୍ଟିଷ୍ଟ୍ରି ଶୋ)ର ଶୁଭାରମ୍ଭ ଶୁକ୍ରବାର କରାଯାଇଛି। ଏହି ଅବସରରେ ଏସ୍ଏମ୍‌ସି ଅତିରିକ୍ତ କମିଶନର ସରୋଜିନୀ ପ୍ରସନ୍ନା କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରାହକ, ମଡେଲ ଏବଂ ଶୋ’ରୁମ୍‌ର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୨୦ରୁ ୨୩ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ମାଲାବାରର ସମ୍ବଲପୁରସ୍ଥିତ ବୁଢାରାଜା ଶୋ’ରୁମ୍‌ରେ ଜାରି ରହିବ। ଏହି ଶୋ’ ଜରିଆରେ ମାଲାବାରର ସମସ୍ତ କଲେକ୍ସନ ଓ ଅଳଙ୍କାର ସମ୍ଭାର ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ଏହି ଶୋ’ରେ ମାଲାବାରର ସୁନା ଓ ହୀରାର ବ୍ୟାପକ



ଆଟ୍ରଷ୍ଟି ଶୋ’ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କଲେକ୍ସନ ସାଙ୍ଗକୁ ମାଇନ ଡାଇମଣ୍ଡ ଜୁଏଲେରି, ଏରା ଅନକଟ ଡାଇମଣ୍ଡସ, ପ୍ରେସିଆ ଜେମଷ୍ଟୋନ ଜୁଏଲେରି, ଏଥେନିକ୍ସ ହାଣ୍ଡକ୍ରାଫଡ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଏବଂ ଆହୁରି ଅନେକ ଡିଜାଇନ ଓ ପ୍ରକାରର କଲେକ୍ସନ ସାମିଲ ରହିଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର‘ଆର୍ଟିଷ୍ଟ୍ରି ଶୋ’ ସମ୍ବଲପୁରସ୍ଥିତ ବୁଢାରାଜା ଶୋ’ରୁମ୍‌ରେ ଆନୁଷ୍ଠାନିକ ଭାବେ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶୋ’ଜରିଆରେ ଗ୍ରାହକ ଓ ଦର୍ଶକ ମାଲାବାରର ସମସ୍ତ ସୁନା ଓ ହୀରାର ଗହଣା ସମ୍ଭାରକୁ ଉଭୟ ଦେଖିପାରିବେ ଓ କ୍ରୟ ମଧ୍ୟ କରିପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ବଜାଜ୍ ଆଲିଆଞ୍ଜର ନୂତନ ସ୍ୱାସ୍ଥ୍ୟବୀମା

ଭୁବନେଶ୍ୱର,୨୦।୬

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ନୂତନ ନୂତନ ସ୍ୱାସ୍ଥ୍ୟବୀମା ‘ଆପଣଙ୍କ ପାଇଁ’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ନୂଆ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ହୋଇଥିଲାବେଳେ ଓଡ଼ିଶାର ଲୋକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏବଂ ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଓ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତ୍ତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟିକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ । ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ । ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭକରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନ୍‌ସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲଥ କଭର୍ ପ୍ରାପ୍ତ କରିପାରିବେ। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଡା. ତପନ ସିଂଘେଲ କହିଛନ୍ତି, ଭାରତର ବିବିଧତା ହେଉଛି ଏହାର ସବୁଠାରୁ ବଡ ଶକ୍ତି ଏବଂ ହେଲଥ କେୟାରରେ ମଧ୍ୟ ଏହି ବିଷୟ ଲାଗୁ ହୋଇଥାଏ ।

# ୧୦ ବିଦ୍ୟୁତ୍ ପୋଲ ତାର ଛିଡ଼ି ଅଟକିଲା ବିଶାଖାପାଟଣା-କିରାଣ୍ଡୁଲ ପାସେଞ୍ଜର



ପୋଲରୁ ବିଦ୍ୟୁତ୍ ତାର ଛିଡ଼ି ଲଟକି ରହିଛି।

ନନ୍ଦପୁର,୨୦।୬(ତୁଷାର କାନ୍ତ ମହାନ୍ତି)

ବିଦ୍ୟୁତ୍ ଚାଳିତ କୋତାବାଲସା-କିରାଣ୍ଡୁଲ ସଂଯୋଗୀ କେକେ ରେଳପଥରେ ବିଶାଖାପାଟଣା-କିରାଣ୍ଡୁଲ ପାସେଞ୍ଜର ଟ୍ରେନ୍ (୫୮୫୦୧) ଶୁକ୍ରବାର ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଭେଜା ଷ୍ଟେସନରୁ ବାହାରି ମାତ୍ର ୨ କି.ମି. ଦୂର ଥିବା ଗାଁ ପାର କରିବା ବେଳେ ରେଳପଥ ବିଦ୍ୟୁତ ତାର ସଂଯୁକ୍ତ ପ୍ଲେଟ୍‌ଟି ତଳେ ପଡ଼ିଯାଇଥିଲା। ୧୦ଟି ବିଦ୍ୟୁତ୍ ପୋଲର ତାର ଛିଡ଼ି ତଳେ ପଡ଼ି ଯିବାରୁ ବିଦ୍ୟୁତ୍ ଚାଳିତ ଟ୍ରେନ୍ ଅଟକିଯାଇଥିଲା। କିନ୍ତୁ ବିଦ୍ୟୁତ ତାର ରେଳ ସମେତ ରେଳ ପଥର ସଂସ୍ପର୍ଶରେ ଆସିନଥିଲା। ଖବର ଲେଖା ସୁଦ୍ଧା ପାସେଞ୍ଜର ଟ୍ରେନ୍‌ଥିବା ନିକଟରେ ଅଟକି ରହିଛି। ଟ୍ରେନରେ ଥିବା ଯାତ୍ରୀମାନେ ଟ୍ରେନରୁ ଓହ୍ଲାଇ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଦେଖିବାକୁ ମିଳିଛି। ଭେଜା, ପାଡୁଆ, ମାଛକୁଣ୍ଡ, କୋରାପୁଟ ଷ୍ଟେସନରେ ଆସିଥିବା ରେଳ କର୍ମଚାରୀ ଘଟଣାସ୍ଥଳରେ ମରାମତି ବ୍ୟବସ୍ଥା କରୁଛନ୍ତି। ମଧ୍ୟାହ୍ନ ୧୨ଟାରୁ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀ ହଇରାଣ ହୋଇଛନ୍ତି। ରେଳ ବିଭାଗ ପକ୍ଷରୁ ତାର ଯୋଡି ମରାମତି କରିବା ପରେ ରେଳ କିରାଣ୍ଡୁଲ ଅଭିମୁଖେ ଯିବା ସହ ଅନ୍ୟ ରେଳ ସ୍ୱାଭାବିକ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଏହି ରେଳପଥରେ ଯିବାକୁ ଥିବା ଅନ୍ୟ ଟ୍ରେନ୍‌ଗୁଡ଼ିକ ବିଭିନ୍ନ ଷ୍ଟେସନରେ ଅଟକି ରହିଥିଲା।

# ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା

ଭୁବନେଶ୍ୱର,୨୦।୬(ସୁଚିସ୍ମିତା ସାହୁ)

ଯୁକ୍ତ୩ (+୨)ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିରେ ସାମାନ୍ୟ ବୃଦ୍ଧି ଘଟିଛି। ଶନିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମଲେଖା ଚାଲିବ। ଯେଉଁ ଛାତ୍ରଛାତ୍ରୀମାନେ ଟଙ୍କା ଜମା କରି ନ ଥିଲେ, ସେମାନେ ବର୍ଦ୍ଧିତ ସମୟ ଭିତରେ ଟଙ୍କା ଜମା କରିପାରିବେ। ଯଦି କେଉଁ ପିଲାମାନେ କଲେଜରେ ରିପୋର୍ଟ କରିପାରି ନାହାନ୍ତି, ସେମାନେ ତାହା ବି କରିପାରିବେ। ଫ୍ରିଜ, ସ୍ଲାଇଡ଼, ଫ୍ଲୋଟ୍ ଅପ୍ସନ ଆପଣାଇ ପାରିବେ। ପ୍ରଥମ ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ହିଁ ଏହି ଅବଧି ସମୟସୀମାକୁ ଉପଯୋଗ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଲେଜରେ ଛାତ୍ରଛାତ୍ରୀ ଆଗ୍ରହ ଓ ଅଭିଭାବକଙ୍କ ଭିଡ଼ ଦେଖି ଯୁକ୍ତ ନାମଲେଖାର ଅବଧି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି।

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

ମାଲକାନଗିରି,୨୦।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାର ଛୋଟାବେଠିଆ ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ହେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମହିଳା ମାଓବାଦୀଙ୍କ ସମେତ ୨ଜଣଙ୍କ ମୃତଦେହ ଜବତ ହୋଇଛି। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ଏବେ ବି ସର୍ଚ୍ଚ ଅପରେଶନ ଜାରି ରହିଛି। ତଥ୍ୟ ଅନୁଯାୟୀ, କାଙ୍କେର ଜିଲା ଅମାଟୋଲା ଓ କଲପାରା ଗ୍ରାମ ମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ଥିବା ସୂଚନା ପାଇ ଛୋଟେବେଠିଆ କୋତ୍ରୀ ଥାନା ଡିଆରଜି ଓ ବିଏସଏଫ ବାହିନୀ ମିଳିତ ଭାବେ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାରୁ ମାଓବାଦୀମାନେ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ବର୍ଷଣ କରିଥିଲେ। ଯବାନଙ୍କ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ହେଇଥିଲେ। ମୃତ ୨ ମାଓବାଦୀଙ୍କ ପରିଚୟ ନିମନ୍ତେ ପ୍ରକ୍ରିୟା ଜାରି ରହିଛି ବୋଲି କାଙ୍କେର ଏସ୍‌ପି କଲ୍ୟାଣ ଏଲିସେଲା ସୂଚନା ଦେଇଛନ୍ତି।

# ରାଜପଥରେ ହାତୀପଲ, ଯାତାୟାତ ବାଧାପ୍ରାପ୍ତ



୫୫ନଂ. ଜାତୀୟ ରାଜପଥର ହଳଦିଆବାହାଲଠାରେ ହାତୀପଲ ରାସ୍ତା ପାର ହେଉଛନ୍ତି।

ଢେଙ୍କାନାଳ,୨୦।୬(ରତନ ନାୟକ)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ସଦର ରେଞ୍ଜ ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଲଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ୩୦ରୁ ଊର୍ଦ୍ଧ୍ୱ ହାତୀ ଛିଡ଼ା ହୋଇ ରହିଥିଲେ। ଫଳରେ ରାଜପଥ ଉପରେ ଯାନବାହନ ଚଳାଚଳ ପ୍ରାୟ ୧ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ସ୍ଥାନୀୟ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ଼ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ। କିଛି ସମୟ ପରେ ହାତୀପଲ ରାସ୍ତାକଡ଼ ଜଙ୍ଗଲ ମଧ୍ୟକୁ ପଳାଇଥିବା ଜଣାପଡ଼ିଛି। ଏହି ହାତୀପଲ ସକାଳେ ବ୍ରାହ୍ମଣୀ ନଦୀ ପାରହୋଇ ୫୫ନଂ. ଜାତୀୟ ରାଜପଥ ଦେଇ ହଳଦିଆବାହାଲ ନିକଟରେ ଥିବା ନିମିଧା ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ସନ୍ଧ୍ୟାରେ ପୁଣି ନଦୀ ଆଡ଼କୁ ମୁହାଁଇଥିବା ଜଣାପଡ଼ିଛି।

# ବିଷ୍ଣୁପଦଙ୍କ ଜାମିନ ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,୨୦।୬(କାର୍ତ୍ତିକ ସାହୁ)

ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ବିଷ୍ଣୁପଦଙ୍କ ଘରେ ସିବିଆଇ ରେଡ୍‌କୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟ ଆସିଥିଲେ। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିବା ସହ ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଫଳରେ ଉକ୍ତ ମାମଲାରେ

## ହଟିଲା ଅନ୍ତରୀଣ ସୁରକ୍ଷା

ବିଷ୍ଣୁପଦଙ୍କ ପାଇଁ ଅଡୁଆ ବଢ଼ିଛି। ସୂଚନାନୁସାରେ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିବା କୋଲକାତାର ଉକ୍ତ କମ୍ପାନୀର ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ସିବିଆଇ ଗତ ଫେବୃଆରୀରେ ବିଷ୍ଣୁପଦ ସେଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ୧୬ ଘଣ୍ଟା ଧରି ଚାଲିଥିବା ଏହି ଚଢ଼ାଉରେ ସିବିଆଇ ଅଧିକାରୀମାନେ ସେଠୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେତେବେଳେ ଚଢ଼ାଉକୁ ସେଠୀ ବିରୋଧ କରିଥିଲେ। ଏଫଆଇଆରରେ ତାଙ୍କ ନାମ ନ ଥିବା ଓ ସମ୍ପୃକ୍ତ କମ୍ପାନୀ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ସେ କହିଥିଲେ। ସିବିଆଇ କାର୍ଯ୍ୟାନୁଷ୍ଠାନ ବିରୋଧରେ ତଥା ନିଜର ସୁରକ୍ଷା ନେଇ ସେ ହାଇକୋର୍ଟରେ ପିଟିସନ ଦାଏର କରିଥିଲେ। ହାଇକୋର୍ଟ ସେତେବେଳେ ସେଠୀଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ସିବିଆଇର କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଲାଗୁ କରିଥିଲେ। ସେହିଦିନଠାରୁ ଅନ୍ତରୀଣ ସୁରକ୍ଷାରେ ସେଠୀ ଆସିଥିଲେ ରହିଆସିଥିଲେ।

# ଜାମିନ ପାଇଁ ହାଇକୋର୍ଟ ଗଲେ ଆଇଏଏସ୍ ଅଧିକାରୀ ଧୀମନ ଚକମା

କଟକ,୨୦।୬(କାର୍ତ୍ତିକ ସାହୁ)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧୀମନ ଚକମା ଜାମିନ ପାଇଁ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁସାରେ, ଆଇଏଏସ୍ ଅଧିକାରୀ ଚକମା କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ସେ ତାଙ୍କ ସରକାରୀ ବାସଭବନରେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଚକମାଙ୍କୁ ନିଲମ୍ବନ ମଧ୍ୟ କରିଥିଲେ। ତେବେ ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା। ତ୍ରିପୁରାସ୍ଥିତ ଚକମାଙ୍କ ବାପଭବନରେ ଭିଜିଲାନ୍ସର ୩ ଜଣିଆ ଟିମ୍ ପହଞ୍ଚିଥିଲା। ଏଥିସହ ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସି କରିଥିଲା। ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ୟ କରିଥିଲା ଟିମ୍। ବର୍ତ୍ତମାନ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଯାଞ୍ଚ ଜାରି ରଖିଛି ଭିଜିଲାନ୍ସ।

---

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା (ଜେଲ ଛକ), ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି

Samagra Shiksha

Letter No. 1664 Date : 11.07.2025

**No.n-80 :** Sealed Tenders are invited from reputed Manpower Agencies / Service Providers to provide the services of 13 (Thirteen) nos. of Data Entry Operators (DEOs) on contract basis for day to day official works in BEOs offices under Samagra Shiksha, Kalahandi. For more details please visit website www.kalahandi.odisha.gov.in as well as www.osepa.odisha.gov.in.

By Order of Collector-cum-Chairman
Sd./- DEO-cum-DPO,
SS, Kalahandi

OIPR-27199/11/0001/2526

---

## ଓଡ଼ିଶା ସମବାୟ ତସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ.

ସହିଦନଗର, ଭୁବନେଶ୍ୱର-୭୫୧୦୦୭, ଦୂରଭାଷ : ୦୬୭୪-୨୫୪୫୫୭୬, ୨୫୪୫୮୫୨
Email: serifedodisha@gmail.com

ପତ୍ର ସଂଖ୍ୟା: III-1(3) Serifed/25-26/୭୬୪ ତା:୧୮।୦୬।୨୫

## ନୋଟିସ

No. CAD-843: ଏତଦ୍ୱାରା ରାଜ୍ୟର ସମସ୍ତ ତସର ରିଲର୍ସ/ବୁଣାକାର/ବୁଣାକାର ସମବାୟ ସମିତି/ଅନୁଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଓଡ଼ିଶା ସମବାୟ ତସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ, ଭୁବନେଶ୍ୱର ଦ୍ୱାରା ଆବଶ୍ୟକ ତସର କୋଷା ବିକ୍ରୟରେ ଯେଉଁ ଦରଖାସ୍ତକାରୀମାନେ ତସର କୋଷାର ମୂଲ୍ୟ ସେରିଫେଡ୍ ବ୍ୟାଙ୍କ ଜମା ଖାତାରେ ଏ ପର୍ଯ୍ୟନ୍ତ ଜମା କରିନାହାନ୍ତି, ସେମାନଙ୍କୁ ଶେଷ ସୁଯୋଗ ଦେବା ପାଇଁ ଆସନ୍ତା ଜୁନ ୩୦ ତାରିଖ, ୨୦୨୫ ପର୍ଯ୍ୟନ୍ତ ସମୟ ଅବଧି ବୃଦ୍ଧି କରାଯାଇଅଛି। ଏହି ବର୍ଦ୍ଧିତ ସମୟ ସୀମା ପରେ କୌଣସି ଦରଖାସ୍ତକାରୀଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ଓ ସେରିଫେଡ୍ ତା'ର ସୁବିଧା ମୁତାବକ ତସର କୋଷାର ନିଷ୍ପାଦନ କରିବ।

OIPR-39036/11/0053/2526 ସ୍ୱା./- ପରିଚାଳନା ନିର୍ଦ୍ଦେଶକ

---

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

### OFFICE OF THE EXECUTIVE ENGINEER, L.I.DIVISION, KORAPUT

### e-Tender Notice

Email ID-exengerolickpt@gmail.com

Bid Identification No.E.E., OLIC, KORAPUT 02/2025-26 Dt.16.06.2025

No.CAD-836: Revival of 13 No. Packages of Lift Irrigation Project Works under Koraput & Malkangiri District.

| | | |
|---|---|---|
| Execution of L.I. Project Works- Under Koraput & Malkangiri District | | |
| 1. | Cost of Projects | - 5.389 to 15.403 Lakhs each |
| 2. | Class of Contractors | - Valid Electrical H.T. License with Civil 'D' or above class (As per specified in DTCN) |
| 3. | Availability of Bid in Portal | - 20.06.2025 at 10.00 AM to 30.06.2025 upto 05.00 PM |
| 4. | Bid Clarification | - On or before 25.06.2025 during office hours in the Office of the Executive Engineer, L.I. Division, Koraput |
| 5. | Bid Opening | - 01.07.2025 at 11.00 AM onwards. |

The bidders who have awarded similar nature of work previously but not satisfactory progress till date or the defaulter contractors need not apply. All other information will be available in Govt. Portal www.tendersorissa.gov.in

Sd./- Executive Engineer
L.I.Division, Koraput

OIPR-32173/11/0006/2526

---

## PANCHAYAT SAMITI OFFICE

### PARJANG, DIST.: DHENKANAL

E-mail ID: ori-parajang@nic.in, Tel No.: 06768-261121

### TENDER CALL NOTICE

Bid Identification No. BDO, Parjang - 03/2025-26

No. i-164: The Block Development Officer, Parjang on behalf of Governor of Odisha inviting percentage rate from eligible contractors for construction of building work detail in the table below.

| | | |
|---|---|---|
| 1. | Nature of Work | Building Works |
| 2. | Number of Work | 02 (Two) Nos. |
| 3. | Tender Cost & EMD | As mentioned in DTCN |
| 4. | Class of Contractor | As mentioned in DTCN |
| 5. | Available Bid document in the district website | From 20.06.2025 10.00 A.M. to 04.07.2025 upto 5.00 P.M. |
| 6. | Last date/time of receipt of the original bid documents | 05.07.2025 5.00 P.M. (only Regd. Post/Speed Post) |
| 7. | Date of seeking clarification | 07.07.2025 within office hours |
| 8. | Date of opening of Bid | 08.07.2025 11.30 A.M. |
| 9. | Name and address of the Office | Office of the Block Development Officer, Parjang |

10. Further details can be seen from the Dhenkanal Portal www.dhenkanal.nic.in. Any addendum/corrigendum/cancellation of tender can also be seen in the said website.

OIPR-19416/11/0006/2526 Sd./- Block Development Officer, Parjang

---

## GOVERNMENT OF ODISHA

No.n-78

### DISTRICT PROJECT OFFICE

SAMAGRA SHIKSHA NABARANGPUR

"e" Procurement Notice - DPC-SS-NAB - 02 OF 2025-26

BID IDENTIFICATION NO. DPC-SS-NAB - 02 of 2025-26

| | | |
|---|---|---|
| 01 | Name of the Work | Repair and Maintenance Work at Haladi KGBV, Chandahandi Block for the year 2024-25 |
| 02 | Total No of Package | 1 No |
| 03 | Tender Cost (Approx) | Rs.17.16 lakh as per DTCN |
| 04 | Bid Security | Rs.17160/- |
| 05 | Cost of Tender Paper (Online) | Rs.6,000/- as per DTCN |
| 06 | Period of Completion | As per DTCN |
| 07 | Availability of Tender Online for bidding | From 23.06.2025 at 11.00 A.M. to 14.07.2025 up to 5.30 P.M. |
| 08 | Date and Place of Opening | Dt.15.07.2025 at 11.00 A.M. in the Conference Hall, DPO Samagra Shiksha, Nabarangpur |
| 09 | Lottery date and Time | Dt.19.07.2025 at 12.00 P.M. in the Conference Hall, DPO Samagra Shiksha, Nabarangpur |
| 10 | Tender Inviting Authority | District Project Office, Samagra Shiksha, Nabarangpur |

Sd./- District Project Co-Coordinator,
Samagra Shiksha, Nabarangpur

OIPR-27160/11/0007/2526

---

## TENDER DOCUMENT

### FOR PROCUREMENT OF GREEN COLOUR HEXAGON FIBER NET FOR BONAI FOREST DIVISION, SUNDARGARH

DIST.-SUNDARGARH, ODISHA FOR THE YEAR 2025-26

No.MM-93 : It has been decided to procure Green Colour Hexagon Fiber Net (Gabion) of approved quality of size 6 feet x 4 feet having 450 GSM or above for Avenue Plantation under MGNREGA by inviting sealed tenders. The Reputed Dealer/ Manufacturer/Individuals or Persons expressing interest shall download the tender Application Form, from www.sundargarh.nic.in from 19.06.2025 to 26.06.2025 upto 5.00 PM.

The Cost of the Tender paper of Rs.2,000/- (Rupees two thousand only) shall be deposited in shape of Demand Draft from any State Bank of India only drawn in favour of the "Divisional Forest Officer, Bonai Forest Division" payable at State Bank of India of Bonai Branch while submitting the tender.

The Tenderer has to furnish all required documents & rate of the material, Taxes separately in the application form. The tenderer has to submit the Technical bid and Financial bid in two separate closed covers. Name of the item should be superscribed on the top of the envelope. The undersigned reserves the right to reject any or all tender without assigning any reasons thereof.

Eligibility:-

1. The invitation to participate in the Tender Document is open to Reputed Registered Dealer / Manufacturer / Individuals.
2. The Tenderer must not have been banned or blacklisted by any Government organization.
3. There must not be any adverse action pending against the Tenderer.

| | | |
|---|---|---|
| A. | Download of Tender Document : | 19.06.2025 to 26.06.2025, by 5.00 P.M. |
| B. | Last Date for Submission of Sealed Tender Document | 26.06.2025 by 5.00 P.M. |
| C. | Opening of Technical Bid | 30.06.2025 at 11.00 A.M. |
| D. | Opening of Financial Bid | 01.07.2025 at 11.00 A.M. |

Sd./- Divisional Forest Officer,
Bonai Forest Division

OIPR-08040/11/0017/2526

---

## GOVERNMENT OF ODISHA

No.O-315:

### OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION, BERHAMPUR

E-Mail: eerwelelect.bam@yahoo.com

e-Procurement Notice No.EERWELBAM-03/2025-26

| | | |
|---|---|---|
| 1 | Name of the Work | (1) EI to shifting of Electrical Infrastructure for improvement to Sialati to Raibada via Luhakhamba by Rural Works Division, Mohana (2) E.I to Power supply to 40kw load on 400 V Govt. ITI Patrapur at Padadigi. (3) E.I. to Supply & Installation of 20 KVA DG Set at Baliguda under R.W.E.S., Kandhamal (4) Power Supply to Excise Office at Narla with Installation of 16 KVA Sub-station at Excise Office campus At-Narla. |
| 2 | Estimated Cost | Rs.5.00 to 20.00 lakhs (Excluding GST) |
| 3 | Period of Completion | 90 Days |
| 4 | Bid Identification No. | EERWELBAM- 03/2025-26 |
| 5 | Date and time of availability of bid documents in the portal | From Dt.26.06.2025 at 11.00 A.M. to Dt.07.07.2025 upto 5.00 P.M. |
| 6 | Date & Time of opening of tender | Dt.08.07.2025 at 01.00 P.M. |
| 7 | Procurement Officer/ Name and address of the Officer inviting Bids | Executive Engineer, R.W.EL DIVN.BAM At- Near I.T. Office Ambapua, Dist-Ganjam, Berhampur, Odisha- 760011 |

Further details can be seen from the Govt. website www.tendersorissa.gov.in

Sd./- Executive Engineer,
Rural Works Elect. Divn., BAM

OIPR-25190/11/0012/2526

---

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ାପଡ଼ା

## OFFICE OF THE PANCHAYAT SAMITI, ODAPADA

ଡା/ପୋ - ହିଣ୍ଡୋଲରୋଡ, ଜିଲ୍ଲା - ଢେଙ୍କାନାଳ, ରାଜ୍ୟ - ଓଡ଼ିଶା, ପିନ୍ - ୭୫୯୦୧୯, ଇ-ମେଲ : odi-odapada@nic.in, ଦୂରଭାଷ : ୦୬୭୩୨-୨୫୬୦୩୫

At/Po : Hindol Road, Dist. - Dhenkanal, State - Odisha, PIN - 759019, Mail ID : ori-odapada@nic.in, Ph. No. - 06732-256035

Letter No.2946/Dt. 13.06.2025

No.i-165 Tender Call Notice No - BDO ODAPADA/02/2025-26

| Sl. No. | Name of the work | Approximate value of work | Class of contractor | Place of receipt of tender papers through Post only | Cost of BID documents (Non-refundable (Rs.) | EMD 1% | Period of completion in months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of GPLF Office Building with Market Complex for GPLF, Nayabhagirathipur | Rs.2484761.25 | B & C Class | Panchayat Samiti, Odapada | Rs.6,000 | Rs.24850 | 6 (Six Calendar Months) |
| 2 | Construction of GPLF Office Building with Market Complex for GPLF, Gunadei | Rs.2482436.11 | B & C Class | Panchayat Samiti, Odapada | Rs.6,000 | Rs.24830 | 6 (Six Calendar Months) |
| 3 | Construction of GPLF Office Building with Market Complex for GPLF, Indipur | Rs.2470851.71 | B & C Class | Panchayat Samiti, Odapada | Rs.6,000 | Rs.24710 | 6 (Six Calendar Months) |
| 4 | Construction of GPLF Office Building with Market Complex for GPLF, Khuntajhari | Rs.2470851.71 | B & C Class | Panchayat Samiti, Odapada | Rs.6,000 | Rs.24710 | 6 (Six Calendar Months) |

| | | |
|---|---|---|
| 1. | Total number of Work | 04 nos |
| 2. | Date & time of availability of the bid document in the Portal | 20.06.2025 10.00 A.M. to 05.07.2025 5.30 P.M. |
| 3. | Last date/Time of receipt of the original bid documents | 05.07.2025 5.30 P.M. |
| 4. | date of seeking Clarification | 30.06.2025 within office hours |
| 5. | Date of Opening | 09.07.2025 11.00 A.M. |
| 6. | Name & address of the Office | Office of the Block Development Officer, Odapada |

Further details can be seen from the Dhenkanal Portal www.dhenkanal.nic.in

Sd./- Block Development Officer
Odapada

OIPR-19419/11/0005/2526

---

## OFFICE OF THE CHAIRMAN, STATE NURSING SELECTION COMMITTEE, ODISHA

E-mail - convenernursing1@gmail.com

No. 295// Dt-19.06.2025

### ADMISSION FOR ANM, GNM, BASIC B.Sc., POST BASIC B.Sc., M.Sc. & POST BASIC DIPLOMA NURSING COURSES FOR THE ACADEMIC SESSION 2025-26

**No.E-178 :** Online applications are invited from eligible candidates for admission into ANM, GNM, Basic B.Sc., Post Basic B.Sc., M.Sc., and Post Basic Diploma Nursing courses in Government and Private Nursing Institutions of Odisha recognized by ONMRC for the academic session 2025-26.

**The Candidates who have qualified in the entrance examination conducted by OJEE are required to register, upload the requisite documents and complete the online application process within the specified timeline in order to participate in the counselling and admission process for Basic B.Sc., Post Basic B.Sc., M.Sc. and Post Basic Diploma Nursing courses.**

Intending candidates must submit their online application from dt.20.06.2025 to dt. 15.07.2025 by 11:59P.M. by paying Application fee amounting **Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, Basic B.Sc., Post Basic B.Sc., M.Sc. & Post Basic Diploma Nursing course** excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI).

The prospectus will be available in the website www.dmetodisha.gov.in and https://dohodisha.nic.in from dt. 20.06.2025.

ADMISSION CALENDAR FOR ANM, GNM, BASIC B.SC, POST BASIC B.SC, M.SC &POST BASIC DIPLOMA NURSING COURSES FOR THE ACADEMIC SESSION 2025-26

| Counseling & Admission Process | P.B. Diploma /M.Sc. / Post Basic B.Sc. Nursing | Basic B.Sc. Nursing | GNM/ANM |
|---|---|---|---|
| Availability of Prospectus in official website: www.dmetodisha.gov.in dohodisha.nic.in | 20.06.2025 | 20.06.2025 | 20.06.2025 |
| Availability of Online Application form & payment of Application fee in official website: dohodisha.nic.in | 20.06.2025 5:00 P.M. | 20.06.2025 5:00 P.M. | 20.06.2025 5:00 P.M. |
| Last date of online registration form | 11.07.2025 11:59 P.M. | 11.07.2025 11:59 P.M. | 11.07.2025 11:59 P.M. |
| Last date for submission of online application form & Application fee | 15.07.2025 11:59 P.M. | 15.07.2025 11:59 P.M. | 15.07.2025 11:59 P.M. |

Sd./- Jt. DMET, Odisha
Convener, SNSC

OIPR-10016/11/0024/2526

---

## ODISHA JOINT ENTRANCE EXAMINATION 2025 (OJEE 2025)

No.232/OJEE Date:19.06.2025

### NOTICE

### Tentative Schedule of Activity of BTECH/BARCH/BPLAN/BCAT/ Int. M.Sc. e-Counselling, OJEE 2025

**No.h-03:** The e-counselling process will guide students on how to choose their colleges and courses based on their JEE-MAIN 2025/OJEE 2025 ranks as applicable. Students need to read Counselling Brochure and Step-by-Step process carefully and stay updated with new notices, if any. By registering for e-counselling, students agree to follow all the rules and guidelines as per the Counselling Brochure or its amendments if any. Students need to understand these rules to avoid any confusion. OJEE authority will not be responsible if a student does a mistake by not understand the rules correctly.

| | DATE | DAY | TIME | ACTIVITY |
|---|---|---|---|---|
| 1st Round Activities | 20th June, 2025 | Friday | 5:00 PM | Candidate registration/choice filling for BTECH/BARCH/ BPLAN/ALL BCAT/Int M.Sc. programs under OJEE Starts |
| | 01st July, 2025 | Tuesday | By 5:00 PM | Display of Mock Seat Allotment-1 based on choices filled-in by the candidates as on 30th June, 2025, 5.00 PM. |
| | 03rd July, 2025 | Thursday | 11:30 AM | Choice lock facility Activation using Candidate pass-word/OTP Starts |
| | 4th July, 2025 | Friday | 11:59 PM | **End of Choice locking (Auto Lock for unlocked choices)** |
| | 05th July, 2025 – 6th July, 2025 | Saturday - Sunday | By 5:00 PM | Reconciliation of data, verification and validation of allocated seats |
| | 08th July, 2025 | Tuesday | By 5:00 PM | **Display of Allotment: Round - 1** |
| 2nd Round Activities | 08th July, 2025 – 11th July, 2025 | Tuesday - Friday | Till 11th July, 2025 by 11:59 PM | Online reporting: Exercise Freeze/ Float option/ document upload /fee payment/ response by candidate to query (if required). |
| | 15th July, 2025 | Tuesday | By 5:00 PM | Last day to respond to query (Round 1) |
| | 09th July, 2025 – 15th July, 2025 | Wednesday - Tuesday | Till 15th July, 2025 by 5:00 PM | Withdrawal of seats / Exit from seat allocation process (Once fee paid will be eligible for withdraw, if wish to exit from the counselling process) |
| | 16th July 2025, – 17th July, 2025 | Wednesday-Thursday | | Reconciliation of data, verification and validation of allocated seats |
| | 19th July, 2025 | Saturday | By 5:00 PM | **Display of Allotment: Round - 2 (Up-gradation Round)** |
| 3rd Round Activities | 19th July, 2025 – 21st July, 2025 | Saturday-Monday | By 5:00 PM | Online reporting: Exercise Freeze/Float option,Part Admission cum Seat Confirmation Fee payment / Document upload. (For newly allotted candidates Only in Round-2) |
| | 23rd July, 2025 – 28th July, 2025 | Wednesday - Monday | Till 28th July, 2025, 11:59 PM | **Registration for 2nd OJEE/Special OJEE B. TECH rank holders/ JEE main rank holders not registered earlier*** |
| | 20th July, 2025– 28th July, 2025 | Sunday - Monday | Till 28th July By 5:00 PM | Withdrawal of seats / Exit from seat allocation process |
| | 27th July, 2025 | Sunday | By 5:00 PM | Last day to respond to query (Round 2) |
| | 29th and 30th July, 2025 | Tuesday-Wednesday | | Reconciliation of data, verification and validation of allocated seats |
| | 01st August, 2025 | Friday | By 5:00 PM | **Round-3 (Final) Allotment** |
| Final Activities | 01st August, 2025 – 03rd August, 2025 | Friday-Sunday | | Online reporting: Part Admission cum Seat Confirmation Fee payment /Document upload. (For newly allotted candidates Only) All newly allotted candidates can only able to download their final allotment letter after completing fee payment and document verification. |
| | 04th August, 2025 | Monday | By 5:00 PM | Last date to respond to queries if any |
| | 01st August, 2025 onwards | Friday | | Reporting to the Allotted Colleges/ Institutions. Reporting to be completed by 6th August, 2025 by 5:00 PM |

**After final Allotment all candidates paid Part Admission cum Seat Confirmation Fee payment and verified their documents can down load the final allotment letter and report to the finally allotted Institute/College as per the schedule. Failing which the allotment will be cancelled and the vacant seats will be filled in Institute/College level admission.**

*Allotment to 2nd OJEE/Special OJEE candidates will be done from the vacant seats only. Therefore, care must be taken while filling the choice by 2nd OJEE/Special OJEE candidates.

**** Candidates not allotted any seat after 1st round/ 2nd Round or Allotment cancelled but eligible for subsequent round may modify their choices if required by giving a consent.**

All OL, PWD, ES candidates are required to monitor OJEE website regularly for notifications regarding schedule of corresponding boards. OL candidates to attend for Odia test, PWD candidates to attend Medical Board at SCB, Medical college Cuttack and ES candidates to attend the Rajya Sainik Board.

OIPR-14020/11/0003/2526 Sd./- Chairman

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୩୪ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ର ୫୨ କେଜି ସାଣ୍ଡା ଫାଇଟ୍‌ରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ରାଜକୁମାର ମୁଣ୍ଡା।




ନୂଆଦିଲ୍ଲୀରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଲୋଗୋ ଓ ମାସ୍କଟ ଉନ୍ମୋଚନ ଅବସରରେ ଉପସ୍ଥିତ ଅଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ୨୦୨୫ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡ଼ର ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ, ବିଶ୍ୱ ପାରା ଆଥଲେଟିକ୍ସ ମୁଖ୍ୟ ପଲ୍ ଫିଜରାଲ୍ଡ, ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ)ର ଚିଫ୍ ପାଟ୍ରନ ତଥା ବିଧାୟକ ଭାନାଥି ଶ୍ରୀନିବାସନ ଏବଂ ଅନ୍ୟମାନେ।

# ‘ଭାରତରେ ଡୋପିଂ ପଜିଟିଭ୍ ହାର ଉଦ୍‌ବେଗଜନକ’

**ନୂଆଦିଲ୍ଲୀ, ୨୦।୬ (ପି.ଟି.)**

୨୦୨୩ରେ ଭାରତରେ ଡୋପିଂ ପଜିଟିଭ ହାର ସର୍ବାଧିକ, ଯାହା କି ଉଦ୍‌ବେଗଜନକ ବୋଲି ଓ୍ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସୀ (ଓ୍ୱାଡ଼ା) ପ୍ରକାଶ କରିଛି। ଡୋପ୍ ଟେଷ୍ଟ ପାଇଁ କେତୋଟି ଦେଶର ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇ ଡୋପ୍ ଟେଷ୍ଟ କରାଯାଇଥିଲା। କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ସ୍ୱଚ୍ଛତା ଆଣିବା ଲାଗି କଠୋର ପଦକ୍ଷେପ ନିଆଯିବ ଏବଂ ଡୋପିଙ୍ଗ ନିରୋଧୀ ଆଇନରେ ସଂଶୋଧନ କରାଯିବ। ନିଷିଦ୍ଧ ପଦାର୍ଥ ପାଇଁ ପଜିଟିଭ ହାର ୩.୮ ପ୍ରତିଶତ ଥିଲା। ୫୬୦୬ ସାମ୍ପଲରୁ ୨୧୪ ଜଣଙ୍କର ପ୍ରତିକୂଳ ବିଶ୍ଳେଷଣାତ୍ମକ ବିଶ୍ଳେଷଣ ଅବା ଆଡଭର୍ସ ଆନାଲିଟିକାଲ ଫାଇଣ୍ଡିଙ୍ଗ୍ସ (ଏଏଏଫ୍) ଥିଲା। ୨୦୨୨ ତୁଳନାରେ ଏହା ଯଥେଷ୍ଟ ଅଧିକ ଥିଲା, ଯେଉଁ ବର୍ଷ ୩୮୬୫ ଟେଷ୍ଟ କରାଯାଇଥିଲା। ଏହାର ଏଏଏଫ୍ ହାର ୩.୨ ପ୍ରତିଶତ ରହିଥିଲା। ୫୬୦୬ ଟେଷ୍ଟ ମଧ୍ୟରୁ ୨୬୪୮ଟି ପ୍ରତିଯୋଗିତା ବେଳେ କରାଯାଇଥିଲା। ନିଷିଦ୍ଧ ପଦାର୍ଥ ପାଇଁ ଭାରତର ପଜିଟିଭ ହାର ଚାଇନା (୨୮, ୧୯୭ ସାମ୍ପଲ, ଏଏଏଫ୍ ହାର ୦.୨ ପ୍ରତିଶତ), ଆମେରିକା (୬୭୯୮ ସାମ୍ପଲ ଏଏଏଫ୍ ହାର ୧.୦ ପ୍ରତିଶତ), ଫ୍ରାନ୍ସ (୧୧, ୩୬୮ ସାମ୍ପଲ, ଏଏଏଫ୍ ହାର ୦.୯ ପ୍ରତିଶତ), ଜର୍ମାନୀ (୧୫,୧୫୩ ସାମ୍ପଲ, ଏଏଏଫ୍ ହାର ୦.୪ ପ୍ରତିଶତ) ଏବଂ ରୁଷିଆ (୧୦.୩୧୫ ସାମ୍ପଲ, ଏଏଏଫ୍ ହାର ୧.୦ ପ୍ରତିଶତ)। ଭାରତର ୨୧୪ ତୁଳନାରେ ଫ୍ରାନ୍ସ, ରୁଷିଆ, ଆମେରିକା, ଚାଇନା ଓ ଜର୍ମାନୀର ଏଏଏଫ୍ ହାର ଯଥାକ୍ରମେ ୧୦୫, ୯୯, ୬୬, ୬୦ ଓ ୫୭ ରହିଛି।

# ଭୁବନେଶ୍ୱର ‘ଏ’ ଓ ‘ବି’, କଟକ ‘ଏ’, ସୁନ୍ଦରଗଡ଼ ସେମିରେ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଭୁବନେଶ୍ୱର ‘ଏ’ ଓ ‘ବି’, କଟକ ‘ଏ’ ଏବଂ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଶନିବାର ଭୁବନେଶ୍ୱର ‘ଏ’-ସୁନ୍ଦରଗଡ଼ ଏବଂ ଭୁବନେଶ୍ୱର ‘ବି’-କଟକ ‘ଏ’ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

କଟକର ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ‘ଏ’ ୧୦ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଝାରସୁଗୁଡ଼ା ମାତ୍ର ୫୮ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଭୁବନେଶ୍ୱର ‘ଏ’ ୧୪.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ବିଜୟୀ ଦଳ ପକ୍ଷରୁ ପ୍ରଜ୍ଞାନ କୁମାର ପତ୍ରି ଓ ଚନ୍ଦ୍ରାଂଶୁ ବଘେଲ ୩ଟି ଲେଖାଏ ଉଇକେଟ ନେଇଥିଲେ।


ଶୁଭାଶିଷ ମଲିକ

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ‘ବି’ ୪ ଉଇକେଟରେ କଟକ‘ବି’କୁ ହରାଇ ଦେଇଛି। କଟକ ‘ବି’ ୪୯ ଓଭରରେ ୯ ଉଇକେଟ ହରାଇ ୨୬୯ ରନ କରିଥିଲା। ଜବାବରେ ଶୁଭାଶିଷ ମଲିକ (୧୨୭)ଙ୍କ ଶତକ ସହାୟତାରେ ଭୁବନେଶ୍ୱର ‘ବି’ ୪୬.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ତୃତୀୟ କ୍ୱାର୍ଟରରେ କଟକ ‘ଏ’ ୭ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଖୋର୍ଦ୍ଧା ମାତ୍ର ୭୮ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କଟକ ‘ଏ’ ୧୬.୩ ଓଭରରେ ୩ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଖୋର୍ଦ୍ଧା ମିନି ଷ୍ଟାଡିୟମରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୯୨ ରନରେ କେନ୍ଦ୍ରାପଡ଼ାକୁ ହରାଇ ଦେଇଛି। ସୁନ୍ଦରଗଡ଼ ୪୭ ଓଭରରେ ୮ ଉଇକେଟ ହରାଇ ୧୭୮ ରନ କରିଥିଲା। ମାତ୍ର କେନ୍ଦ୍ରାପଡ଼ା ୨୬ ଓଭରରେ ୮୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା।

# ହକି ଖେଳାଳିଙ୍କୁ ମିଳିବ ମାସିକିଆ ଭତ୍ତା

**ନୂଆଦିଲ୍ଲୀ, ୨୦।୬ (ପି.ଟି.)**

ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଉଭୟ ପୁରୁଷ ଓ ମହିଳା ଖେଳାଳି ଏଣିକି କ୍ରୀଡ଼ା ମନ୍ତ୍ରଣାଳୟରୁ ୨୫,୦୦୦ ଟଙ୍କା ଲେଖାଏ ମାସିକିଆ ଭତ୍ତା ପାଇବେ। କ୍ରୀଡ଼ାର ପରିଚାଳନା ପରିଷଦ ତରଫରୁ ଏନେଇ ବାରମ୍ବାର ଅନୁରୋଧ କରାଯାଇଥିଲା। ଏହି ଭତ୍ତାରୁ ୮୦ ଖେଳାଳି (୪୦ପୁରୁଷ ଓ ୪୦ ମହିଳା) ଉପକୃତ ହେବେ। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ଡେଭଲପମେଣ୍ଟ ଗ୍ରୁପ୍‌ର ଆଥ୍‌ଲେଟମାନେ ଏହି ଭତ୍ତା ପାଇବେ। ଏଠାରେ ଗୁରୁବାର ମିଶନ ଅଲିମ୍ପିକ ସେଲ୍‌ର ମାସିକିଆ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭତ୍ତା ବାବଦରେ ସରକାରଙ୍କୁ ପ୍ରତି ମାସରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ବହନ କରିବାକୁ ପଡ଼ିବ। କୋର୍ ଗ୍ରୁପ୍ ଆଥ୍‌ଲେଟମାନଙ୍କୁ ମାସିକ ୫୦,୦୦୦ ଟଙ୍କା ଲେଖାଏ ମିଳିବ। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏଠାରେ ଖବରଦାତାମାନଙ୍କ ସହ ଏକ ଅଣ ଆନୁଷ୍ଠାନିକ ବାର୍ତ୍ତାଳାପ ବେଳେ କହିଛନ୍ତି ଖେଳାଳିମାନଙ୍କ ଲାଗି ଭତ୍ତା ବ୍ୟବସ୍ଥା କରିବା ପାଇଁ ହକି ଇଣ୍ଡିଆ ତରଫରୁ କିଛି ସମୟ ହେଲା ଦାବି କରାଯାଇ ଆସୁଥିଲା। ଖେଳାଳିମାନଙ୍କ ପ୍ରଦର୍ଶନ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ସେମାନଙ୍କ ଦାବି ପୂରଣ ଲାଗି ଆମେ ନିଷ୍ପତ୍ତି ନେଇଛୁ। ହକି ଇଣ୍ଡିଆକୁ ପ୍ରତିମାସରେ ଭତ୍ତା ପାଇଁ ହକ୍‌ଦାର ଖେଳାଳିମାନଙ୍କ ତାଲିକା ଦେବାକୁ ପଡ଼ିବ। ହକି ଖେଳାଳିମାନେ ବର୍ତ୍ତମାନ ସେମାନେ ନିଯୁକ୍ତି ପାଇଥିବା ଡିପାର୍ଟମେଣ୍ଟ କିମ୍ବା ସଙ୍ଗଠନଠାରୁ ସେମାନଙ୍କ ବେତନ ପାଉଛନ୍ତି। ହକି ଇଣ୍ଡିଆ ତରଫରୁ ଗତ କିଛିବର୍ଷ ହେଲା ଗ୍ରେଡ୍ କଣ୍ଟ୍ରାକ୍ଟ ଲାଗୁ କରିବା ଲାଗି ଦାବି ହୋଇ ଆସୁଛି। ଖେଳାଳିମାନଙ୍କ ଅନ୍ୟତମ ଆୟର ଅନ୍ୟ ଏକ ଉତ୍ସ ହେଲା ଅଲିମ୍ପିକ୍ସ ଓ ଏସିଆନ ଗେମ୍ସ ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ଉନ୍ନତ ପ୍ରଦର୍ଶନ ବାବଦରେ ମିଳୁଥିବା ପୁରସ୍କାର ରାଶି। ପୁରୁଷ ଦଳ ପଛକୁ ପଛ ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ପରେ ଗତବର୍ଷ ପ୍ୟାରିସ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୂର୍ଣ୍ଣଚନ୍ଦ୍ର ପାତ୍ର**
ଗାଡ଼କଣ, ଭୁବନେଶ୍ୱର

ଚାହୁଁ ଚାହୁଁ ଆଠ ଦିନ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ନେସୁଆ ଆସୋସିଏସନ୍ ତରଫରୁ ପ୍ରଶାନ୍ତ ପାତ୍ର (ବିପନ), କିଶୋର ଜେନା, ଅରୁଣ କୁମାର ଜେନା, ରସାନ୍ତ ସାହୁ, ଜ୍ଞାନରଞ୍ଜନ ଦାସ, କୈଳାସ ଚନ୍ଦ୍ର ବେହୁରା, ଅକ୍ଷିଳ ରଞ୍ଜନ ରାଉତ, ଶୈଳେନ୍ଦ୍ର ମୁଦୁଲି, ସଞ୍ଜୀବ ପରିଡ଼ା, କ୍ରିଷନ୍ ସାମନ୍ତରାୟ, ଆର୍ତ୍ତତ୍ରାଣ ଦାସ, ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା । ୨୪।୦୬।୨୦୨୫ (ମଙ୍ଗଳବାର) ଏକାଦଶାହରେ ସମସ୍ତେ ସାମିଲ ହେବା ପାଇଁ ଅନୁରୋଧ କରାଗଲା ।

ଧ-୧୦୧୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**୰ ପୂର୍ଣ୍ଣଚନ୍ଦ୍ର ରଥ**
ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର

ଆବିର୍ଭାବ - ୨୯/୦୮/୧୯୩୯
ତିରୋଧାନ - ୨୮/୦୬/୨୦୧୯

ଆପଣଙ୍କ ଦିଗ୍‌ଦର୍ଶନ, ଆଦର୍ଶ, ଉପଦେଶ, ଆଶୀର୍ବାଦ, ଭଲପାଇବା ସବୁ ସମୟରେ ଆମର ପଥପ୍ରଦର୍ଶକ କରୁଥିବ । ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ

ଧ-୧୦୧୦



# Classified Everyday

**0674-2580101, 9692975378**



**REAL ESTATE**

**SALE**

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460- 1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

FOR RENT

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

Healthcare

Newly open Jyoti SPA positively health benefits (expert therapist). 8458067955. D-76923

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Positively health benefits SPA expert female therapist homely atmosphere. 8658088274. D-974

Newly open spa positively health benefits (Expert therapist). Contact: 7749034655 D-76922

Newly open health benefits SPA by expert therapist. Contact- 8280961126. D-76924

**AFFIDAVIT**

I, Urbashi Acharya Hota, W/o- Biswa Mohan Hota, Resident of Plot No.- BL-98, V.S.S. Nagar, P.O.- Rasulgarh, P.S.- Sahid Nagar, Dist.- Khordha, PIN- 751010, Odisha declare by this affidavit No.- 17, dtd. 18.06.2025 that now onwards I shall be known as URBASHI ACHARYA for all future purposes. D-998

By virtue of an affidavit No.-6095, dtd. 19.06.2025 sworn before Executive Magistrate, Bhadrak, I, Satyananda Jena, S/o- Late Daitari Jena, Vill-Oldanga, P.O.- Adia, P.S.- Agarapada, Dist.- Bhadrak, PIN- 756114 declare that I have changed my daughter’s name from Miss Sreyashree to Shreyashree. Henceforth, she shall be known as Shreyashree for all purposes. D-1005

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bonth, I, Gouri Das (49 yrs.), W/o- Gangadhar Das, Vill/P.S.- Birajapur, P.O.- Rambag, Dist.- Jajpur, presently residing Vill/P.O.- Bandhadiha, P.S.- Brahmabarada, Dist.- Jajpur, I have an LIC Policy bearing No.- 588439899, where is wrongly mentioned my name Babuli Das, W/o- Gadadhar Das. I declare that Gouri Das, W/o- Gangadhar Das & Babuli Das, W/o- Gadadhar Das same and one person & my actual date of birth is 05.03.1974. D-1006

By virtue of an affidavit in the Court of Executive Magistrate, Bhubaneswar, I, Soumy Sephalika Rath, W/o- Sukanta Kumar Dash, At/ P.O.-Kshatriya Barapur, P.S.-Gangapur, Dist.- Ganjam, PIN-761123 do hereby declare that I have changed my former name from Soumy Sephalika Dash to Soumy Sephalika Rath, by this affidavit C.F. No.- 123/25, dt.20.05.2025. Henceforth, I will be known as Soumy Sephalika Rath of Aadhaar No.- xxxx xxxx 8056 for all future purposes.
Soumy Sephalika Rath
Deponent
D-1008

I, Sri Ballabhadra Gayal declared that as per affidavit No.- 53, dtd. 19.6.2025 before the Executive Magistrate, Nandapur my son’s old name Purna Chandra Gayal has been changed to Babula Gayal. Henceforth, he will be known as Babula Gayal son of Ballabhadra Gayal, At- Gayalput, P.O.- Bheja, Dist.- Koraput for all purposes. D-1007

By virtue of an affidavit sworn before the Executive Magistrate, Nuagaon dated- 17.06.2025, I, Madan Mohan Behera father of Meera Behera, At- Sikharagochha, P.O.- Udaypur, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my daughter’s name from Meets Behera to Meera Behera. Henceforth, she shall be known as Meera Behera for all future purpose.
Madan Mohan Behera
D-999

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before the Notary Public, Sambalpur dated- 19.06.2025, I, Urmi Ashish Panchal, W/o. Subham Agrawal, R/o. At- Balaji Green, P.O.- Budharaja, P.S.- Ainthapali, Dist.- Sambalpur, PIN- 768004, Odisha declare that my actual and correct name is Urmi Ashish Panchal. But in Graduation Certificate my name has been mentioned as Panchal Urmi Ashish Amrutaben. That both the names is the name of one same person. D-1009

By virtue of an affidavit sworn before Executive Magistrate, Tigiria, dated- 02.01.2025 I, Dibidha Kumar Panda, Address- Charimadhia, Bandalo, Banki declare that I have changed my name from Bibidha Kumar Panda to Dibidha Kumar Panda. Henceforth, I shall be known as Dibidha Kumar Panda for all purposes.
Dibidha Kumar Panda
D-1000

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Swetapadma Bagh, D/o Ghanashyam Rana, resident of At- 31G, Ekta Nagar, Dist.- Sundargarh, PIN- 770001 Odisha declare by this affidavit No.- T834896, dated- 17.06.2025, that now onwards I shall be known as Swetapadma Bag for all future purposes. D-1001

By virtue of an affidavit No.-1822, Dt-05.05.2025 before the Executive Magistrate, Athagarh, declare that I, Jhali Swain, C/o Mayadhar Swain, At- Ghantikhal, P.O.- Mahakalabasta, P.S.- Khuntuni, Cuttack-754029, I have changed my name Jhali Sahoo to Jhali Swain. Henceforth I shall be known as Jhali Swain for all purposes. D-1002

By virtue of an affidavit sworn before Executive Magistrate, Erasama dated- 19.06.2025, I, Narmada Sethy, Address: At- Siha, P.O./ P.S.- Erasama, Dist.- Jagatsinghpur, State- Odisha, declare that I have changed my son’s name from Swabhiman Sethy (Old name) to S. Soviman (New name). Henceforth, he shall be known as S. Soviman (New name) for all purposes.
Narmada Sethy
D-1003

# କୁନି ସାଙ୍ଗ

ଗଳ୍ପ

**ବସନ୍ତ ମଞ୍ଜରୀ ମିଶ୍ର**



ଅଫିସ୍‌ରୁ ଫେରି ଟା'ଖଟିରେ ଟିକେ ନ ବସିଲେ କେମିତି ଗୋଟେ ଖାଲି ଖାଲି ଲାଗେ। କାରଣ ସାରାଦିନର କର୍ମଜଞ୍ଜାଳରୁ ମୁକ୍ତି ପାଇବା ପରେ ଟା'ଖଟିରେ ପହଞ୍ଚିଗଲେ ସେଠି ତମାମ ଦୁନିଆର ଲାଇଭ୍ ଟେଲିକାଷ୍ଟ ଚାଲିଥାଏ।

ଟା'ଷ୍ଟଲ୍‌ରେ ପହଞ୍ଚୁ ପହଞ୍ଚୁ ହଠାତ୍ କୁଆଡୁ ଝାଲ୍‌ମୁଢ଼ି ବାସ୍ନାଟା ପଳେଇ ଆସିଲା ଯେ, ଓଃ ଶୀତୁଆ ପାଗକୁ କଞ୍ଚା ଧନିଆପତ୍ରର ବାସ୍ନା...

ଏପାଖ ସେପାଖ ଚାହୁଁଚାହୁଁ ଦେଖିଲି ଅଳ୍ପ ଦୂରରେ ସାଇକେଲ୍‌ଟିଏ ଧରି ଠିଆ ହୋଇଛି ଝାଲ୍‌ମୁଢ଼ିବାଲା।

ତା' ପାଖକୁ ଯାଇ ତା' ଡବାରୁ ବାଦାମ ମଞ୍ଜି ଦି'ଟା ପାଟିରେ ପକେଇ କହିଲି, 'ଦେଲ ତବେ ଝାଲ୍‌ମୁଢ଼ି।' ଦଉଛି ଆଜ୍ଞା କହି ସେ ପିଆଜ କାଟିଲା।

ତା' ହାତରୁ ଝାଲ୍‌ମୁଢ଼ି ପ୍ୟାକେଟ୍‌ଟା ଧରି ପାଟିକୁ କଳେ ମୁଢ଼ି ନେଇଛି କି ନାହିଁ ଅଚାନକ ଆଖି ପଡ଼ିଲା କିଛି ଦୂରରେ ଗୋଟିଏ ବେଞ୍ଚ୍ ଉପରେ ବସିଥିବା ଛୋଟ ପିଲାଟି ଉପରେ। ପୋଷାକ ପରିପାଟୀରୁ ସମ୍ଭ୍ରାନ୍ତ ପିଲା ଭଳି ଲାଗୁଥିଲା। ସାରା ଦେହକୁ ଶୀତ ପୋଷାକରେ ସମ୍ପୂର୍ଣ୍ଣ ଢାଙ୍କି ନିରବରେ ବସିଥିଲା। କିନ୍ତୁ ଅଚାନକ ଏମିତି ତାକୁ ଏକୁଟିଆ ବସିଥିବାର ଦେଖି ମନରେ ଉତ୍କଣ୍ଠା ଆସିଲା।

ତା' ପାଖକୁ ଯାଇ କହିଲି, ହାଲୋ ଲିଟିଲ ମାଷ୍ଟର... ଆସ ଝାଲ୍‌ମୁଢ଼ି ଖାଇବା।

ଡରିଲା ଡରିଲା ଆଖିରେ ଚାହିଁ ଟିକେ ଘୁଞ୍ଚିଗଲା ସେ। ମୁଁ ବି ତା' ଆଡ଼କୁ ଟିକେ ଘୁଞ୍ଚିଯାଇ କହିଲି, 'ହାଲୋ ମାଇଁ ବଏ'। ପୁଣି ଘୁଞ୍ଚିଗଲା ସେ ବେଞ୍ଚ୍‌ର ସେପଟ ମୁଣ୍ଡକୁ।

ଏଥର ମୁଁ ତା' ପାଖରେ ବସିପଡ଼ି କହିଲି– ତୁମେ ଏକୁଟିଆ, ମୁଁ ବି ଏକୁଟିଆ। ଚାଲ ସାଙ୍ଗ ହୋଇଯିବା।

ଏଥର ଟିକେ ହସି ସେ କହିଲା– ଆପଣ ତ ଅଙ୍କଲ... ଆଉ ମୁଁ ତ ଛୋଟ ପିଲା... ଆମେ ସାଙ୍ଗ କେମିତି ହେବା।

ତା' ସରଳ ମନର ଚିକ୍‌ମିକ୍ ଭାଷାକୁ ତା' ଆଖିରୁ ଖୁବ୍ ସହଜରେ ପଢ଼ିନେଇ ମୁଁ କହିଲି, ସାଙ୍ଗ ତିଆରି କରିବାରେ ବଡ଼ ସାନ ଦେଖାଯାଏନି, ପସନ୍ଦ ଦେଖାଯାଏ। ଆଉ ମୋର ତୁମେ ବହୁତ ପସନ୍ଦ।

ଏଥର ସେ ଖାଉଥିବା ବିସ୍କୁଟ୍ ଖୋଳଟା ପକେଇବାକୁ ଉଠିଗଲା ଦୂରରେ ଥିବା ନୀଳ ରଙ୍ଗର ଡଷ୍ଟବିନ୍ ଆଡ଼କୁ।

ପିଲାଟିର ଶୃଙ୍ଖଳିତ ଆଚରଣ ଦେଖି ବହୁତ ଉତ୍‌ଫୁଲ୍ଲିତ ହେଲି ମୁଁ। ପଚାରିଲି, ଏତେ ବେଳ ହେଲାଣି। ଘରକୁ ନ ଯାଇ ଏଠି କାହିଁକି ଏକୁଟିଆ ବସିଛ! ପାପା ମମି କିଏ କ'ଣ କହିଲେ କି? କିଏ ତୁମ ଉପରେ ରାଗିଛନ୍ତି କି ଆଜି?

କିଛି ନ କହି ମୋ' ଆଡ଼କୁ ନିରବରେ ଚାହିଁଲା ସେ।

ମୋତେ କୁହ... ମୁଁ ତୁମ ସମସ୍ୟାର ସମାଧାନ କରିଦେବି। ତା' କୋମଳ ଓଠ ଦୁଇଟିକୁ ଟିକେ ଚାପି ଛେପ ଢୋକି କହିଲା, ନା... ଆପଣ ଯଦି ମୋ' ମମି ପାପାଙ୍କୁ କହିଦେବେ।

ତା' ପାଖକୁ ଟିକେ ଘୁଞ୍ଚିଯାଇ କହିଲି, ସତ କହୁଛି କାହାକୁ କିଛି କହିବିନି। ମୋତେ ଆଗେ କୁହ ତୁମେ ସବୁଦିନେ ଠିକ୍ ଏଇ ସମୟରେ ଏଠି କାହିଁକି ବସୁଛ। ଆମେ ଆଜିଠୁ ବେଷ୍ଟ ଫ୍ରେଣ୍ଡ୍।

ଏଥର ସେ ଟିକେ ଖୁସି ହୋଇ ମୋ' କାନକୁ ତା' ମୁହଁ ପାଖକୁ ନେବାକୁ ଇସାରା କରି ଧୀର ସ୍ୱରରେ କହିଲା, ପ୍ରକୃତରେ ମୋର ଏବେ ଟିଉଶନ ଥିଲା। କିନ୍ତୁ ମୋତେ ସେ ସାର୍ ଆଦୌ ଭଲ ଲାଗନ୍ତିନି ବୋଲି ମୁଁ ଏଇଠି ବସିଛି। ସେ ସାର୍ ନା, କିଛି ବୁଝିବେନି... ଖାଲି ରାଗିବେ। ଘରକୁ ଫେରିଗଲେ ମମି ଗାଳି କରିବେ। ତେଣୁ ଟିଉଶନ ସମୟ ସରିଲେ ମୁଁ ଘରକୁ ଫେରିଯିବି। ଏଥର ତା' ବିଶ୍ୱାସ ଜନ୍ମେଇବାକୁ ଯାଇ ମୁଁ କହିଲି, ମୁଁ ବି ପିଲାଦିନେ ସେମିତି କରୁଥିଲି। ମୋତେ ବି ମୋ' ସାର୍‌ଙ୍କୁ ଭଲ ଲାଗୁ ନ ଥିଲା।

ଟିକେ ହସି ବିସ୍ଫାରିତ ନୟନରେ ସେ ମୋ' ଆଡ଼କୁ ଚାହିଁଲା। ଆପଣଙ୍କ ମମି କ'ଣ ଜାଣିପାରନ୍ତିନି!

ନା। କିନ୍ତୁ ଯେତେବେଳେ ପରୀକ୍ଷା ହେଲା ଆଉ ସବୁ ସାଙ୍ଗମାନେ ଲେଖିଲାବେଳକୁ ମୋତେ କିଛି ଆସିଲାନି, ମୋତେ ଭାରି ଲାଜମାଡ଼ିଲା। ମୁଁ ଖାଲି ପ୍ରଶ୍ନପତ୍ରକୁ ଚାହିଁ ଚାହିଁ ଫେରିଲି।

ପ୍ରବଳ ଆଗ୍ରହରେ ସେ ହସିହସି ପୁଣି କହିଲା, "ତାହାଲେ ତ ଆପଣ 'ଇ' ଗ୍ରେଡ୍ ପାଇଥିବେ! ସେଠୁ କ'ଣ ହେଲା ଅଙ୍କଲ।"

ଯେଉଁଦିନ ପରୀକ୍ଷାଫଳ ବାହାରିଲା, ସମସ୍ତଙ୍କ ମମି ପାପା ମୋ' ମମି ପାପାଙ୍କୁ ମୋ' ପରୀକ୍ଷାଫଳ କଥା ପଚାରିଲେ, ମୋ' ମମି ଭଲ ହୋଇନି କହି ମୋତେ ଧରି ଚାଲି ଆସିଲା।

ହଁ ଅଙ୍କଲ, ମୋ ଫଳ ବାହାରିବା ଦିନ ବି ସେଇଆ ହୁଏ।

ମୁଁ ତା' ମନର ଭାଷାକୁ ପଢ଼ିନେଇ ପୁଣି ପଚାରିଲି, ଆଚ୍ଛା। ତୁମ ମମି କ'ଣ ତୁମ ଉପରେ ସେଥିପାଇଁ ରାଗନ୍ତି!

ଏଥର ସେ ମୁଣ୍ଡହଲେଇ କହିଲା, ନା... ଆରଥରକୁ ଚେଷ୍ଟା କରିବୁ ବୋଲି କୁହନ୍ତି। ଆଚ୍ଛା କହିଲ, ତୁମ ଜାମା ପେଣ୍ଟ୍ କିଏ ସଫା କରନ୍ତି?

ମମି।

ତୁମ ପାଇଁ ସୁଆଦିଆ ଖାନା କିଏ ବନାନ୍ତି?

ମମି।

ଅଧାରାତିରେ ସୁସୁ ଲାଗିଲେ ତୁମ ସହ ନିଦରୁ ଉଠି କିଏ ଟଏଲେଟ୍ ପାଖରେ ଠିଆ ହୁଅନ୍ତି?

ମମି।

ତୁମ ଦେହ ଟିକେ ଖରାପ ହେଲେ ତୁମକୁ କୋଳରେ ଧରି କିଏ ତୁମର ଯତ୍ନ ନିଅନ୍ତି?

ମମି।

ତୁମେ କାହାକୁ ବହୁତ ଭଲପାଅ?

ମମିକୁ।

କିଏ ତୁମକୁ ସବୁଠୁ ଅଧିକ ଭଲପାଆନ୍ତି?

ମମି।

ଏଥର ତାକୁ ମୋ' କୋଳରେ ବସାଇ ମୁଁ କହିଲି, ତେବେ ସେଇ ମମିଙ୍କୁ ମିଛ କହି ଟିଉଶନ ନ ଯାଇ ଏଠି ବସିବା କ'ଣ ଠିକ୍? ତୁମେ ପାଠ ନ ପଢ଼ିଲେ ବେଶୀ ଦୁଃଖ କାହାକୁ ଲାଗିବ କହିଲ? ଉତ୍ତରରେ ସେ କହିଲା, ମମିଙ୍କୁ।

ଏବେ କୁହ, ଆମ ପ୍ରିୟ ମଣିଷଙ୍କୁ ମିଛ କହିବା ଭୁଲ୍ ନା ଠିକ୍? ଛେପ ଢୋକି ଧୀର ସ୍ୱରରେ କହିଲା ପିଲାଟି, 'ଭୁଲ୍'।

ମୋର ଗୋଟେ କଥା ସବୁବେଳେ ମନେରଖିବ ଲିଟିଲ ମାଷ୍ଟର, ପାପା ମମିଙ୍କୁ କୌଣସି କଥା ଲୁଚେଇବନି କି କେବେ ମିଛ କହିବନି। ନିରବରେ ମୁଣ୍ଡଟୁଙ୍ଗାରି ସମ୍ମତି ଜଣେଇଲା ପିଲାଟି।

ଟିକେ ରହି ମୁଁ ପୁଣି କହିଲି, ଯଦି ମମି ତୁମର ସବୁ କଥା ଶୁଣୁଛନ୍ତି, ତୁମର ସବୁ ଦାବି ପୂରଣ କରୁଛନ୍ତି, ତେବେ ତୁମର କ'ଣ ମମିଙ୍କ ପାଇଁ ଏତିକି ଟିକେ ବି ଭଲପାଇବା ନାହିଁ। ହଁ କି ନା... କୁହ!

ମୋତେ କଥା ଦିଅ, ଏଥର ସବୁଦିନେ ଟିଉଶନ ଯିବ ଆଉ ମମିଙ୍କ ସବୁ କଥା ମାନିବ। ଯଦି ତୁମକୁ ସାର୍ ଭଲ ଲାଗୁନାହାନ୍ତି ମମିଙ୍କୁ ଖୋଲି କହିଦିଅ। ମନେରଖ ପାପା ମମିଙ୍କ ଭଳି ବଡ଼ ଶୁଭଚିନ୍ତକ ଆମ ଜୀବନର ଅନେକ ପୁଣ୍ୟ ଫଳରେ ମିଳିଥାଏ। ଆମ ସମସ୍ତଙ୍କ ଜୀବନରେ ମମି ପାପାଙ୍କ ଭୂମିକା ବହୁତ ବଡ଼।

ମୋ' ସବୁ କଥା ତା' ମନକୁ ପାଇଲା କି କ'ଣ ହଠାତ୍ ମୋ' ମୁହଁକୁ ଚାହିଁ, ମୋ' ବେକରେ ଝୁଲିପଡ଼ି ହସିହସି କହିଲା, ଠିକ୍‌ଅଛି ଅଙ୍କଲ ଆଜି ଘରକୁ ଫେରି ସବୁ କଥା ଆଗେ ମମିଙ୍କୁ କହିବି। କିନ୍ତୁ ଆପଣ ମୋତେ କଥା ଦିଅନ୍ତୁ, ଆପଣ ମୋ' ବେଷ୍ଟ୍ ଫ୍ରେଣ୍ଡ୍! ଆପଣ ସବୁଦିନେ ଏଠିକି ଆସିବେ ଆଉ ମୋ' ସହ କଥା ହେବେ। ମୋ' ଘର ଏଇ ପାଖରେ, କ୍ୱାର୍ଟର ନମ୍ବର ସି/୪।

କରମର୍ଦ୍ଦନ କରୁକରୁ ମୁଁ କହୁଥିଲି, ନିଶ୍ଚୟ ଲିଟିଲ ମାଷ୍ଟର... ତୁମେ ଆଜିଠୁ ମୋର କୁନି ସାଙ୍ଗ।

ମୋ: ୯୮୬୧୧୯୨୪୪୫

---

## କବିତା

### ସର୍କସ

**ବଟକୃଷ୍ଣ ନାୟକ**

ମୃଗ ପାଖରେ ସମସ୍ତେ ସମାନ
ସେ ଦଶରଥ ପୁତ୍ର ରାଜା ରାମ ହୁଅନ୍ତୁ
ଅବା ଋଷଭ ପୁତ୍ର ଭରତ
ଯିଏ ତା' ପଛରେ ପଡ଼ିଲା
ଧାଇଁବା ହିଁ ସାର
ପରିଣାମ ହୁଏତ ଭିନ୍ନ ହୋଇପାରେ

ପ୍ରଶାନ୍ତ ଆକାଶ ତଳେ
ଜହ୍ନର ପଦକ ଝୁଲୁଛି
ତାରା ଫୁଲର ହାରରେ
ଉଚ୍ଚା ତମ୍ବୁ ଉପରେ
ଉଜ୍ଜ୍ୱଳ ଆଲୋକ ଘୂରୁଛି
ସୂଚନା ଦେଉଛି ସର୍କସ ଚାଲିଛି

ନଈରେ ଗାଧୋଉ ଗାଧୋଉ
ପାଣିରେ ଖସିଯାଉଛି ସାବୁନ୍
ଖୋଜାଖୋଜିର ଶହେଆଠ
ବୁଡ଼ ପରେ ବି ଫେରେନି ହାତକୁ
ବାଜୁଥାଏ ହାତରେ
ପୁଣି ଖସିଯାଉଥାଏ ନଈ ଭିତରକୁ

ତୋଫା ଆଲୁଅର ବିଚ୍ଛୁରଣ
ମୃଦୁ ମନ୍ଦ ଅଳ୍ପ ଅଳ୍ପ ହସ
ଇନ୍ଦ୍ରଧନୁର ଛଟା ତା' ଆଖିରେ
ହାତଠାରି ଡାକେ ସର୍କସ ତରୁଣୀ
ସବା ଉପରେ ଦୋଳିରେ

ଜୋକରଟିଏ ଆସେ
ଆଖି ବୁଲାଏ ଚଉଦିଗ
ଅନୁମାନ ଲଗାଏ
ଆଉ ପାଞ୍ଚଟି ଜୋକର
ଅନ୍ଧାରରେ ହାବିଳିଟିଏ ବାନ୍ଧି
ଅଗ୍ନି ସଂଯୋଗ କରନ୍ତି ତା' ପଛରେ
ଛାତିକୁ ଫୁଲେଇ
ବାହୁସ୍ଫୋଟରେ ଉଠିଯାଏ ଜୋକର
ଉପରକୁ ଉପରକୁ
ତରୁଣୀ ଖସିଯାଉଥାଏ
ଗୋଟିଏ ଦୋଳିରୁ ଅନ୍ୟ ଏକ ଦୋଳିକୁ
ଖେଳ ଚାଲିଥାଏ ଉଭୟଙ୍କ ଭିତରେ
ଶେଷରେ ଅନ୍ତର୍ହିତ ତରୁଣୀ
ନଈପାଣିରେ ସାବୁନ୍ ପରି

ସର୍କସ ଚାଲିଛି
ପରିଣାମ ହୁଏତ ଲଙ୍କାକାଣ୍ଡ
ଅବା ମୃଗ ଜନ୍ମ
ଅବା ଆଉ କିଛି ଅଦ୍ଭୁତ।

ମୋ: ୯୪୩୭୩୦୦୫୭୩

### ଅଚାନକ

**ମିନାକ୍ଷୀ ଦ୍ୱିବେଦୀ**

ଅଚାନକ ଏକ କ୍ଷଣ ଆସେ,
ଯେଉଁଠାରେ ସମୟ ଥମିଯାଏ,
ଅନୁଭବ ହୁଏ ମୁଁ ଯେଉଁଠାରେ ଥିଲି,
ସେଇଟା ସ୍ୱପ୍ନ, ବାସ୍ତବ ନୁହେଁ।

ଅଚାନକ ଏକ ପ୍ରଶ୍ନ ଜନ୍ମ ନିଏ
ମୁଁ କିଏ?
ଏହି ଶରୀର, ଏହି ନାମ,
ନା ମୋ ଚିହ୍ନଟକୁ ପୂରା କରେ
ଏକ ଅନୁଭୂତି ଅନ୍ତରେ ଉଦୟ ହୁଏ
'ମୁଁ କେହି ନୁହେଁ, ମୁଁ ସବୁ।'

ଅଚାନକ ଲାଗେ,
ବାହ୍ୟ ଜଗତର ମୃଗତୃଷ୍ଣା,
ଆକାଂକ୍ଷା, ଭୟ ଏବଂ ସ୍ନେହ
ସବୁ ମାୟାର ଗୃହସୂତ୍ର,
ଯାହା ଆତ୍ମାକୁ ଭୁଲାଇଦିଏ
ସେ ନିଜ ସ୍ୱରୂପ।

ଅଚାନକ ବୁଝିବାକୁ ମିଳେ
ସତ୍ୟ ହେଉଛି ଅନୁଭବ,
ସତ୍ୟ ହେଉଛି ମୌନ
ଯାହା ଏକ ଛାୟା ଭଳି
ଆସେ ଓ ଯାଏ,
ତଥାପି ଏହି ଯାତ୍ରାର ଅର୍ଥ ଦେଇଯାଏ।

ଏହି 'ଅଚାନକ' ହେଉଛି
ମୋକ୍ଷର ଦ୍ୱାର,
ଯେଉଁଠାରେ ବ୍ୟକ୍ତିତ୍ୱ ଲୟ ହୁଏ
ଜାଗିଉଠେ ଅନ୍ତର୍ନିହିତ ଜ୍ଞାନ
ଏହି ଜ୍ଞାନ ମୁକ୍ତିର ସଙ୍କେତ,
ଯେଉଁଠି ଆତ୍ମା ଓ ବ୍ରହ୍ମ ଏକାତ୍ମ ହୁଏ।

ମୋ: ୭୯୭୮୦୮୨୮୩୪

## ବ୍ୟଙ୍ଗ କବିତା

### ଅବସର

**ଅଲେଖ ଚରଣ ପଟ୍ଟନାୟକ**

ଅବସର ନେଲି ସିନା
ମନ ଜମା ବୁଝେନା,
ଭଙ୍ଗାଘର କାନ୍ଥ ପରି
ଦିଶୁଛି ମୁଁ ଅସନା।
ଆଶାବାଡ଼ି ଭାବିଥିଲି
ସିନା ବଡ଼ ପୁଅକୁ,
ପାଠପଢ଼ି ଘୋଡ଼ା ଚଢ଼ି
ଗଲା ପରଦେଶକୁ।

ବଡ଼ପୁଅ ବିଦେଶରେ
ସାନପୁଅ ବେକାର,
ନର୍ସିଂ ଟ୍ରେନିଂ ପାଇଁ
ଝିଅ କରେ ଜିଗର।
ବରଟିଏ ମିଳିଲାନି
ଝିଅ ଏବେ ତିରିଶି,
ରବିବାରେ ସାନପୁଅ
ଖୋଜେ ମାଛ ଇଲିଶି।

ପତ୍ନୀ ଏବେ ଜିଦ୍‌ଖୋର
ନାହିଁ ଜମା ସାଲିସ୍,
ଅଳସୁଆ ହୁଅ ନାହିଁ
କର ବୁଟ୍ ପଲିସି।
ସୁସ୍ଥ ହେବ ଦେହ, ମନ
ଚାଲ କର୍ମ କରି,
ବସି ବସି ଖାଇଲେ ତ
ନଈବାଲି ସରି।

ଅଧାଗଢ଼ା ଦିଅଁ ପରି
ସବୁ ରହିଗଲା ଅଧା,
ଅବସର ଅନୁଭୂତି
ପଦେ ପଦେ ଅସୁବିଧା।

ମୋ: ୯୮୫୩୮୯୨୧୨୪

---

## ପୁସ୍ତକ ପରିଚୟ

### ସର୍ଜନା ସନ୍ଧାନ




**ଲେଖକ:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/–

ମୋଟ ୫୦ଟି ସାହିତ୍ୟ–ସମାଲୋଚନା/ ପ୍ରବନ୍ଧ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଆଖି ତାଙ୍କର ଯୁଆଡ଼େ ଯୁଆଡ଼େ ପହଁରିଯାଇଛି, ମନ ଯେଉଁଠି ଯେଉଁଠି ବିସ୍ମୟରେ ଅଟକିଛି, ଆତ୍ମା ଯେବେ ଜୀବନ ଓ ଜଗତର ଗଭୀର ଅନୁଭବରେ ଉତ୍‌ଫୁଲ୍ଲ ହୋଇଉଠିଛି– ସେଇଠି ସୃଷ୍ଟି ହୋଇଛି ଏକ ଏକ ପ୍ରବନ୍ଧ/ ସମାଲୋଚନା ସୃଷ୍ଟିର ଅନିବାର୍ଯ୍ୟତା। ସମାଜ ସଂସ୍କୃତି ଓ ଭାଷା କେଉଁଠି ଆଲୋଚନାର ପ୍ରସଙ୍ଗ ହୋଇଛି ତ କେଉଁଠି ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ–ସଂସ୍କୃତି ତାଙ୍କ ବିଚାରଣାର ଭବ୍ୟ ଅନୁଗ୍ରହ ଲାଭ କରିଛି। ଓଡ଼ିଆ ସାହିତ୍ୟର ମୂର୍ଦ୍ଧନ୍ୟ ବ୍ୟକ୍ତିତ୍ୱଙ୍କ ଗୁଣ–ସ୍ମରଣ ସାଙ୍ଗକୁ ଋତୁ ବର୍ଣ୍ଣନା ଓ ଗୂଢ଼–ପ୍ରବଚନ ଆଦି ଲେଖକଙ୍କ ଆକଳନ ରୁଚିକୁ ବହୁମୁଖୀ କରିଛି। ସବୁ ପ୍ରବନ୍ଧ ରଚନା ମୂଳରେ ରହିଛି ଡ. ପଟ୍ଟନାୟକଙ୍କ ସମ୍ମତ ଉତ୍ସୁକତା। ବାଧବାଧକତାରେ ସେ କିଛି ଲେଖିନାହାନ୍ତି। ବ୍ୟକ୍ତି–ବନ୍ଦନା କ୍ଷେତ୍ରରେ ମଧ୍ୟ ତାଙ୍କ ନିବନ୍ଧ ଲେଖକୀୟ ସ୍ୱାଭିମାନର ପ୍ରତିକୂଳରେ କଦାପି ଗତିଶୀଳ ହୋଇନାହିଁ। ଓଡ଼ିଆ ସାହିତ୍ୟରେ ଅନେକ ପ୍ରବନ୍ଧ ଲେଖାଯାଏ, କେବଳ ଲେଖିବା ଦାୟରେ। କିନ୍ତୁ ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥର ପ୍ରବନ୍ଧଗୁଡ଼ିକୁ ପାଠକଲେ ମନେହୁଏ, ଲେଖକଙ୍କର କିଛି ବକ୍ତବ୍ୟ ଅଛି, ଯାହା ଅପରଠୁଁ ସ୍ୱାଧୀନ ଓ ସ୍ୱତନ୍ତ୍ର; ଯାହାକୁ ନ କହିଲେ ସାହିତ୍ୟ ପ୍ରତି ଥିବା ଦାୟବଦ୍ଧତାରୁ ପଳାୟନ ବୋଲି ବିବେଚିତ ହେବ। ପ୍ରବନ୍ଧ ଓ ଆଲୋଚନାଗୁଡ଼ିକର ଭାଷା ମନ–ଘେନା ଓ ତଥ୍ୟ ସମର୍ଥିତ। ପ୍ରଫେସର ଦାଶରଥି ଦାସ କହନ୍ତି: "ଡକ୍ଟର ପଟ୍ଟନାୟକଙ୍କର ପ୍ରବନ୍ଧ ରଚନାରେ ସ୍ୱାତନ୍ତ୍ର୍ୟ ଅଛି। ପାଠକ ମାତ୍ରେ ବହୁଚାରୀ, ଜଣକର କି ଏକ ପ୍ରକାର ଲେଖା ପଢ଼ି ସେ ତୃପ୍ତ ହୁଏ ନାହିଁ। ସେ ବୈଚିତ୍ର୍ୟ ଚାହେଁ। ସ୍ୱାତନ୍ତ୍ର୍ୟ ଚାହେଁ, ଓଡ଼ିଆ ପାଠକକୁ ଡକ୍ଟର ପଟ୍ଟନାୟକ ସେହି ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ଦେଇଛନ୍ତି।" ବହିଟିକୁ ସବୁ ସ୍ତରର ପାଠକେ ପଢ଼ିବାକୁ ମନ କରିବେ।

### ଏକ୍‌ଲାପଣ




**କବି:** ରମାକାନ୍ତ ଜେନା
**ପ୍ରକାଶକ:** ପ୍ରଜ୍ଞାନ ପବ୍ଲିକେଶନ୍ସ, ଜାରକା, ଯାଜପୁର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୬୦/–

ମୋଟ ୪୫ଟି କବିତା ଏକତ୍ର 'ଏକ୍‌ଲାପଣ'ରେ। ଚାରି ନମ୍ବର କବିତାଟି ଗ୍ରନ୍ଥର ଶୀର୍ଷକ। ଏଥିରେ କୁହାଯାଇଛି ଜୀବନଯାତ୍ରାର ପ୍ରବହମାନତାରେ ପ୍ରତ୍ୟେକଟି ମଣିଷ ସାମ୍ନା କରୁଥିବା ଗୂଢ଼ ସତ୍ୟର କଥା। କବିତାର ଶେଷ ଧାଡ଼ି "ଏକ୍‌ଲାପଣ ମନକୁ/ ଝୁଣି ଖାଇଯାଉଛି।" ଏହି ଏକ୍‌ଲାପଣ ହେତୁ ପାରମ୍ପରିକ ମୂଲ୍ୟବୋଧର ପତନ, ସଙ୍କୋଚପଣର ସ୍ଖଳନ। 'ବାପା'ଙ୍କ ପିଢ଼ିଠାରୁ 'ପୁଅ' ପିଢ଼ିର ବ୍ୟବଧାନ। ନୈତିକତାରୁ ବାଟହୁଡ଼ା ମଣିଷ ଜୀବନରେ ଆଣିଛି 'ଏକାକୀତ୍ୱ'। ଏହା ଦୁରପନେୟ ଏକ ମହାବ୍ୟାଧି, ଯାହାର ଚିତ୍ର ଆଙ୍କିଛନ୍ତି କବିତାରେ ରମାକାନ୍ତ। ଅନ୍ୟ ଏକ କବିତାରେ ବି ସେହି ଶୂନ୍ୟତାବୋଧ, ଅଚରିତାର୍ଥତାବୋଧ। ଯଥା: "ଗୋଟେ ଶୁନ୍‌ଶାନ୍ ଭାବ/ କେମିତି ସବୁ ସମୟରେ/ ବିଚଳିତ କରୁଛି ମତେ/ ଖାଲି ହାତରେ ଜୀବନ ମାଗି/ ବୁଲୁଥିବା ମଣିଷମାନେ/ ଗ୍ରୀଷ୍ମରେ/ ବର୍ଷାରେ/ ଶୀତରେ ଆଉଟପାଉଟ।" (ଶୁନ୍‌ଶାନ୍ ଭାବ, ପୃ:୧୦୫)। ସମୟ ସ୍ରୋତରେ ବଦଳିଯାଇଥିବା ଗାଁ କବିଙ୍କ ସ୍ମୃତିରେ ବାରବାର ଆଘାତ ହାଣିଛି। ଛଣଛପର ବଦଳରେ ଯଦିଓ ପକ୍କା ଇନ୍ଦିରାଆବାସ ଠିଆ ହୋଇଛି ଯତ୍ରତତ୍ର, ହେଲେ ମଣିଷ ମଣିଷ ଭିତରେ ଛିଡ଼ା ହୋଇଛି ପ୍ରାଚୀର। କବିଙ୍କର କ୍ଷୋଭ– "ଆଉ କ'ଣ ସୁଖ ଫେରିବନି ମୋ' ଗାଁକୁ!" (ମୋ' ଗାଁ– ପୃ:୮୪)। 'ସେମିତି କିଛି କଥା ନାହିଁ'ରେ କବି କବିତା ସମ୍ପର୍କରେ କହିଛନ୍ତି: "ଜୀବନ ଗୋଟେ ଅସଲ କବିତା। ସମାଜ ତା'ର ଭୂଇଁ। ଅନୁଭୂତି ସେ ମାଟିର ଉର୍ବର ସାର। ଅନୁଶୀଳନ ଦୁଇବୁନ୍ଦା ଜଳ। ବାସ୍, କବିତା ଆକାଶରେ ଉଦୁଉଦିଆ ତୋଫା ଜହ୍ନ।" ବହିଟିର ନାମକରଣ କରିଥିଲେ କବିପତ୍ନୀ ପ୍ରେମଲତା, କିନ୍ତୁ ବହି ପ୍ରକାଶ ପାଇଲା ବେଳକୁ ସେ ନ ଥିଲେ। କବି କହନ୍ତି: "ତାଙ୍କ ବିହୁନେ ମୁଁ ଏକ୍‌ଲା 'ଏକ୍‌ଲାପଣ'କୁ ସାଥିରେ ନେଇ।" ହେଲେ ଜୀବନ କେଉଁଠି ଅଟକି ଯାଏନାହିଁ। ସବୁ ହରାଇବା ଭିତରେ ଅବଶ୍ୟ ଫୁଟେ 'ସମ୍ଭାବନାର ଫୁଲ'।

---

## କାଳକାଳକୁ

**"କପୋତ ରୂପରେ ଡେଣା ଝାଡ଼ିଦିଏ ଗୀତଟିଏ,**
**ଯାହା ମୋତେ ବାର୍ତ୍ତାଟିଏ ଦିଏ, ଦିଏ ଶବ୍ଦଟିଏ– ପ୍ରେମ।"**

– ପଲ୍ ଲରେନ୍ସ ଡନ୍‌ବାର



**ପଲ୍ ଲରେନ୍ସ ଡନ୍‌ବାର**ଙ୍କ ଜନ୍ମ ୨୭ ଜୁନ୍ ୧୮୭୨ରେ ଓ ପରଲୋକ ୯ ଫେବୃଆରୀ ୧୯୦୬ରେ, ଆମେରିକାରେ। ଏକାଧାରରେ କବି, ଔପନ୍ୟାସିକ ଓ କଥାଶିଳ୍ପୀ ଏହି ଲେଖକଙ୍କର ଲେଖାଲେଖି ଆରମ୍ଭ ହୁଏ ପିଲାଟି ଦିନରୁ। ମାତ୍ର ୧୬ ବର୍ଷ ବୟସରେ ତାଙ୍କର କବିତାସବୁ ପ୍ରକାଶପାଏ ଖବରକାଗଜରେ ଓ ସେ ଲୋକପ୍ରିୟ ହୋଇଉଠନ୍ତି, ଯେତେବେଳେ ତାଙ୍କ କବିତାକୁ ତାରିଫ୍ କରନ୍ତି 'ହାର୍ପର୍ସ ୱିକ୍ଲି'ର ସମ୍ପାଦକ ୱିଲିୟମ୍ ଡିନ୍ ହାୱେଲ୍‌ସ। ଡନ୍‌ବାରଙ୍କ ବୈଶିଷ୍ଟ୍ୟ ହେଉଛି କବିତାରେ ନିଗ୍ରୋ–ଉପଭାଷାର ସଫଳ ପ୍ରୟୋଗ। ଆଫ୍ରୋ–ଆମେରିକୀୟ ସନେଟ୍ ରଚନାରେ ସେ ହେଉଛନ୍ତି ପ୍ରଥମ ଗୁରୁତ୍ୱପୂର୍ଣ୍ଣ କବି। ତାଙ୍କ କବିତା 'Sympathy'ର ପ୍ରଥମ ଧାଡ଼ିକୁ ନେଇ ନିଜ ଆତ୍ମଜୀବନୀ 'I know why the cage bird sings' (୧୯୬୯)ର ନାମକରଣ କରିଛନ୍ତି ମାୟା ଏଞ୍ଜେଲୁ। ମାତ୍ର ୩୩ ବର୍ଷ ବୟସରେ ଏହି ପ୍ରତିଭାଦୀପ୍ତ ଲେଖକଙ୍କ ଦୁଃଖଦ ବିୟୋଗ ହୁଏ ଯକ୍ଷ୍ମା ରୋଗରେ। ସେ କହନ୍ତି: "ୱାଶିଂଟନ୍ ଏମିତି ଏକ ସହର, ଯେଉଁଠିକୁ ସାନ ସାନ ସହରର ବଡ଼ ବଡ଼ ଲୋକେ ଆସନ୍ତି ଭୋଗିବାକୁ ମୋହଭଙ୍ଗ।"

---

# କନିଆଁଦେଖା

ଲଘୁ ଗଳ୍ପ

**ପ୍ରଫୁଲ୍ଲ ବାରିକ**

ପୁଅ–ଝିଅ ଦେଖାପର୍ବ ସରିଯାଇଛି। ଉଭୟ ପକ୍ଷର ପସନ୍ଦ ପରେ ବାକିଅଛି ଔପଚାରିକତାମତେ ଜବାବପତ୍ର ହେବାର। ଆଜି ଆସିବେ ପୁଅଘର। ସବୁ ପ୍ରସ୍ତୁତି ସାରି ଅପେକ୍ଷାରେ ଝିଅର ବାପା ପର୍ଶୁରାମ ବାବୁ। ସ୍ଥାନୀୟ ପ୍ରାଇମେରୀ ସ୍କୁଲରେ ହେଡ୍‌ମାଷ୍ଟର ପର୍ଶୁରାମ ବାବୁ। ଚାକିରି ଆଉ ଦୁଇବର୍ଷ। ଗୋଟିଏ ମାତ୍ର ଝିଅ ଆଭା। ପାଞ୍ଚ ଛଅଟି ପ୍ରସ୍ତାବ ଆସି ଗଲାଣି। ପର୍ଶୁରାମ ବାବୁ ମାନସିକ ସ୍ତରରେ ବ୍ୟଥିତ। ଯେତେହେଲେ ଝିଅର ବାପା।

ଠିକ୍ ଚାରିଟାବେଳକୁ ପହଞ୍ଚିଲେ ସେମାନେ। ପର୍ଶୁରାମ ବାବୁ ରିସିଭ କରି ପାଛୋଟି ଆଣିଲେ ତାଙ୍କୁ ଘରକୁ। ଉଦ୍ଦିଷ୍ଟ ସ୍ଥାନରେ ବସେଇଲେ ଚେୟାର ଦେଇ। ସେମାନେ ଥିଲେ ଚାରିଜଣ ପୁଅର ବାପାଙ୍କ ସମେତ। ଏପଟେ ବି ଚାରିଜଣ ପର୍ଶୁରାମଙ୍କୁ ନେଇ।

ଚା ଜଳଖିଆ ଅନ୍ତେ ଆସିବା ହେଲେ ପ୍ରସଙ୍ଗକୁ। ଦବାନବା ପ୍ରସଙ୍ଗରେ ପୁଅର ବାପା ମୁହଁ ଖୋଲିଲେ– ଦବାନବାରେ କି ବ୍ୟବସ୍ଥା କରିଛନ୍ତି ଟିକେ ଶୁଣାନ୍ତୁ। ଉତ୍ତରରେ ପର୍ଶୁରାମ ବାବୁ କହିଲେ, ବ୍ୟବସ୍ଥା ଅଧିକ କ'ଣ। ସାଧାରଣରେ ଝିଅଟିଏ ବିଦାକଲେ ଯାହା, ସେଇଆ। ହେଲା ଯେ, ତେବେ ବି ଖୋଲିକି କୁହନ୍ତୁ ସର୍ବସମ୍ମୁଖରେ। ଆସିଥିବା ଲୋକ ଶୁଣିବେ।

ଝିଅବିଦାରେ ଷୋଳସଜ। ସବୁତ କହି ହେବନି ଗୋଟିଗୋଟି କରି। ତେବେ ମୁଖ୍ୟ ହେଲା, ଝିଅ ଦେହକୁ ଗହଣା। ପୁଅର ମୁଦି ଚେନ୍। ତା' ସହ ଟିଭି ଫ୍ରିଜ୍ ଆଲମିରା ଡ୍ରେସିଂଟେବୁଲ ଓ ସୋଫାସେଟ୍। ବାସ୍, ଏତିକି ଇ ମୋର ପ୍ରସ୍ତୁତି।

ପର୍ଶୁରାମ ବାବୁ କହି ଚୁପ୍ ବସିଲେ ତଳକୁ ଅନେଇ।

ଆଉ ନଗଦ କ୍ୟାଶ୍ କେତେ ଦେଉଛନ୍ତି? କହିଲେ ନାଇଁ ତ?

ପୁଅ ବାପାଙ୍କର ସିଧା ତୀର ପର୍ଶୁରାମଙ୍କ ପ୍ରତି।

ନଗଦ ଆଉ କ'ଣ? ଡ୍ରେସ୍ ବାବଦକୁ କୋଡ଼ିଏ ହଜାର। ଏକଥା କ'ଣ କୁହାଯାଏ?

ମାତ୍ର କୋଡ଼ିଏ ହଜାର? ଡ୍ରେସ୍ ଖର୍ଚ୍ଚକୁ ଛାଡ଼ି ଗୋଟେ ଲକ୍ଷ ଦିଅନ୍ତୁ। ଆପଣ ତାକୁ ନେଇ ପାରନ୍ତି ରାସ୍ତା ଖର୍ଚ୍ଚରେ। ନା କ'ଣ କହୁଛନ୍ତି?

ଏଥର ପୁଅ ବାପାଙ୍କର ମିଶାଇଲ ପର୍ଶୁରାମଙ୍କ ଉପରେ।

ଘାଇଲା ପର୍ଶୁରାମ ଏକପ୍ରକାରେ ଯୋଡ଼ ହସ୍ତେ ନିବେଦନ କଲେ– ଦେଖନ୍ତୁ, ମୁଁ ଜଣେ ପ୍ରାଇମେରୀ ଶିକ୍ଷକ। ନିଜ ସଞ୍ଚିତ ଅର୍ଥ ସହ ପିଏଫ୍‌ରୁ ଲୋନ୍ ନେଇ ଯାହା କରିବାର କରିସାରିଛି। ଏବେ ବୋଝ ଉପରେ ନଳିତାବିଡ଼ା ପରି ଲକ୍ଷେ ଟଙ୍କାର ବୋଝ ମୁଁ ପାରିବି ନାଇଁ ଉଠେଇ। କ୍ଷମା କରନ୍ତୁ ମୋତେ। ଏତିକିରେ ସନ୍ତୁଷ୍ଟ ହେଇ କର୍ମ ଚଳେଇ ନିଅନ୍ତୁ ଖୁସିରେ।

କିମିତି ହେବ? ପାଇବେ ଚାକିରିଆ ଜୋଇଁ। କ'ଣ ମାଗଣା? କେତେ ଯାଚିଛନ୍ତି। ଝିଅଟା ପସନ୍ଦ ବୋଲି ବସିବା କଥା। ଦିଅନ୍ତୁ, ନହେଲେ ଏତିକିରୁ ଇତି।

କ୍ଷତାକ୍ତ ପର୍ଶୁରାମ ପରାଜିତ ସୈନିକଟି ପରି ବସିଥାଆନ୍ତି ଧ୍ୟାନସ୍ଥ ହେଇ ତଳକୁ ମୁହଁ ପୋତି।

ନାଟକର କ୍ଲାଇମାକ୍ସରେ ସଦର୍ପେ ପ୍ରବେଶିଲା ଆଭା। ସିଧା ଆରମ୍ଭ କଲା– କ'ଣ ପାଇଁ ଆପଣ କରୁଛନ୍ତି ଡିମାଣ୍ଡ? ପୁଅ ଚାକିରି କରିଛି ବୋଲି ତ? ପୁଅର ଚାକିରି ପଇସା ତ ଆପଣଙ୍କ ଘରକୁ। ନା ଜୋଇଁ ଉପାର୍ଜନରେ ଭାଗଅଛି ଶ୍ୱଶୁରଙ୍କର? ମୁଁ ଜଣେ ବି.ଏ., ବି.ଏଡ୍। ଆଜି ଚାକିରି ମିଳିନି। କାଲିକୁ ମିଳିଲେ? ସେତେବେଳେ ଚାକିରିଆ ବୋହୂ ପାଇଲେ ବୋଲି ମୋ' ବାପା ଦେବେ କି ଦାବିପତ୍ର ଆପଣଙ୍କୁ? ମୋତେ ପଢ଼େଇ ବଢ଼େଇ ଉପଯୁକ୍ତ କରିବାରେ ବାପାଙ୍କର ବି ହେଇଚି ଖର୍ଚ୍ଚ। ଯାହା ପୁଅପାଇଁ ଯୋଡ଼ି ଏବେ ମାଗୁଛନ୍ତି ଭରଣା କରିବାକୁ। ସବୁଦିନ ପାଇଁ ମୁଁ ଯିବି ଆପଣଙ୍କ ଘରକୁ। ସେଇଠି ହେବ ମୋ' ଜୀବନର ଅନ୍ତ। ଆମ ଘର, ମୋ' ବାପା ମାଆ ରହିବେ ପଛରେ। ମୋ' ସନ୍ତାନ ହେବେ ଆପଣଙ୍କ କୁଳକୁ। ମୋତେ ଜଳାଞ୍ଜଳି ଦେବାକୁ ହେବ ମୋ' ଜନ୍ମମାଟିକୁ। ମୋତେ ଜନ୍ମ ଦେଇଥିବା ପିତା ମାତାଙ୍କୁ। ଏତିକି କ'ଣ ଯଥେଷ୍ଟ ନୁହେଁ ଜଣେ ଝିଅପାଇଁ? ମୁଁ ଆପଣଙ୍କ ଘରେ ହେବି କୁଳବଧୂ। କ୍ରୀତଦାସୀ ନୁହେଁ। ମୁଁ ବି ଅପଙ୍ଗ, ଅକ୍ଷମ ନୁହେଁ। ବର୍ଷକ ଭିତରେ ଚାକିରି କରି ମୋ' ଉପାର୍ଜନ ଟେକିଦେବି ମାସକୁ ମାସ ଆପଣଙ୍କୁ। ସେଥିରେ ରହିବ ନାଇଁ ଭାଗ ମୋ' ବାପାଙ୍କର। କ'ଣ ପାଇଁ ତେବେ ଏ ଜୁଲମ? ଜାଣନ୍ତି, ଅବଗତ ଅଛନ୍ତି ଯୌତୁକ ନିରୋଧ ଆଇନ ସମ୍ପର୍କରେ? ଅଧିକ କହିବାକୁ ଚାହୁଁନି। ମୋତେ ଆପଣ ଯାହାବି ଭାବିପାରନ୍ତି। ବାଧ ହେଇ ବାପାଙ୍କ କାକୁସ୍ଥପଣରେ ମୁହଁ ଖୋଲିଲି ମୁଁ। ବିଚାର ଆପଣଙ୍କର।



ଯେମିତି ଆସିଥିଲା, ଝଡ଼ ପରି ପ୍ରସ୍ଥାନ କଲା ଆଭା ସେଠୁ। ଉପସ୍ଥିତ ଭଦ୍ରଲୋକ ଉଭୟ ପକ୍ଷର ଚୁପ୍‌ଚାପ୍। କିଂକର୍ତ୍ତବ୍ୟବିମୂଢ଼। ମୌନତା ଭାଙ୍ଗି ବର ପକ୍ଷର ବୟସ୍କ ଜଣେ କହିଲେ, ମୁଁ ଖୁସି ଝିଅର ସାହସିକତାରେ। ତାଙ୍କ କହିବା କଥା ଅକ୍ଷରେ ଅକ୍ଷରେ ସତ। ଏଥିରେ ଦ୍ୱିଧା ନାହିଁ। ଦୋହରେଇବାକୁ ଚାହୁଁନି ମୁଁ। ଆଶା, ସମସ୍ତେ ବିନା ଦ୍ୱିଧାରେ ସ୍ୱୀକାର କରିବେ। ନାରୀ ଆଜି ଆଉ ନାଇଁ ଘରକୋଣରେ ଦ୍ରବ୍ୟ ହେଇ। ସମାଜରେ ସିଏ ବି ଏକ ବଳିଷ୍ଠ ଅଙ୍ଗ। ତାଙ୍କର ବି ସ୍ୱାଧୀନତା ଅଛି– କଥାରେ, କାମରେ, ସବୁଥିରେ। ପୁଅର ବାପାଙ୍କୁ ଇଙ୍ଗିତ କରି କହିଲେ, ଏହାଠୁ ଆଉ ଉପଯୁକ୍ତ ବୋହୂ ପାଇବନି। ଖୁସିରେ ନେଇଯାଅ ବୋହୂକରି। ତମ ପରିବାର ପାଇଁ ଆଉ ଚିନ୍ତା କରିବାକୁ ପଡ଼ିବନି ତମକୁ। ମୋ ମନ କହୁଛି, ବୋହୂ ତମର ସମ୍ଭାଳି ନେବ ଘର।

ମୋ: ୯୨୩୮୯୨୦୪୦୫

# ଶୁବମନଙ୍କ ଯୁଗର ଶୁଭାରମ୍ଭ

## ଜୟସ୍ୱାଲଙ୍କ ଶତକ, ଭାରତ ଦୃଢ଼



ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

**ଲିଡ୍ସ, ୨୦।୬**

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତର ଆରମ୍ଭ ଭଲ ହୋଇଛି। ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଏବଂ ଗିଲ୍‌ଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ୫୫ ଓଭର ବେଳକୁ ୩ ଉଇକେଟ ହରାଇ ୨୨୯ ରନ ସଂଗ୍ରହ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ। ମାତ୍ର ଯୁବ ବ୍ୟାଟର ଜୟସ୍ୱାଲଙ୍କ ସହ ଅଭିଜ୍ଞ ଲୋକେଶ ରାହୁଲ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଭାରତକୁ ଦୃଢ଼ ଭିତ୍ତି ଦେଇଥିଲେ। ଦୁହେଁ ଓପନିଂ ଯୋଡ଼ିରେ ୧୫୧ ବଲ୍‌ରୁ ୯୧ ରନର ପାର୍ଟନରିଶିପ୍ ଗଢ଼ିଥିଲେ। ୨୫ତମ ଓଭରର ୫ମ ବଲ୍‌ରେ ରାହୁଲଙ୍କୁ ଜୋ ରୁଟ୍‌ଙ୍କ ହାତରେ କ୍ୟାଚ କରାଇ ଇଂଲଣ୍ଡକୁ ବହୁ ପ୍ରତୀକ୍ଷିତ ବ୍ରେକ୍‌ଥ୍ରୁ ଦେଇଥିଲେ ବ୍ରେଡନ କାର୍ସ। ମାତ୍ର ୧ ରନ ବ୍ୟବଧାନରେ ଭାରତ ୨ଟି ଉଇକେଟ ହରାଇବାରୁ ମୋମେଣ୍ଟମ ଇଂଲଣ୍ଡ ଆଡ଼କୁ ଢଳିଥିଲା। କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳିଥିବା ସାଇ ସୁଦର୍ଶନ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିଲେ। ଅର୍ଥାତ୍ ୯୧ ରନରେ ପ୍ରଥମ ଏବଂ ୯୨ ରନରେ ଦ୍ୱିତୀୟ ଉଇକେଟ ହରାଇଥିଲା ଭାରତ। ଗିଲ୍ କ୍ରିଜରେ ଯୋଗଦେଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ସେ ଇଂଲଣ୍ଡର ବାଜ୍‌ବଲ ଷ୍ଟାଇଲ୍‌ରେ ମାତ୍ର ୫୬ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଜୟସ୍ୱାଲ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ମଧ୍ୟଭାଗରେ ଭାରତ ଶୀଘ୍ର ୨ଟି ଉଇକେଟ ହରାଇଥିଲେ ମଧ୍ୟ ବିଚଳିତ ନ ହୋଇ ଜୟସ୍ୱାଲ ଇଂଲଣ୍ଡ ବୋଲରଙ୍କୁ ସଫଳ ମୁକାବିଲା ସହ ଭାରତ ଇନିଂସକୁ ଆଗେଇ ନେଇଥିଲେ। ୧୪୪ ବଲ୍‌ର ସମ୍ମୁଖୀନ ହୋଇ ଶତକ ପୂରଣ କରିଥିଲେ ଏହି ଯୁବ ବ୍ୟାଟର। ନିଜ ଇନିଂସ ମଧ୍ୟରେ ସେ ୧୬ ଚୌକା ଓ ୧ ଛକା ମାରିଥିଲେ। ଇଂଲଣ୍ଡରେ ନିଜର ପ୍ରଥମ ଇନିଂସରେ ସେ ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ତାଙ୍କର ୫ମ ଶତକ। ୫୧ତମ ଓଭରରେ ଷ୍ଟୋକ୍ସଙ୍କ ଏକ ବଲ୍‌କୁ ଜୟସ୍ୱାଲ ଖେଳିଥିବାବେଳେ ବଲ୍‌ଟି ଉଇକେଟ କିପରଙ୍କ ପଛପଟେଥିବା ହେଲମେଟରେ ବାଜିଥିଲା। ଫଳରେ ଇଂଲଣ୍ଡକୁ ପେନାଲ୍ଟି ସ୍ୱରୂପ ଭାରତକୁ ୫ ରନ ଦିଆ ଯାଇଥିଲା। ପ୍ରଥମ ଦିବସର ଲଞ୍ଚ୍ ବେଳକୁ ଭାରତ ୨ ଉଇକେଟରେ ୯୨ ଏବଂ ଚା’ ବିରତି ବେଳକୁ ଆଉ କୌଣସି ଉଇକେଟ ନ ହରାଇ ୨୧୫ ରନରେ ପହଞ୍ଚିଥିଲା। ତୃତୀୟ ଉଇକେଟରେ ୧୬୪ ବଲ୍‌ରୁ ୧୨୯ ରନର ଭାଗୀଦାରି ପରେ ଜୟସ୍ୱାଲଙ୍କ ଇନିଂସର ପରିସମାପ୍ତି ଘଟିଥିଲା। ବେନ୍ ଷ୍ଟୋକ୍ସଙ୍କ ଏକ ଲେନ୍ଥ ବଲ୍‌କୁ ସେ ଖେଳିବାକୁ ଯାଇ ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ୧୫୯ ବଲ୍‌ରୁ ସେ ୧୦୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଟି ଏବଂ ବ୍ରେଡନ କାର୍ସ ଗୋଟିଏ ଉଇକେଟ ନେଇଥିଲେ।



ନିଜ ନେତୃତ୍ୱର ପ୍ରଥମ ଇନିଂସରେ ସଫଳ ଶୁବମନ ଗିଲ୍।

### ମ୍ୟାଚ ପୂର୍ବରୁ ନୀରବ ପ୍ରାର୍ଥନା

ଭାରତ-ଇଂଲଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ଅହମଦାବାଦରେ ଅନୁଷ୍ଠିତ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଜୁନ ୧୨ରେ ଅହମଦାବାଦରୁ ଲଣ୍ଡନ ଯାତ୍ରା କରୁଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୪୧ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କ ସହ ମୋଟ ୨୭୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ସେମାନଙ୍କ ସ୍ମୃତିରେ ଉଭୟ ଦଳର ଖେଳାଳିମାନେ କଳା ଆମ୍ବ୍ରବ୍ୟାଣ୍ଡ ମଧ୍ୟ ପରିଧାନ କରିଥିଲେ।

**ଭାରତ ତୀର୍ଥ ସାଥୀ ପ୍ୟାକେଜ୍**

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.୯୪୩୭୭୫୩୫୮୮/୯୬୯୨୫୭୪୯୬୨

୧ମ ଯାତ୍ରା (ଉତ୍ତର ଭାରତ): ତା.୩୦.୦୮.୨୦୨୫ ରେ ପୁରୀ, ଭୁବନେଶ୍ୱରରୁ ବାହାରି ଦିବା ୧୨ ଘଟିକାରେ ଏହ୍ଲାବାଦ, ତ୍ରିବେଣୀ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ, ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା, ଦିଲ୍ଲୀ, ଜାମ୍ମୁ-ବୈଷ୍ଣୋଦେବୀ, ଅମୃତସର, ହରିଦ୍ୱାର, ଋଷିକେଶ, ବଦ୍ରିନାଥ, କେଦାରନାଥ, ଅଯୋଧ୍ୟା (ନୂତନ ମନ୍ଦିରରେ ରାମଲାଲାଙ୍କ ଦର୍ଶନ), ବାରାଣସି, କାଶୀବିଶ୍ୱନାଥ (ଜ୍ୟୋତିର୍ଲିଙ୍ଗ), ଗୟାରେ ପିଣ୍ଡଦାନ କରି ତା.୧୫.୦୯.୨୦୨୫ରେ ପୁରୀ ପହଞ୍ଚିବେ ଓ ଯାତ୍ରା ଶେଷ। ୨ୟ ଯାତ୍ରା (ଉତ୍ତର ଭାରତ): ତା.୧୮.୦୯.୨୦୨୫ରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ଏହ୍ଲାବାଦ୍, ପ୍ରୟାଗରାଜରେ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ, ଅଯୋଧ୍ୟା ରାମଲାଲାଙ୍କ ଦର୍ଶନ, ପିତୃପକ୍ଷ ମହାଳୟା ଅମାବାସ୍ୟାଦିନ ଗୟା ପିଣ୍ଡ, ବାରାଣସି, କାଶୀ-ବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ, ହରିଶ୍ଚନ୍ଦ୍ର ଘାଟ, ତୁଳସୀମାନସ ମନ୍ଦିର ଇତ୍ୟାଦି ଏଠାରୁ ଯାତ୍ରା ଶେଷକରି ତା.୨୩.୦୯.୨୦୨୫ରେ ପୁରୀ ପହଞ୍ଚିବେ। ୩ୟ ଯାତ୍ରା (ଦକ୍ଷିଣ ଭାରତ): ତା.୧୧.୧୦.୨୦୨୫ରେ ଭୁବନେଶ୍ୱର ଷ୍ଟେସନରୁ ଯାତ୍ରା ଆରମ୍ଭ କରି ତିରୁପତି, ମାନ୍ଦ୍ରାଜ, ମଦୁରାଇ, ମିନାକ୍ଷୀ, ରାମେଶ୍ୱର ଧାମ, (ଜ୍ୟୋତିର୍ଲିଙ୍ଗ), ତ୍ରିଭେନ୍ଦ୍ରମ୍-ପଦ୍ମନାଭ ସ୍ୱାମୀ, କନ୍ୟାକୁମାରୀ, ବାଙ୍ଗାଲୋର-ମହୀଶୂର, ଶ୍ରୀଶୈଳମ୍-ମଲ୍ଲିକାର୍ଜୁନ (ଜ୍ୟୋତିର୍ଲିଙ୍ଗ) ହୋଇ ତା.୨୪.୧୦.୨୦୨୫ରେ ଭୁବନେଶ୍ୱର ପହଞ୍ଚିବେ। ୪ର୍ଥ ଯାତ୍ରା: (ପଶ୍ଚିମ ଭାରତ) ତା.୦୨.୧୧.୨୦୨୫ରେ ଭୁବନେଶ୍ୱରରୁ ବାହାରି ଢେଙ୍କାନାଳ, ସମ୍ବଲପୁର ହୋଇ ଉଜ୍ଜୟିନୀ, ମହାକାଳେଶ୍ୱର, ଇନ୍ଦୋର-ଓଁକାରେଶ୍ୱର ଉଭୟ ଜ୍ୟୋତିର୍ଲିଙ୍ଗ, ଆଜମିର୍ ପୁଷ୍କର ତୀର୍ଥ, ମାଉଣ୍ଟଆବୁ, ଅହମ୍ମଦାବାଦ, ଏଠାରୁ ୧୮୪ ମିଟର ଉଚ୍ଚତା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଷ୍ଟାଚୁ ଦେଖି ଆସିବେ (ନିଜ ଖର୍ଚ୍ଚରେ), ସୋମନାଥ (ଜ୍ୟୋତିର୍ଲିଙ୍ଗ), ପ୍ରଭାସ ତୀର୍ଥ, ବାଲୁକା ତୀର୍ଥ, ଦ୍ୱାରକା, ଜଳଦ୍ୱାରକା, ନାଗେଶ୍ୱର, ଜ୍ୟୋତିର୍ଲିଙ୍ଗ, ନାସିକ୍, ପଞ୍ଚବଟୀ, ତ୍ର୍ୟମ୍ବକେଶ୍ୱର (ଜ୍ୟୋତିର୍ଲିଙ୍ଗ) ଘୃଷ୍ଣେଶ୍ୱର (ଜ୍ୟୋତିର୍ଲିଙ୍ଗ) ଶନିସିଙ୍ଗ୍ନାପୁର, ଶିରିଡି ସାଇ, ଭୀମାଶଙ୍କର (ଜ୍ୟୋତିର୍ଲିଙ୍ଗ) ହୋଇ ଭୁବନେଶ୍ୱରରେ ତା.୧୬.୧୧.୨୦୨୫ରେ ପହଞ୍ଚିବେ ଓ ଯାତ୍ରା ଶେଷ। ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ଓ ଉତ୍ତମ ବ୍ୟବହାର। ଟିକେଟର ମୂଲ୍ୟ : ତ୍ରିତଳ ଶୟନ ଯାନ ରେଳ ଭଡ଼ା+ଦୁଇବେଳା ଖାଦ୍ୟ+ଧର୍ମଶାଳା ରହଣି+ଦର୍ଶନୀୟ ସ୍ଥାନ ଭ୍ରମଣ ସହ ଜଣ ପ୍ରତି ୧ମ ଯାତ୍ରା/୩ୟ ଓ ୪ର୍ଥ ପ୍ରତ୍ୟେକ-୧୮,୫୦୦ ଲେଖାଏଁ ୨ୟ ଯାତ୍ରା-୮,୫୦୦/-

ଯୋଗାଯୋଗ: ଭୁବନେଶ୍ୱର-୯୭୭୮୮୯୬୫୪୦, କଟକ-୭୦୦୮୬୯୩୦୪୪, ଚଣ୍ଡିଖୋଲ-୯୬୬୮୫୮୦୧୪୪, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ଖୋର୍ଦ୍ଧା-୯୯୩୭୨୭୫୨୫୮, ଢେଙ୍କାନାଳ-୯୩୩୭୧୬୩୫୫୧, ଚୌଦ୍ୱାର-୬୩୭୦୨୫୨୮୧୧, ରାଉରକେଲା-୮୬୩୭୨୩୯୯୪୯, ଅନୁଗୁଳ-୭୦୦୮୫୮୭୪୧୭

ତା.୨୦.୦୮.୨୦୨୫ ନଦୀୟା ନବଦ୍ୱୀପ ଧାମ, ମାୟାପୁରୀ, ବାବା ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) କଲିକତା ହୋଇ ତା.୨୫.୦୮.୨୦୨୫ରେ ଫେରିବେ। ଟିକଟର ମୂଲ୍ୟ - ଟ.୮,୫୦୦/-

ସବିଶେଷ ବିବରଣୀ ପାଇଁ ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ।

## କମଲି, ଶ୍ରୀକାନ୍ତ ବିଜେତା

**ମାଙ୍ଗାଲୋର, ୨୦।୬**

୨୦୨୫ ନ୍ୟାଶନାଲ ସର୍ଫିଙ୍ଗ୍ ଚାମ୍ପିୟନଶିପ୍ ସିରିଜର ଦ୍ୱିତୀୟ ଚରଣ ୬ଷ୍ଠ ଇଣ୍ଡିଆନ ଓପନ ସର୍ଫିଙ୍ଗ୍ ଶୁକ୍ରବାର ମାଙ୍ଗାଲୋରରେ ଶେଷ ହୋଇଛି। ଏହାର ପୁରୁଷ ବର୍ଗରେ ତାମିଲନାଡୁର ଶ୍ରୀକାନ୍ତ ଡି. ବିଜେତା ହୋଇଥିବାବେଳେ କମଲି ମୂର୍ତ୍ତି ଉଭୟ ୧୬ ବର୍ଷରୁ କମ୍ ବାଳିକା ଓ ମହିଳା ବର୍ଗରେ ଟାଇଟଲ ବଜାୟ ରଖିଛନ୍ତି। ତାମିଲନାଡୁର ପ୍ରହ୍ଲାଦ ଶ୍ରୀରାମ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ସର୍ଫିଙ୍ଗ ସ୍ୱାମୀ ଫାଉଣ୍ଡେଶନ, ମନ୍ତ୍ରା ସର୍ଫ କ୍ଲବ ଓ ସର୍ଫିଙ୍ଗ୍ ଫେଡେରେଶନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ତାମିଲନାଡୁ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ପ୍ରତିଯୋଗିତା ପ୍ରକୃତରେ ମେ ୩୦ରୁ ଜୁନ୍ ୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ମାଙ୍ଗାଲୋରରେ ପ୍ରତିକୂଳ ପାଗ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ଏହାକୁ କ୍ଲୋଜ୍ ଡୋର୍ସ ଅର୍ଥାତ୍ ବିନା ଦର୍ଶକରେ ଆୟୋଜନ କରାଯାଇଥିଲା। କେବଳ ଅଂଶଗ୍ରହଣକାରୀ ଓ ଅଫିସିଆଲଙ୍କୁ ଅନୁମତି ଥିଲା। ଗତବର୍ଷ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀକାନ୍ତ ଏଥର ଚମତ୍କାର ପ୍ରଦର୍ଶନ କରି ୧୪.୬୩ ପଏଣ୍ଟ ସହିତ ଚାମ୍ପିୟନ ହୋଇଥିଲେ। ଜାତୀୟ ଚାମ୍ପିୟନ ରମେଶ ବୁଡିଲାଲ ୧୧.୮୭ ପଏଣ୍ଟ ସହିତ ଦ୍ୱିତୀୟ ଏବଂ ଶିବରାଜ ବାବୁ (୯.୭୭) ଓ ସଞ୍ଜୟ ସେଲଭାମନି (୭.୦୭) ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। କମଲି ମହିଳା ବର୍ଗରେ ୧୩.୩୩ ଓ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ୧୫.୫୦ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଥିଲେ।

## ୯ ପଦକ ସହ ଫେରିଲା ଭାରତ

**ସିଙ୍ଗାପୁର, ୨୦।୬ (ପି.ଟି.)**

ଭାରତର ଜୁନିୟର ତୀରନ୍ଦାଜମାନେ ଏଠାରେ ଚାଲିଥିବା ଏସିଆ କପ୍ ଲେଗ୍-୨ରେ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧ ବ୍ରୋଞ୍ଜ ସମେତ ମୋଟ ୯ ପଦକ ସହ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିକର୍ଭ ଓ କମ୍ପାଉଣ୍ଡ ବିଭାଗରେ ଭାରତ ୧୦ଟାରୁ ୭ଟିରେ ଫାଇନାଲକୁ ଉନ୍ନୀତ ହୋଇଥିଲେ ମଧ୍ୟ ଦୁଇଟିରେ ପୋଡିୟମ ଟପ୍‌ରେ ରହିପାରିଥିଲେ। ଅବଶିଷ୍ଟ ଫାଇନାଲରେ ଭାରତୀୟମାନେ ଚାପରେ ପରାଜୟ ବରଣ କରିଥିଲେ। ଟପ୍ ସିଡ୍ କୁସାଲ ଦଲାଲ ପୁରୁଷ ବ୍ୟକ୍ତିଗତ ଫାଇନାଲରେ ୨୨ତମ ସିଡ୍ ଅଷ୍ଟ୍ରେଲିଆର ଜୋଶୁଆ ମାନନଙ୍କୁ ୧୪୯-୧୪୩ ରେ ହରାଇ ଦେଇଥିଲେ। ଏହି ଇଭେଣ୍ଟରେ ଭାରତ ପାଇଁ ଏକ ବ୍ରୋଞ୍ଜ ପଦକ ଆଣିଦେଇଥିଲେ ଏଠାରେ ୧୦ମ ସିଡ୍ ସଚିନ ଚେଚି। ଏକ ସଂଘର୍ଷପୂର୍ଣ୍ଣ ପ୍ଲେ-ଅଫ୍‌ରେ ସେ ଚତୁର୍ଥ ସିଡ୍ ହିମୁ ବଛାରଙ୍କୁ ୧୪୮-୧୪୬ରେ ହରାଇ ଦେଇଥିଲେ।

MARUTI SUZUKI
NEXA
₹9 999 PER MONTH TO DRIVE THE GRAND VITARA.
THE DEAL OF A LIFETIME.







3 years 100 000 km WARRANTY* EXTENDABLE UPTO 6 YEARS

BENEFITS UP TO ₹ 2 10 000*
SCRAPPAGE BONUS AVAILABLE AGAINST VALID CERTIFICATE OF DEPOSIT.
SCAN TO CONNECT TO A SHOWROOM NEAR YOU
E-BOOK TODAY @ WWW.NEXAEXPERIENCE.COM
Contact us at 1800-200-6392 1800-102-6392
For any bulk purchase enquiries please email to renjith.nair@maruti.co.in

Visit your nearest dealership for full terms and conditions. Creative visualization is used in imagery. For details on safety features (including airbags), refer owner's manual. NEXA dealers exclusively provide all offers, which vary by model and variant. Offers are valid only while supplies last. Not valid on CNG variants. Maruti Suzuki may withdraw offers without notice. Features and accessories shown can vary by variant. Vehicle's black glass appearance is due to lighting. *Warranty: 3 years or 1 00000 km, whichever occurs first. 'EMI @ Rs 9 999' is a scheme illustration for upgrade from Brezza to Grand Vitara sigma variant. Balloon Finance EMI is calculated @ 9.5% rate of interest, Balloon EMI is 30% of the total loan amount and loan tenure of 5 years. Balloon Finance Scheme provided by select financiers. Finance at the sole discretion of financier and may vary basis customer profile. Assured Value Program available for tenure of 3/ 4/ 5 years. Cash discount is not applicable for customers in lieu of "Zero Amount" extended warranty.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ